

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରବାର ୨୮ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 28 OCTOBER 2021

Vol.No. 32 ■ No. 274 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପେଗାସସ୍ ମାମଲା : ସରକାରଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୭/୧୦: ପେଗାସସ୍ ମାମଲାର ହେବ ଯାଞ୍ଚ । ଏକ ଏକ୍ସପର୍ଟ କମିଟି ମାମଲାର ଯାଞ୍ଚ କରିବ । ସୁପ୍ରିମକୋର୍ଟ ଆଜି ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ତିନି ଜଣିଆ କମିଟିର ଅଧକ୍ଷତା କରିବେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଆରବି. ରବିନ୍ଦ୍ରନ୍ । ଆଲୋକ ଯୋଶୀ ଓ ସନ୍ଦୀପ ଅବରାୟ ସଦସ୍ୟ ରହିବେ । ୮ ସପ୍ତାହ ମଧ୍ୟରେ ଏହି କମିଟି ରିପୋର୍ଟ ଦେବ । ଏହି ଏକ୍ସପର୍ଟ କମିଟିରେ ସାଇବର, ଫରେନ୍ସିକ୍ ଏକ୍ସପର୍ଟ ଓ ଆଇଟି ବିଶେଷଜ୍ଞ ରହିବେ । ପେଗାସସ୍ ମାମଲାରେ ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ । ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ବ୍ୟକ୍ତିଗତ ଗୋପନୀୟତାରେ ହସ୍ତକ୍ଷେପ କରିପାରିବେନି ସରକାର । ଗତ ସେପ୍ଟେମ୍ବର ୧୩ ତାରିଖରେ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ କୋର୍ଟ । କେନ୍ଦ୍ର ପକ୍ଷରୁ କୁହାଯାଇଥିଲା, ଏହା ସାର୍ବଜନୀନ ଚର୍ଚ୍ଚାର ବିଷୟ ନୁହଁ । ପେଗାସସ୍ ଗୁଇନ୍ଦାଗିରି ମାମଲାରେ ନିରପେକ୍ଷ ଯାଂଚ ପାଇଁ ୧୫ଟି ଆବେଦନ ହୋଇଥିଲା ।

## ଖେଳରତ୍ନ ପାଇଁ ୧୧ ଜଣ ଖେଳାଳିଙ୍କ ନାଁ ସୁପାରିଶ

ନୂଆଦିଲ୍ଲୀ,୨୭/୧୦: ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପାଇଁ ମନୋନୀତ ହେଲେ ୧୧ ଜଣ ଭାରତୀୟ ଖେଳାଳି । ବୁଧବାର ନ୍ୟାସନାଲ ସ୍ପୋର୍ଟସ୍ ଆୱାର୍ଡ କମିଟି ଏହି ୧୧ ଜଣ ଖେଳାଳିଙ୍କ ନାଁ ଖେଳରତ୍ନ ପାଇଁ ସୁପାରିସ କରିଛି । ତେବେ ଦେଶର ଏହି ସର୍ବୋଚ୍ଚ ଖେଳ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି ସୁନାପୁଅ ନୀରଜ ଚୋପ୍ରା । ତାଙ୍କ ସହିତ ଟୋକିଓରେ ଦେଶର ଟେକ ରଖିଥିବା ରବି ଦହିୟା, ଭାରତୀୟ ହକି ଦଳର ଗୋଲ କିପର ପି.ଆର. ଶ୍ରୀଜେଶ ଓ ଲଭଲିନା ମଧ ଖେଳରତ୍ନ ପାଇବାକୁ ମନୋନୀତ ହୋଇଛନ୍ତି । ତାଙ୍କ ସହିତ ଭାରତୀୟ ମହିଳା କ୍ରିକେଟର ମିଥାଲି ରାଜ, ଫୁଟବଲ ଖେଳାଳି ସୁନୀଲ ଛେତ୍ରୀ ମଧ ଭାରତର ଏହି ସର୍ବୋଚ୍ଚ ଖେଳ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି । ୨୦୨୧ ଅଲିମ୍ପିକ୍ସ ଭାରତ ପାଇଁ ଗର୍ବ ଓ ଗୌରବ ଆଣିଥିଲା । ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଖେଳାଳିମାନେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ । ଯାହାପରେ ଏହି ଖେଳାଳିମାନଙ୍କୁ ଏବେ ଖେଳରତ୍ନ ସମ୍ମାନ ଦେବାକୁ ମନୋନୀତ କରାଯାଇଛି । ତେବେ ପାରାଲିମ୍ପିକ୍ ଅଭନି ଲେଖାରାଙ୍କ ନାଁ ମଧ ଖେଳରତ୍ନ ପାଇଁ ମନୋନୀତ ହୋଇଛି । ତାଙ୍କ ସହିତ ଓଡିଆ ପୁଅ ନୀରଜ ଚୋପ୍ରା ମଧ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ।

## ଆରୟନଙ୍କୁ ମିଳିଲାନି ଜାମିନ୍

ମୁମ୍ବାଇ,୨୭/୧୦ (ନି.ପ୍ର): ଡ୍ରଗ୍ସ କେସ୍ ମାମଲାରେ ଆର୍ଯ୍ୟନ୍ ଖାନ୍ଙ୍କୁ ମିଳିଲାନି ଆଶ୍ୱସ୍ତି । ତାରିଖ ଉପରେ ତାରିଖ ଯାଉଛି ଗଡି, ହେଲେ ମିଳୁନି ବେଲ୍ । ପୁଣିଥରେ କାଲିକୁ ଘୁଞ୍ଚିଲା ତାଙ୍କ ଜାମିନ ଆବେଦନର ଶୁଣାଣି । ବମ୍ବେ ହାଇକୋର୍ଟରେ ତାଙ୍କର ଆଜି ଜାମିନ ଆବେଦନର ଶୁଣାଣି ଅସମାପ୍ତ ରହିଛି । ଆସନ୍ତା କାଲି ୩ଟାରେ ଏହି ମାମଲାର ଶୁଣାଣି ହେବ । ଆର୍ଯ୍ୟନ୍ଙ୍କୁ ଆହୁରି ଦିନେ ଜେଲ୍ରୁ ମୁକୁଳିବା ପାଇଁ ଅପେକ୍ଷା କରିବାକୁ ପଡିପାରେ । ଆର୍ଯ୍ୟନ୍, ମୁନ୍‌ମୁନ୍ ଧମେଚା ଏବଂ ଅରବାଜ ମର୍ଚ୍ଚାଣ୍ଟଙ୍କ ଜାମିନ ପାଇଁ ତାଙ୍କ ଓକିଲଙ୍କ ତରଫରୁ କୋର୍ଟରେ ଯୁକ୍ତି ସରିଛି । ଆସନ୍ତାକାଲି ଏନ୍‌ସିବି ବିଚାରପତିଙ୍କ ଆଗରେ ନିଜ ପକ୍ଷ ରଖିବ ଏନ୍‌ସିବି । ଘଣ୍ଟେ ଭିତରେ ନିଜ ଯୁକ୍ତି ସାରିବାକୁ ଏନ୍‌ସିବି ତରଫରୁ ଆଡିସନାଲ ସଲିସିଟର ଜେନରାଲ ଅନୀଲ ସିଂ କହିଛନ୍ତି । ତେବେ ଗୁରୁବାର ହିଁ ଆର୍ଯ୍ୟନ୍ଙ୍କୁ ଜାମିନ ମିଳିପାରେ ବୋଲି ଆଶା କରାଯାଉଛି । ଗତକାଲି ଭଳି ଆର୍ଯ୍ୟନ୍ ଜାମିନ ଆବେଦନ ମାମଲାର ଶୁଣାଣି ବେଳେ ବମ୍ବେ ହାଇକୋର୍ଟରେ ହାଇଡ୍ରାମା ହୋଇଥିଲା । ପୂର୍ବତନ ଆଟର୍ଣ୍ଣି ଜେନେରାଲ ମୁକୁଲ ରୋହତଗି ଆର୍ଯ୍ୟନ୍ଙ୍କ ଜାମିନ ଦେବା ପାଇଁ କଳେବେଳ କୌଶଳେ ଲାଗି ପଡିଥିବା ବେଳେ ଏନ୍‌ସିବି କିନ୍ତୁ ବିରୋଧ କରୁଛି । ମୁମ୍ବାଇ କ୍ରୁଜ ରେଭ୍‌ପାର୍ଟି ମାମଲାରେ ଧରା ପଡିବା ପରେ ଅକ୍ଟୋବର ୨ରେ ଗିରଫ ହୋଇ ମୁମ୍ବାଇର ଆର୍ଥର ରୋଡ ଜେଲରେ ଆର୍ଯ୍ୟନ ଖାନ । ବମ୍ବେ ହାଇକୋର୍ଟରେ ମଙ୍ଗଳବାର ଠାରୁ ତାଙ୍କ ଜାମିନ ଆବେଦନର ଶୁଣାଣି ଜାରି ରହିଛି । ଏହାପୂର୍ବରୁ ସେସନ୍ କୋର୍ଟ ଏବଂ ମାଜିଷ୍ଟ୍ରେଟ୍ କୋର୍ଟ ଆର୍ଯ୍ୟନ୍ ଖାନଙ୍କୁ ଜାମିନ ପ୍ରଦାନ କରିବାକୁ ମନା କରିଦେଇଥିଲେ । ଆର୍ଯ୍ୟନ୍ ଗତ ୨୪ଦିନ ହେଲା ଜେଲ୍‌ରେ ଅଛନ୍ତି ।



## ରାଜଧାନୀରେ ମିଳୁଛି ମିଛ କୋଭିଡ୍ ପଜିଟିଭ୍ ରିପୋର୍ଟ

ଭୁବନେଶ୍ୱର,୨୭/୧୦(ନି.ପ୍ର): ରାଜଧାନୀରେ ମିଛ କୋଭିଡ୍ ରିପୋର୍ଟ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏନେଇ ଏବେ ରିପୋର୍ଟ ମାଗିଛି ବିଏମସି । ସମ୍ପୃକ୍ତ ଜେନ୍-ଏକ୍ସ ଡାଇଗ୍ନୋଷ୍ଟିକକୁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଆସନ୍ତା ୩ ଦିନ ଭିତରେ ବିଏମସିକୁ ଏନେଇ କାରଣ ଦର୍ଶାଇବାକୁ ନୋଟିସ୍ ଜାରି କରାଯାଇଛି । ତେବେ ତାଙ୍କ ଲାଇସେନ୍ସକୁ କାହିଁକି ରଦ୍ଦ କରାଯିବନି ସେନେଇ ଉତ୍ତର ମାଗିଛି ଭୁବନେଶ୍ୱର ମହାନଗର ନିଗମ । ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରରେ କୋଭିଡ୍ ରିପୋର୍ଟକୁ ନେଇ ଏକ ରିପୋର୍ଟ ପ୍ରକାଶ କରିଥିଲା ସମ୍ବାଦ । ଯେଉଁଥିରେ ଜଣେ ଦଲାଲକୁ ଫୋନ କରି, ପଜିଟିଭ୍ ରିପୋର୍ଟ ଦରକାର ବୋଲି କୁହାଯାଇଥିଲା । ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ବୋଲି ପଚାରିବାରୁ, ଲ୍ୟାବ ଅନୁଯାୟୀ ରେଟ୍ ଅଲଗା ଅଲଗା ରହିଥିବା କହିଥିଲେ ଦଲାଲ । ତେବେ ଫୋନରେ କଥାବାର୍ତ୍ତା ପରେ ହ୍ୱାଟ୍ସଆପରେ ଆଧାରକାର୍ଡ ଦିଆଯିବା ସହ ଗୁଗୁଲ ପେ'ରେ ୧୨ଶହ ଟଙ୍କା ▶▶ପୃଷ୍ଠା ୭

## କ୍ରୁଜ୍ ଡ୍ରଗ୍ସ କେସ୍ ମାମଲା : ସମୀର ୱାଙ୍ଖଡେଙ୍କ ବିରୋଧରେ ନୱାବ ମଲ୍ଲିକଙ୍କ ଆଉ ଏକ ଅଭିଯୋଗ



ନୂଆଦିଲ୍ଲୀ,୨୭/୧୦: କ୍ରୁଜ୍ ଡ୍ରଗ୍ସ କେସ୍ ମାମଲାରେ ଏନସିପି ନେତା ତଥା ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲ୍ଲିକଙ୍କ ଆଉ ଏକ ଅଭିଯୋଗ । ଏନସିବି ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖଡେଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି, ଯେଉଁ ଦିନ ଏନସିବି କ୍ରୁଜରେ ରେଡ୍ କରିଥିଲା, ସେହି ସମୟରେ ଏକ ଅନ୍ତର୍ରାଷ୍ଟ୍ରୀୟ ଡ୍ରଗ୍ସ ମାଫିଆ ଉପସ୍ଥିତ ଥିଲା । ଦାଢି ରଖିଥିବା ଏହି ଡ୍ରଗ୍ସ ମାଫିଆ ପାଖରେ ପିସ୍ତଲ ମଧ ଥିଲା । ସେହି ଡ୍ରଗ୍ସ ମାଫିଆ ତିହାର ଜେଲରେ ଥିବା ସେ ଅଭିଯୋଗ କରିଛନ୍ତି । ଏନସିବି ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖଡେ ସହ ତାର ଘନିଷ୍ଠତା ଥିବା ଅଭିଯୋଗ କରିଛନ୍ତି ନୱାବ ମଲ୍ଲିକ । ଏମାନେ ସମସ୍ତେ ମିଶି ଡ୍ରଗ୍ସ ପାର୍ଟିର ଆୟୋଜନ କରିଥିଲେ । ହେଲେ ଚଢାଉ ସମୟରେ ଏନସିବି ଅଧିକାରୀ ଦାଢି ରଖିଥିବା ସେ ଅନ୍ତର୍ରାଷ୍ଟ୍ରୀୟ ମାଫିଆଙ୍କୁ ଛାଡି ଦେଇଥିଲେ । କିଛି ବଛା ବଛା ଲୋକଙ୍କୁ ଗିରଫ କରାଯାଇଥିଲା । କ୍ରୁଜର ସିସିଟିଭି ଯାଂଚ କରିବାକୁ ସେ ଦାବି କରିଛନ୍ତି । ଏହି ମାମଲାର ଯାଂଚ କରିବା ପାଇଁ ସେ ଏନସିବି ଅଧିକାରୀଙ୍କୁ ଅପିଲ କରିଛନ୍ତି । ସେପଟେ, ନୱାବ ମଲ୍ଲିକ ସାମାଜିକ ଗଣମାଧ୍ୟମରେ ସମୀରଙ୍କ ପ୍ରଥମ ବିବାହର 'ନିକାନାମା' ପୋଷ୍ଟ୍ କରିଛନ୍ତି । ▶▶ପୃଷ୍ଠା ୭

## ନନ୍ଦନକାନନରେ ଯୁବକଙ୍କ ହାତକୁ କାମୁଡିଲା ଭାଲୁ




ଭୁବନେଶ୍ୱର,୨୭/୧୦ (ନି.ପ୍ର): ଭୁବନେଶ୍ୱରର ସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଭାଲୁ ସଫାରୀରେ ଆଜି ଅଘଟଣ ଘଟିଛି । ବୁଧବାର ସନ୍ଧ୍ୟାରେ ସଫାରୀ ଭ୍ରମଣ ବେଳେ ଜଣେ ଯୁବକଙ୍କ ହାତକୁ ଭାଲୁ କାମୁଡ଼ି ଦେବା ଫଳରେ ସେ ଆହତ ହୋଇଛନ୍ତି । ଆହତ ଯୁବକ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଗାଁର ଟୁଲୁ ବେହେରା (୩୫) । ତାଙ୍କୁ ରାଜଧାନୀର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ଅନ୍ୟପଟରେ ଘଟଣା ସମ୍ପର୍କରେ ନନ୍ଦନକାନନ ଡେପୁଟି ଡାଇରେକ୍ଟର ସଂଜୀବ କୁମାର କହିଛନ୍ତି, ଯେଉଁ ଯୁବକ ଜଣକ ଭାଲୁ କାମୁଡାରେ ରକ୍ତାକ୍ତ ହୋଇଛନ୍ତି, ସେ ଜଣେ ଅଣସ୍ୱୀକୃତିପ୍ରାପ୍ତ ଗାଇଡ଼ ଥିଲେ । ସୂଚନା ଅନୁସାରେ ଭାଲୁ ସଫାରୀରେ ସନ୍ଧ୍ୟା ୫ଟାରେ ଶେଷ ସଫାରୀ ବସ ପରିଭ୍ରମଣ କରିଥିଲା । ଏହି ସଫାରୀରେ ପ୍ରାୟ ୩୦ ଜଣ ଯାତ୍ରୀ ଥିଲେ । ଭ୍ରମଣ ସମୟରେ ଟୁଲୁ ବେହେରା ନିଜ ହାତ ବାହାରକୁ ବଢ଼ାଇ ଦେଇଥିଲେ । ଏହି ସମୟରେ ଏକ ଭାଲୁ ଟୁଲୁଙ୍କ ହାତକୁ କାମୁଡି ରକ୍ତାକ୍ତ କରିଦେଇଥିଲା । ଆହତ ଯୁବକଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଛି । ଉଲ୍ଲେଖ୍ୟଯୋଗ୍ୟ ୨ ବର୍ଷ ପୂର୍ବରୁ ମଧ ଭାଲୁ ସଫାରୀରେ ଜଣେ ପର୍ଯ୍ୟଟକ ଆକ୍ରମଣର ଶିକାର ହୋଇଥିଲେ ।

## ପଂଚାୟତ ନିର୍ବାଚନ ପାଇଁ ନଭେମ୍ବର ୬ରେ ସର୍ବଦଳୀୟ ବୈଠକ ଡାକିଲେ ନିର୍ବାଚନ ଆୟୋଗ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ରାଜ୍ୟରେ ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ସାଧାରଣ ନିର୍ବାଚନ ନିମନ୍ତେ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା ଏକ ସର୍ବଦଳୀୟ ବୈଠକ ନିମନ୍ତେ ନିର୍ବାଚନ ଆୟୋଗଙ୍କ ସଚିବ ସମସ୍ତ ରାଜନୈତିକ ଦଳମାନଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ବର୍ତ୍ତମାନ ଜିଲ୍ଲା ପରିଷଦଗୁଡ଼ିକର କାର୍ଯ୍ୟକାଳ ୨୦୨୨ ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଶେଷ ହେବ । ନିୟମାନୁସାରେ କାର୍ଯ୍ୟକାଳ ୫ ବର୍ଷ ଶେଷ ହେବା ପୂର୍ବରୁ ସାଧାରଣ ନିର୍ବାଚନ ହେବା ଆବଶ୍ୟକ । ସଠିକ୍ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ରାଜ୍ୟ ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳମାନଙ୍କର ଏକ ସର୍ବଦଳୀୟ ବୈଠକ ଡାକି ବିଚାରବିମର୍ଶ କରିବା ପାଇଁ ସ୍ଥିର କରିଛନ୍ତି । ସର୍ବଦଳୀୟ ବୈଠକରେ ସଂପୃକ୍ତ ରାଜନୈତିକ ଦଳଙ୍କର ସଭାପତି/ସଂପାଦକ କିମ୍ବା ଦଳ ତରଫରୁ ପ୍ରାଧିକୃତ ପ୍ରତିନିଧିମାନେ ବୈଠକରେ ଯୋଗଦେଇପାରିବେ । କୋଭିଡ୍-୧୯ କଟକଣା ଦୃଷ୍ଟିରୁ ପ୍ରତ୍ୟେକ ରାଜନୈତିକ ଦଳର ଜଣେ କିମ୍ବା ଦୁଇଜଣ ପ୍ରତିନିଧି ବୈଠକରେ ଯୋଗଦେବା ପାଇଁ ନିର୍ବାଚନ ଆୟୋଗଙ୍କ ସଚିବ ଅନୁରୋଧ କରିଛନ୍ତି ।

## ଓଡିଶାରେ ସଂକ୍ରମଣ ସ୍ଥିର, ତଥାପି ନିୟମ ମାନିବା : ଡିଏମଇଟି

ଭୁବନେଶ୍ୱର,୨୭/୧୦ (ନି.ପ୍ର): କିଛି ଦେଶରେ ସଂକ୍ରମଣ ଦିନକୁ ଦିନ ବଢୁଥିବା ବେଳେ, ଓଡିଶାରେ ସଂକ୍ରମଣ ସ୍ଥିର ରହିଛି । ଯେ ପର୍ଯ୍ୟନ୍ତ କରୋନା ପୂର୍ଣ୍ଣ ରୂପେ ପ୍ରତିହତ ନ ହୋଇଛି ସେ ପର୍ଯ୍ୟନ୍ତ କଡାକଡ଼ି ନିୟମ ପାଳନ କରିବାକୁ ପଡିବ ବୋଲି କହିଛନ୍ତି ଡିଏମ୍‌ଇଟି ମୁଖ୍ୟ ସିବିକେ ମହାନ୍ତି । ଟ୍ରାଭେଲ କ୍ଷେତ୍ରରେ ଯେହେତୁ ସେତେଟା କଟକଣା ନାହିଁ, କିନ୍ତୁ ଏଦିଗରେ ବି ଧ୍ୟାନ ଦେବାକୁ ପଡିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ କମିବାରେ ଲାଗିଛି । ଗତ ୭ଦିନ ଭିତରେ ସଂକ୍ରମଣ ୪ଶହରୁ ୬ଶହ ଭିତରେ ରହୁଛି । ଡବଲିଙ୍ଗ ଟାଇମ୍ କମିଲେ ସଂକ୍ରମଣ ବି କମିବ । ସଂକ୍ରମଣ ବଢିବାରେ ୨ଟି ସୂତ୍ର ହୋଇପାରେ । ଗୋଟିଏ ହେଉଛି, ଲୋକେ କିପରି ନିୟମ ମାନୁଛନ୍ତି ଓ ଆଉ ଗୋଟିଏ ହେଉଛି ଭାଇରସର ଗୁଣ ସୂତ୍ର ପରିବର୍ତନ । ଯେହେତୁ ଅନ୍ୟ ରାଜ୍ୟରେ ଓ ଅନ୍ୟ ଦେଶ ମାନଙ୍କରେ ସଂକ୍ରମଣ ବଢୁଛି, ତେଣୁ ଓଡିଶାରେ ସର୍ଭେଲାନ୍ସକୁ ଆହୁରି ଅଧିକ କଡାକଡି କରିବାକୁ ପଡିବ କ୍ଷ ଟେଷ୍ଟିଂ, ଟ୍ରାକିଂ ଏବଂ ଟ୍ରିଟମେଂଟ ଉପରେ ଆହୁରି ଅଧିକ ଗୁରୁତ୍ୱ ଦେବାକୁ ପଡିବ, ଯେଉଁଥିପାଇଁ ଆମେ ସବୁ କ୍ଷେତ୍ର ଲାଗି ପ୍ରସ୍ତୁତ ବୋଲି କହିଛନ୍ତି ଡିଏମ୍‌ଇଟି ମୁଖ୍ୟ ସିବିକେ ମହାନ୍ତି ।

## ମମିତା ହତ୍ୟାକାଣ୍ଡ ମାମଲା : ବିଜେପିର ପ୍ରତିବାଦ ଜାରି

### ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ବହିଷ୍କାର ଓ ଗିରଫ ଦାବିରେ ପୁରୀ ଓ ଜଗତସିଂହପୁରରେ ଜୋରଦାର ଆନ୍ଦୋଳନ



ଭୁବନେଶ୍ୱର,୨୭/୧୦(ନି.ପ୍ର): ପୁରୀରେ ବିଜେପି ପକ୍ଷରୁ ବିଶାଳ ରାଲି । ମମିତା ମେହେର ହତ୍ୟା ପ୍ରସଙ୍ଗରେ ପ୍ରତିବାଦ ଆନ୍ଦୋଳନକୁ ଜୋରଦାର କରିଛି ବିଜେପି । ପୁରୀ ବିଜେପି ପକ୍ଷରୁ ଶହଶହ କର୍ମୀ ବିଶାଳ ଶୋଭାଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରୁ ବାହାରି ଏସପି ଅଫିସ ଅଭିମୁଖେ ଯାଇଛନ୍ତି । ଦୁଇଟି ବ୍ୟାରିକେଡ୍ ଭାଙ୍ଗି ବିଜେପି କର୍ମୀ ଏସପି ଅଫିସକୁ ଧସେଇ ପଶିବା ପାଇଁ ଚେଷ୍ଟା କରିଥିଲେ । ବିଜେପି କର୍ମୀଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲା ପୁଲିସ । ଫଳରେ ପୁଲିସ ଓ ବିଜେପି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛନ୍ତି । ପୂର୍ବ ଘୋଷଣା ଅନୁସାରେ ୨୬ ଓ ୨୭ ତରିଖ ଦୁଇଦିନ ଧରି ଏସପି ଅଫିସ ଘେରାଉ କରାଯାଉଛି । ପୁରା ମାମାଲରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଭୂମିକା ସନ୍ଦେହପୂର୍ଣ୍ଣ ରହିଥିବା ଅଭିଯୋଗ କରି ତାଙ୍କ ବହିଷ୍କାର ଓ ଗିରଫ ଦାବି କରୁଛି ଦଳ । ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀଙ୍କ ସହ ଜିଲ୍ଲା ସ୍ତରର ଛାମୁଆ ନେତାଙ୍କ ନେତୃତ୍ୱରେ ଆୟୋଜନ ହୋଇଛି ଏହି ପ୍ରତିବାଦ ଶୋଭାଯାତ୍ରା । ସେପଟେ ଜଗତସିଂହପୁରରେ ବିଜେପିର ବିକ୍ଷୋଭ । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ମମିତାଙ୍କ ପରିବାରକୁ ନ୍ୟାୟ ଦାବିରେ ବିକ୍ଷୋଭ କରାଯାଇଛି । ଜଗତସିଂହପୁର ଏସ୍ପି ଅଫିସ୍ ଘେରାଉ କରିଥିଲେ ବିଜେପି କର୍ମୀ । ଏସ୍ପି ଅଫିସ୍କୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା । ପୋଲିସ ୩୦ରୁ ଅଧିକ ବିଜେପି କର୍ମୀଙ୍କୁ ଉଠାଇ ନେଇଛି । ସହରରେ ବ୍ୟାପକ ସୁରକ୍ଷା ଗ୍ରହଣ କରାଯାଇଛି । ୪ ପ୍ଲାଟୁନ୍ ପୋଲିସ ମୁତୟନ ହୋଇଛନ୍ତି ।

## ପଶ୍ଚିମ ଓଡ଼ିଶାରେ ଜୋର ଧରିଲା ମରୁଡି ଘୋଷଣା ଦାବି

### ହକ୍ ପାଇଁ ହାତରେ ହଳ ଲଙ୍ଗଳ ଧରି ରାସ୍ତାକୁ ଓହ୍ଲାଇଲେ ଚାଷୀ

ଭୁବନେଶ୍ୱର,୨୭/୧୦(ନି.ପ୍ର): ମୌସୁମୀରେ ପ୍ରବଳ ବର୍ଷା ସମସ୍ତଙ୍କୁ ଅସ୍ତବ୍ୟସ୍ତ କରି ଦେଇଥିଲା କିନ୍ତୁ ଚାଷ ପାଇଁ ଯେଉଁ ବର୍ଷା ଆବଶ୍ୟକ ଥିଲା ସେଭଳି ହୋଇନଥିଲା । ଆଉ ଧିରେ ଧିରେ ଏହାର ଏବେ ପ୍ରଭାବ ଦେଖିବାକୁ ମିଳୁଛି । ଫସଲ ଅମଳ ହେବା ଆଗରୁ ବିଭିନ୍ନ ସ୍ଥାନରୁ ଆସିଛି ମରୁଡିର ଚିତ୍ର । ସମ୍ବଲପୁର ଓ ବରଗଡ ଜିଲ୍ଲାରେ ବର୍ଷା ଅଭାବରୁ ଧାନ କେଣ୍ଡା ଶୁଖି ଯାଇଛି ତେଣୁ ରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ । ଆଗକୁ ଫସଲ ଅମଳ ହେବା ସମୟ କିନ୍ତୁ ବିଭିନ୍ନ ସ୍ଥାନରେ ମରୁଡିର ଚିତ୍ର । ତେଣୁ ରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ । ବର୍ଷା ଅଭାବରୁ କେଉଁଠି ମାଟି ଫାଟି ଆଁ ହୋଇଛି । ତ ଆଉ କେଉଁଠି ଧାନ କେଣ୍ଡା ଶୁଖି ଯାଇଛି । ମରୁଡି ଘୋଷଣା ଦାବି କରି ଆଜି ସୋହେଲାର ଚାଷୀ ଆନ୍ଦୋଳନ କରିଛନ୍ତି । ମୁଣ୍ଡରେ ଠେକା, କାନ୍ଧରେ ଲଙ୍ଗଳ ଧରି ରାସ୍ତାରେ ଚାଷୀ । କୌଣସି ଜମିକୁ ହଳ କରିବାକୁ ନୁହେଁ ବରଂ ଦାବି ପୂରଣ ପାଇଁ ଶତାଧିକ ଚାଷୀ ରାଜରାସ୍ତାକୁ ଓହ୍ଲାଇଛନ୍ତି । ବରଗଡର ସୋହେଲା ଥାନା ଛକରୁ ସମସ୍ତ ଚାଷୀ ଆଜି ସ୍ଥାନୀୟ ତହସିଲ ଅଫିସ ଘେରାଉ କରିଛନ୍ତି । ମରୁଡି ଘୋଷଣା କରିବାକୁ ଏବଂ ଚାଷୀଙ୍କୁ ପେନସନ ଦାବି କରି ସରକାରଙ୍କ ନିକଟରେ ୮ ଦଫା ଦାବି କରିଛନ୍ତି । କମ୍ ବର୍ଷା ହୋଇଥିବାରୁ ମରୁଡି ସ୍ଥିତି ଉପୁଜିଛି । ଯଦି ସରକାର ଦାବି ନଶୁଣିବେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଚାଷୀ ନେତା କହିଛନ୍ତି । ସେହିପରି ସମ୍ବଲପୁରରେ ମଧ ମରୁଡିର ପଦଧ୍ୱନୀ । ଯେଉଁ ସମୟରେ ଧାନ ଗଛର କେଣ୍ଡା ଦେଖାଯିବା କଥା ସେଠି ମଉଳି ଯାଇଛି । ମୌସୁମୀ ବେଳେ ଜିଲ୍ଲାରେ ବର୍ଷା ଆବଶ୍ୟକ ପରିମାଣରେ ହୋଇନଥିବାରୁ ଜମି ଫାଟି ଆଁ କରିଛି । ଯାହା ଚକଡାକୁ ସୁହାଇବା ସହ ଅଜଣା ରୋଗକୁ ଡାକିବା ଏକ ପ୍ରକାର ଥୟ । ଏବେ ଯଦି ଜମିକୁ ପାଣି ନମିଳେ ତେବେ ସ୍ଥିତି ସାଂଘାତିକ ହେବା ସହ ଆଗକୁ ଅମଳ ପ୍ରଭାବିତ ହେବ ବୋଲି ଚାଷୀ କହିଛନ୍ତି । ତେବେ କେତେବେଳେ ଅଦିନିଆ ବର୍ଷା ଓ ରୋଗପୋକ ତ ଆଉ କେତେବେଳେ ମରୁଡି ଚାଷୀଙ୍କ ଝାଳବୁହା ପରିଶ୍ରମ ଉପରେ ଦାଉ ସାଧୁଛି । ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ ।

# ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ବୈଠକ



ଭଦ୍ରକ,୨୭/୧୦ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକର ଏକ ବୈଠକ ସ୍ଥାନୀୟ ବାଲଗୋପାଲ ମନ୍ଦିର ପରିସରରେ ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପୂର୍ବ ବୈଠକର ବିବରଣୀ ଅନୁମୋଦନ ସହ ଆସନ୍ତା ୨୦୨୨ ମସିହା 'ନେତ ଉତ୍ସବ' ପାଳନ ନିମନ୍ତେ ସ୍ଥାନ ନିରୂପଣ କରାଯିବା ସଂକ୍ରାନ୍ତରେ ଆଲୋଚନା କରାଯାଇ ଏହା ଆଗାମୀ ବୈଠକରେ ସ୍ଥିର କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ପୁରୀ ଶ୍ରୀକ୍ଷେତ୍ର ଧାମରେ ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରତିଷ୍ଠାକୁ ବିରୋଧ କରାଯିବା ସହିତ ଏ ବାବଦରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗପତ୍ରକୁ ବୈଠକରେ ଅନୁମୋଦନ କରାଯାଇଥିଲା । ସରକାରଙ୍କୁ ଏ ବାବଦରେ ଆଉ ଏକ ସ୍ମାରକପତ୍ର ଦେବାକୁ ମଧ୍ୟ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ସମିତିର ମୁଖପତ୍ର 'ନୀଳ କନ୍ଦର'ନିମନ୍ତେ ଶୁଭେଚ୍ଛା ବାର୍ତ୍ତା ଶ୍ରୀଶ୍ରୀ ଗଜପତି ମହାରାଜ, ମହାମହିମ ରାଜ୍ୟପାଳ, ମୁଖ୍ୟ ଶାସନ ସଚିବ ପ୍ରମୁଖଙ୍କ ଠାରୁ ଆଣିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବାକୁ ସମିତିର ମୁଖ୍ୟ ସେବକ ଆବାହକ ଶରତ କୁମାର ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏହି ଆଲୋଚନାରେ ରଘୁନାଥ ଦାଶ, ନାରାୟଣ ଚନ୍ଦ୍ର ପ୍ରଧାନ, ସନେଇ ଶିଅଳ, ପ୍ରଶାନ୍ତ କୁମାର ଦେ, କାହ୍ନୁ ଚରଣ ଦାଶ, ମହାପାତ୍ର ପ୍ରଫୁଲ୍ଲ କୁମାର ସାହୁ, ବଳରାମ ମହାନ୍ତି, ବାବୁଲାଲ ଦାସ, ଲକ୍ଷ୍ମୀଧର ଖଟୁଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଆବାହକ ଶ୍ରୀଯୁକ୍ତ ସାହୁ ବିବରଣୀ ଉପସ୍ଥାପନ କରିଥିଲେ ।

# ବିଜୁ ଯୁବ ଜନତା ଦଳର ରାଜ୍ୟସ୍ତରୀୟ ମେଗା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ପୁରୀ,୨୭/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳର ସଂଗଠନ କୁ ଆହୁରି ସୁଦୃଢ କରିବା ପାଇଁ ପୁରୀ ରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ରାଜ୍ୟସ୍ତରୀୟ ମେଗା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଜେଡ଼ି ସାଂଗଠନିକ ସମ୍ପାଦକ ତଥା ଯାଜପୁର ର ବିଧାୟକ ଶ୍ରୀ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରକୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ତଥା ବିଧାୟକ ଚାନ୍ଦବାଲି ଡଃ ବ୍ୟୋମକେଶ ରାୟ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଗୁରୁମନ୍ତ୍ର ନେଲେ ୩୧୪ ବ୍ଲକ ସଭାପତି ଙ୍କ ସହ ସମସ୍ତ ଏନ୍.ଏ.ସି ଏବଂ ମୁନିସିପାଲିଟି ଯୁବ ନେତାଏହି ରାଜ୍ୟ ସ୍ତରୀୟ ମେଗା ପ୍ରଶିକ୍ଷଣ ଶିବିର ରେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ତଥା ବିଧାୟକ ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ କି ' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରି ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଙ୍କୁ ଆମ ନେତା ରୂପେ ପାଇ ଆମେ ସମସ୍ତେ ଗର୍ବିତ ଅନୁଭବ କରୁଛୁ କ୍ଷ ବର୍ତ୍ତମାନ ର ଦରଦାମ ବୃଦ୍ଧି ପାଇଁ ରାଜ୍ୟ ନୁହେଁ ବରଂ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ' । ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ କି' ମନବୀନ ପଟ୍ଟନାୟକଙ୍କ ଦୁରଦୃଷ୍ଟି ସମ୍ପୂର୍ଣ୍ଣ ନେତୃତ୍ୱ ଆଧାର ରେ ବିଜୁ ଜନତା ଦଳ ଏକମାତ୍ର ଦଳ ଯେଉଁ ଦଳ ଓଡ଼ିଶା ର ସ୍ୱାର୍ଥ କୁ ଗୁରୁତ୍ୱ ଦେଉଛି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଏବଂ କୋଭିଡ୍ ମ୍ୟାନେଜମେଂଟ କ୍ଷେତ୍ରରେ ସମଗ୍ର ଭାରତ ବର୍ଷରେ ଓଡ଼ିଶା ଆଜି ରୋଲ୍ ମଡେଲ ସାଜିଛିକ୍ଷ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ତଥା ଯୋଜନା ବୋଡ଼ର୍ ଉପାଧ୍ୟକ୍ଷ ଶ୍ରୀ ସଞ୍ଜୟ ଦାସବର୍ମା ଏହି ଅବସରରେ କହିଥିଲେ କି ବିଜୁ ଜନତା ଦଳ କେବଳ ଗୋଟିଏ ରାଜନୈତିକ ଦଳ ନୁହେଁ ଏହା ଏକ ପଲିଟିକାଲ ମୁଭମେଂଟ । ନବୀନ ପଟ୍ଟନାୟକଙ୍କ ଅନନ୍ୟ ନେତୃତ୍ୱ ବଳ ରେ ଓଡ଼ିଶା ଆଜି ବିକଶିତ ହୋଇପାରିଛି ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ନୂତନ ମାଇଲ୍ ଖୁଂଟ ପ୍ରତିଷ୍ଠା କରିପାରିଛି ।ସର୍ବ ଭାରତୀୟ ଦଳ ମାନେ ସଂଘୀୟ ବ୍ୟବସ୍ଥା କୁ କୁଠାରାଘାତ କରି ଆର୍ଥିକ ଅନୁଦାନ ପ୍ରଦାନ ରେ ଅନ୍ତର ପାନ୍ତର କରି ସଦାବେଳେ ଓଡ଼ିଶା ପ୍ରତି ଆଂଚଳିକ ବୈମାତୃକ ମନୋଭାବ ପୋଷଣ କରିଆସୁଛନ୍ତି' । କେନ୍ଦ୍ର ସରକାର କୋଷ୍ଟାଲ ହାଇୱେ ନିର୍ମାଣ ଏବଂ ଖଣି ରୟାଲିଟି ପ୍ରଦାନ କରିବା କ୍ଷେତ୍ରରେ ଓଡ଼ିଶା ପ୍ରତି ବାରମ୍ବାର ବୈମାତୃକ ମନୋଭାବ ପ୍ରଦର୍ଶନ କରିଆସୁଛନ୍ତି ।ନବୀନ ପଟ୍ଟନାୟକଙ୍କୁ ନିଜର ରୋଲ୍ ମଡେଲ ରୁପେ ଗ୍ରହଣ କରି ଲୋକ ମାନଙ୍କୁ ତୁମେ ଭଲପାଇଲେ ହିଁ ଲୋକମାନେ ତୁମକୁ ଭଲ ପାଇବେ ଏବଂ ଏହା ଦ୍ୱାରା ଏକ ସମୃଦ୍ଧ ତଥା ସ୍ୱାବଲମ୍ବୀ ଓଡ଼ିଶା ଗଠନ ହୋଇପାରିବ ବୋଲି ଡଃ ରାୟ ଅଭିଭାଷଣ ପ୍ରଦାନ କରିଥିଲେ । ବିଜେଡ଼ି ସାଧାରଣ ସମ୍ପାଦକ (ଯୁବ-ଛାତ୍ର ବ୍ୟାପାର) ତଥା ମାନ୍ୟବର ବିଧାୟକ ଶ୍ରୀ ପ୍ରଣବ କୁମାର ବଳବନ୍ତରାୟ ଆଗାମୀ ଦିନରେ ବିଜୁ ଜନତା ଦଳର ସଂଗଠନ କୁ ଆହୁରି ବ୍ୟାପକ କରିବା ନିମନ୍ତେ ଯୁବ ନେତୃତ୍ୱ ଙ୍କୁ ଏକ ଖସଡ଼ା ପ୍ରଦାନ କରିଥିଲେ ।ମାନ୍ୟବର ମନ୍ତ୍ରୀ ସମୀର ରଞ୍ଜନ ଦାଶ, ତୁଷାର କାନ୍ତି ବେହେରା, ମାନ୍ୟବର ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଶ୍ରୀ ଦେବୀ ରଂଜନ ତ୍ରିପାଠୀ, ବିଜେଡ଼ି ରାଜ୍ୟ ସମ୍ପାଦକ (ଯୁବ ବ୍ୟାପାର) ରଂଜିତ ମହାପାତ୍ର ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିର ରେ ଓଡ଼ିଶା ରୁ କୋଣ ଅନୁକୋଣ ରୁ ଆସିଥିବା ସମସ୍ତ ଯୁବ ନେତୃତ୍ୱ ଙ୍କୁ ସଂଗଠନକୁ ଆହୁରି ବ୍ୟାପକ କରିବା ନିମନ୍ତେ ଗୁରୁମନ୍ତ୍ର ପ୍ରଦାନ କରିବା ସହ ଉତ୍ସାହିତ କରିଥିଲେ ।ଏହି ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ଶିବିର ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାମାଜିକ ସେବା କାର୍ଯ୍ୟକ୍ରମ ଏବଂ କୋଭିଡ୍ ସମୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତ ଅଭାବ ର ସମସ୍ତ ସମସ୍ୟାର ସମାଧାନ କ୍ଷେତ୍ରରେ ବିଜୁ ଯୁବ ଜନତା ଦଳ ର ଅବଦାନ ସଂପର୍କିତ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଶେଷରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ପୁରି ବେଳା ଭୁମିରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ପ୍ରଶିକ୍ଷଣ ଶିବିର ରେ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀ ବୈକୁଣ୍ଠ ନାୟକ, ଶୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ମହାସଚିବ ଏଲିନା ଦାଶ, ବରିଷ୍ଠ ଉପସଭାପତି ଧୃତି ରଂଜନ ମାର୍ଥା, ଜ୍ୟୋସ୍ନାମୟୀ ପରିଡ଼ା ,ସମସ୍ତ ଜୋନ୍ ସଭାପତି, ଜିଲ୍ଲା ସଭାପତି,ରାଜ୍ୟ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, ଯୁଗ୍ମ ସମ୍ପାଦକ, ସମସ୍ତ ଜିଲ୍ଲାର ଡିଜିଟାଲ ସେକ୍ରେଟାରୀ ଏବଂ ରାଜ୍ୟ ର ସମସ୍ତ ବ୍ଲକ୍, ଏନ୍.ଏ.ସି, ମୁନିସିପାଲିଟି ର ସଭାପତି ମାନେ ଯୋଗ ଦେଇଥିଲେ ବୋଲି ବିଜୁ ଯୁବ ଜନତା ଦଳ ର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଆଶିଷ ରଂଜନ ମିଶ୍ର ଏକ ପ୍ରେସ୍ ଇସ୍ତାହାର ରେ ଜଣାଇଛନ୍ତି ।

# ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ

ଗଞ୍ଜାମ,୨୭/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ତହସିଲ ଅଧିନସ୍ଥ ପାଟପୁର ରାଜସ୍ୱ ସର୍କଲରେ କାର୍ଯ୍ୟରତ ରାଜସ୍ୱ ନିରିକ୍ଷକ ଅନ୍ତର୍ଯ୍ୟାମୀ ନାହକଙ୍କୁ ଚୁଡଙ୍ଗପୁର ଗ୍ରାମର ଟ୍ରାକ୍ଟର ଚାଳକ ଏ . ଭରତୁ ଆକ୍ରମଣ କରିଥିବା ଅଭିଯୋଗରେ ସୋମବାର ଦିନ ସ୍ଥାନୀୟ ତହସିଲଦାର ଶ୍ରୀନିବାସ ବେହେରା ଦିଗପହଣ୍ଡି ଥାନାରେ ଏତଲା ଦେଇଥିବା ଜଣାପଡିଛି । ଖବରନୁଯାୟୀ, ଗତକାଲି ରାଜସ୍ୱ ନୀରିକ୍ଷକ ଜଣକ ଚୁଡଙ୍ଗପୁର ଅଂଚଳରେ ନିଜ କାର୍ଯ୍ୟ କରୁଥିବା ବେଳେ (ଓଆର ୦୭ ଆର୍ ୯୯୬୭) ନଂ ଟ୍ରାକ୍ଟରରେ ଚାଳକ ବେଆଇନ ଭାବେ ପଥର ଖଣ୍ଡ ନେଇ ମୁଖ୍ୟ ରାସ୍ତାରେ ଯାଉଥିବା ସମୟରେ ଗାଡ଼ିକୁ ଅଟକାଇ ଥିଲେ । ଏହାପରେ ୱାଇଫର୍ମ ଦେଖାଇବା ପାଇଁ କହିଥିଲେ । କିନ୍ତୁ ଚାଳକ ଜଣକ ଏହାକୁ ବେଖାତିର କରି ଜୋର ଜବରଦସ୍ତି ଗାଡ଼ିକୁ ନେଇ ଯାଇଥିଲେ । ପରେ ନିରୀକ୍ଷକ ଉକ୍ତ ଗାଡ଼ିର ପିଛା କରି ମିଲ ସାହି ନିକଟରେ ଗାଡ଼ିକୁ ପୁଣିଥରେ ଅଟକାଇଥିଲେ । ପୁଣିଥରେ ୱାଇଫର୍ମ ମାଗିବାରୁ ଏକ ପୁରୁଣା ଫର୍ମ ଦେଖାଇଥିଲେ । ଏହାପରେ ନିରୀକ୍ଷକ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଇବା ପାଇଁ ଫୋନ କରିବା ସମୟରେ ଚାଳକ ଜଣକ ଉତ୍ତେଜିତ ହୋଇ ମୋବାଇଲ ଛଡ଼ାଇବା ସହ ପେଟକୁ ଗୋଇଠା ଓ ଗାଲକୁ ଶକ୍ତ ଚାପୁଡ଼ା ମାରିଥିଲେ । ଘଟଣାପରେ ଷ୍ଟାଫ୍ ପହଂଚି ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚାଇ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଇଥିଲେ । ଏନେଇ ଆଜି ତହସିଲଦାର ଶ୍ରୀ ବେହେରାଙ୍କ ସମେତ ସୁପରଭାଇଜର ଚିତ୍ରସେନ ସାହୁ , ରାଜସ୍ୱ ନିରୀକ୍ଷକ ରତ୍ନାକର ସ୍ୱାଇଁ, ଭଗବାନ ପାତ୍ର ଦିଗପହଣ୍ଡି ଥାନାରେ ପହଂଚି ଅଭିଯୁକ୍ତଙ୍କ ବିରୁଦ୍ଧରେ ଏତଲା ଦେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରିଛନ୍ତି ।

# ପ୍ରଫେସର ହରିହର ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର,୨୭/୧୦ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଲବ୍ଧ ପ୍ରତିଷ୍ଠିତ ଗାଳ୍ପିକ ଔପନ୍ୟାସିକ ପ୍ରଫେସର ଡକ୍ଟର ହରିହର ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଗୀତା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭାରେ ଫଲଗୁ ସାହିତ୍ୟ ସଂସଦର ସଭାପତି ପ୍ରଫେସର ଡକ୍ଟର ବିଷ୍ଣୁ ଚରଣ ଚୌଧୁରୀ ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ସାଗର ରଞ୍ଜନ ତ୍ରିପାଠୀ ପରିଚାଳନା କରିଥିଲେ । ପ୍ରଫେସର ଦାସ ରାଜନୀତି ବିଜ୍ଞାନ ବିଶାରଦ ତଥା ଶିକ୍ଷାବିତ୍ ଭାବରେ ଆମ ରାଜ୍ୟ ସମେତ ସମଗ୍ର ଦେଶରେ ଖୁବ୍ ପରିଚିତ ଥିଲେ । ତାଙ୍କର ବହୁ ସନ୍ଦର୍ଭ ଜାତୀୟ ସ୍ତରର ପ୍ରତିଷ୍ଠିତ ପତ୍ର ପତ୍ରିକାରେ ପ୍ରକାଶ ପାଇ ଆସୁଥିଲା । ଜଣେ ବିଜ୍ଞ ଶିକ୍ଷାବିତ୍ ଭାବରେ ସେ ଯେମିତି ଖ୍ୟାତି ଅର୍ଜନ କରିଥିଲେ, ସାରସ୍ୱତ ସାଧନାରେ ନିମଗ୍ନ ରହି ସେପରି ରଚି ଯାଇଛନ୍ତି ଅନେକ ଗଳ୍ପ ଉପନ୍ୟାସ । ତାଙ୍କର ରଚନାବଳୀ ଖୁବ ଉଚ୍ଚକୋଟିର । ବିଶେଷ ଭାବରେ ସମାଜର ବିଭିନ୍ନ ଦିଗକୁ ଲକ୍ଷ୍ୟ କରି ତାଙ୍କର ରଚନା ସମୃଦ୍ଧ ହୋଇଥିଲା ଏବଂ ସର୍ବୋପରି ସେ ଜଣେ ସାଲିସ ବିହିନ ବ୍ୟକ୍ତି ଭାବରେ ବେଶ ଜଣାଶୁଣା ଥିଲେ ବୋଲି ବିଭିନ୍ନ ବକ୍ତା ମତବ୍ୟକ୍ତ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡକ୍ଟର ଜୟନ୍ତ କୁମାର ମହାପାତ୍ର, ଫଲଗୁର ଉପଦେଷ୍ଟା ପ୍ରଫେସର ଡକ୍ଟର ବ୍ରଜମୋହନ ଶାସମଲ, କବି ବିପିନ୍ ନାୟକ, ଡକ୍ଟର ବିଦ୍ୟୁତ୍ ପ୍ରଭା ସାହୁ, ଅବସର ପ୍ରାପ୍ତ ବରିଷ୍ଠ ପ୍ରଶାସକ ରଘୁନାଥ ପାତ୍ର, ଭେଷଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଚରଣ ପଣ୍ଡା ଦୈନିକ ଖବର ସମାଜର ବ୍ରହ୍ମପୁର ମୁଖ୍ୟ ତଥା ଲୋକ ସେବକ ମଣ୍ଡଳର ଆଜୀବନ ସଭ୍ୟ ରାଜେନ୍ଦ୍ର କୁମାର ଜେନା ଫଲଗୁ ସାହିତ୍ୟ ସଂସଦର ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ସନ୍ତୋଷ କୁମାର ଦାସ, ଡ଼ ନାରାୟଣ ପଣ୍ଡା, କଳିଙ୍ଗ ଟିଭିର ଜିଲ୍ଲା ମୁଖ୍ୟ ପ୍ରକାଶ ପଟ୍ଟନାୟକ, ୟୁଟିଭି ତଥା ଅନୁପମ ଭାରତର ବରିଷ୍ଠ ସାମ୍ବାଦିକ ସୁଦୀପ କୁମାର ସାହୁ, ଦୈନିକ ସମ୍ବାଦର ଲକ୍ଷ୍ମୀକାନ୍ତ ବେଜ ପ୍ରଫେସର ଦାସଙ୍କ ପତ୍ନୀ ଶ୍ରୀମତୀ ଶାନ୍ତିଲତା, ପୁତ୍ର ଶାଶ୍ୱତ, ପୁତ୍ର ବଧୂ ଶ୍ରୀମତୀ ନିହାରିକା, କନ୍ୟା ସସ୍ମିତା, ନାତି ଅଂଶୁମାନଙ୍କ ସମେତ ପରିବାର ବର୍ଗ ଏବଂ ସହରର ବୁଦ୍ଧିଜୀବୀ ସାହିତ୍ୟିକ ଶିକ୍ଷାବିତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୨୭/୧୦ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଆଦି ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ପ୍ରତ୍ୟେକ ସୋମବାର ସକାଳେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥାଏ । ମନ୍ଦିର ପରିଚାଳନା କମିଟିର ସଭ୍ୟ ସଭ୍ୟା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଜନସାଧାରଣ ଏହି ସେବାର ସୁଯୋଗ ନେବାକୁ ମନ୍ଦିର କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।

## ଜିଲ୍ଲା ସ୍ତରୀୟ ମାନସିକ ରୋଗୀ ଚିହ୍ନଟ ପାଇଁ ପ୍ରଶିକ୍ଷଣ

କେନ୍ଦ୍ରାପଡା,୨୭/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ ମାନସିକ ରୋଗୀ ଚିହ୍ନଟ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମିର୍ଜା ବାବର ବେଗ ଜିଲ୍ଲାରେ ଥିବା ସମସ୍ତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ମାନେ ଗାଁ ଗାଁ ବୁଲି ମାନସିକ ରୋଗୀ ମାନଙ୍କୁ ଚିହ୍ନଟ କରିବା ସହିତ ଏହି ରୋଗୀ ମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର କୁ ଆଣି ଚିକିତ୍ସା କରାଇବା ସହିତ ସେମାନଙ୍କୁ ଔଷଧ ପ୍ରଦାନ କରିବା ପାଇଁ ପ୍ରଶିକ୍ଷଣ ଦିଆ ଯାଇଛି ।

## ନଭେମ୍ବର ୧୭ରେ ଧବଳେଶ୍ୱର ପୀଠରେ ବଡ଼ ଓଷା

କଟକ,୨୭/୧୦ (ନି.ପ୍ର): ନଭେମ୍ବର ୧୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ପଂଚକ ବ୍ରତ ପାଳନ ହେବ । ଧବଳେଶ୍ୱର ପୀଠରେ ୧୭ ରେ ବଡ଼ ଓଷା ପାଳନ ହେବ । ୧୮ ରେ ଗଜ ଭୋଗ ବିତରଣ ନେଇ ନିଷ୍ପତି ହୋଇଛି । ନଭେମ୍ବର ଗାଇଡ୍ ଲାଇନ୍ ଅନୁସାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବାବଦରେ ନିଷ୍ପତି ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ରାୟଗଡାର ପ୍ରଶାସନିକ ଅଧିକାରୀଙ୍କ ଶେରଗଡ ସ୍ମାର୍ଟ ହାଇସ୍କୁଲ ପରିଦର୍ଶନ

ଗଞ୍ଜାମ,୨୭/୧୦ (ନି.ପ୍ର): ମନୋରମ ପରିବେଶ ସାଙ୍ଗକୁ ଅତ୍ୟାଧୁନିକ ଶ୍ରେଣୀ ଗୃହ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଂଚଳରେ ସ୍ମାର୍ଟ ସ୍କୁଲ ମଡେଲ ଢାଂଚାରେ ନିର୍ମାଣ କରାଯାଇଥିବା ସ୍କୁଲକୁ ନେଇ ଏବେ ସବୁଠି ଚାଲିଛି ଚର୍ଚ୍ଚା । ଏହି ସ୍ମାର୍ଟ ସ୍କୁଲ ପରିଦର୍ଶନ କରିବା ଲାଗି ରାୟଗଡା ଜିଲ୍ଲାରୁ ବହୁ ପ୍ରଶାସନିକ ଅଧିକାରୀ ମାନେ ପରିଦର୍ଶନ କରିଛନ୍ତି । ରାୟଗଡା ଜିଲ୍ଲାର ଅତିରିକ୍ତ ପକଳ୍ପ ନିର୍ଦ୍ଦେଶକ, ଡି. ଆର. ଡି. ଏ, ଏବଂ ବ୍ଲକ ଡେଭ୍ଲପମେଣ୍ଟ ଅଫିସର ଏଇଇ, ଏଇ, ଜେଇ ପ୍ରମୁଖ ସ୍କୁଲ ପରିଦର୍ଶନ କରି ବେଶ୍ ଖୁସିବ୍ୟକ୍ତ କରିବା ସହିତ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ । ଏହି ମଡେଲ ଭଳି ନିଜ ଅଂଚଳରେ ମଧ ଉନ୍ନତ ମାନର ସ୍କୁଲ ନିର୍ମାଣ କରାଯିବା ନେଇ କହିଛନ୍ତି ଗସ୍ତରେ ଆସିଥିବା ପ୍ରଶାସନିକ ଅଧିକାରୀ । ଏଥିରେ ଶେରଗଡ଼ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହାତ୍ମାଗାନ୍ଧୀ ହାଇସ୍କୁଲ ପରିଦର୍ଶନ କରାଇ ଥିଲେ ।

# ଦିଗପହଣ୍ଡିରେ ହାତୀ ଉପଦ୍ରବ: ଦଳିଚକଟି ନଷ୍ଟ କଲେ ୧୦ ଭରଣରୁ ଉର୍ଦ୍ଧ୍ୱ ଧାନ ଫସଲ

ଗଞ୍ଜାମ,୨୭/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବନାଂଚଳରେ ରବିବାର ବିଳମ୍ବିତ ରାତିରୁ ଏକ ହାତୀପଲ ଆସି ଚାଙ୍ଗୁଡ଼ିଦେଇ ଜଙ୍ଗଲରେ ଡେରା ପକାଇଛନ୍ତି । ଖେମୁଣ୍ଡି କଲେଜ ନିକଟସ୍ଥ ମୌଳାଭଞ୍ଜା ରାଧାନଗର ଗାଁର ବାବୁ ଗୌଡ଼ ଏବଂ ମଧୁସୂଦନ ଗୌଡ଼ଙ୍କ ସମେତ ଅନ୍ୟ ଚାଷୀ ମାନଙ୍କର ପ୍ରାୟ ୧୦ ଭରଣରୁ ଉର୍ଦ୍ଧ୍ୱ ଚାଷ ଜମିର ଧାନ ଫସଲ ହାତୀ ପଲ ଦଳି ଚକଟି ନଷ୍ଟ କରିଦେଇଛନ୍ତି । ସୋମବାର ସକାଳୁ ଚାଷୀ ମାନେ ନିଜ ନିଜ ଚାଷ ଜମିରେ ନଷ୍ଟ ହୋଇଥିବା ଫସଲ ଏବଂ ହାତୀର ମଳ ଦେଖି ଦିଗପହଣ୍ଡି ବନ ବିଭାଗକୁ ଖବର କରିଥିଲେ । ବନ ବିଭାଗ କର୍ମଚାରୀମାନେ ଚାଷ ଜମିର ସ୍ଥିତି ଦେଖି ଫେରିଛନ୍ତି । ସବୁ ବର୍ଷ ଖରିଫ ଋତୁ ଅନ୍ତ ସମୟରେ ହାତୀ ପଲ ଆସି ଫସଲ ନଷ୍ଟ କରୁଥିବା ବେଳେ ଚଳିତ ବର୍ଷ ହାତୀ ପଲ ଆଗୁଆ ଆସିଯାଇଛନ୍ତି । ଧାନ ଫୁଲ ଧରିଥିବା ସମୟରେ ହିଁ ହାତୀପଲ ଉପଦ୍ରବରେ ଫସଲ ସବୁ ନଷ୍ଟ ହୋଇଗଲାଣି ।

# ପୁରୀବାସିନ୍ଦାଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲ: ଶ୍ରୀଜଗନ୍ନାଥ ସେନା

ପୁରୀ,୨୭/୧୦ (ନି.ପ୍ର): ଶ୍ରୀମନ୍ଦିର ସମସ୍ତ ଦ୍ୱାର ପଟେ ପୁରୀ ବାସିନ୍ଦା ଙ୍କୁ ପ୍ରବେଶ ଅନୁମତି ଦାବି କରିଛି ଶ୍ରୀଜଗନ୍ନାଥ ସେନା । ଏହି ମର୍ମ ରେ ଏକ ସ୍ମାରକପତ୍ର ପୋଲିସ ଡିଜି ଙ୍କୁ ପୁରୀ ଏସ୍ପି ଙ୍କ ଜରିଆରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦିଆଯାଇଛି । ଶ୍ରୀଜଗନ୍ନାଥ ସେନା କହିଛି ଯେ ପୁରୀ ବାସିନ୍ଦା ଙ୍କ ଆରାଧ ଦେବତା ହେଉଛନ୍ତି ମହାପ୍ରଭୁ । ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ କରି ନିତିଦିନିଆ କାର୍ଯ୍ୟ କରନ୍ତି ପୁରୀ ସହର ବାସି । ହେଲେ ପ୍ରଶାସନ ପକ୍ଷରୁ କ୍ୱେଳ ଶ୍ରୀମନ୍ଦିର ସିଂହ ଦ୍ୱାର ଦେଇ ପ୍ରବେଶ ଅନୁମତି ନୀୟମ ପରେ ପୁରୀ ବାସିନ୍ଦା ପ୍ରତଦିନ ମହାପ୍ରଭୁଙ୍କ ଦର୍ଶନ ରୁ ବଂଚିତ ହେଉଛନ୍ତି । ପୁରୀ ବାହାରୁ ଆସୁଥିବା ଯାତ୍ରୀଙ୍କ ସହ ଲାଇନ ରେ ଠିଆ ହୋଇ ଦିର୍ଘ ସମୟ ଅପେକ୍ଷା ପରେ ମହାପ୍ରଭୁଙ୍କ ଦର୍ଶନ ଲାଭ କରୁଛନ୍ତି । ସେହିପରି ମହା ପ୍ରସାଦ ଟିକେ ଆଣିବାକୁ ଘଂଟା ଘଂଟା ସମୟ ଲାଗୁଚି । ବୁଢ଼ା ବୁଢୀ ମାନେ ଲାଇନ ରେ ଠିଆ ହୋଇ ପାରୁ ନାହାଁନ୍ତି । ଫଳରେ ବୟସ୍କ ଲୋକ ମାନେ ମହାପ୍ରଭୁଙ୍କ ଦର୍ଶନ ରୁ ବଂଚିତ ହେଉଛନ୍ତି । ଶ୍ରୀମନ୍ଦିର ହେଉଛି ପୁରୀ ବାସିନ୍ଦା ଙ୍କ ଗାଁ ରେ ଥିବା ମନ୍ଦିର ଭଳି । ନିଜ ଗାଁ ମନ୍ଦିର କୁ କଣ ଯିବା ପାଇଁ ପୁରୀ ବାସିନ୍ଦା ଙ୍କୁ ଅନ୍ୟ ଯାତ୍ରୀ ଙ୍କ ସହ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡିବ ବୋଲି ଶ୍ରୀଜଗନ୍ନାଥ ସେନା ପ୍ରଶ୍ନ କରିଛି । ପୂର୍ବରୁ ଶ୍ରୀମନ୍ଦିର ସମସ୍ତ ଦ୍ୱାର ରେ ପୁରୀ ବାସିନ୍ଦା ଆଧାର କାର୍ଡ଼ କିମ୍ବା ପରିଚୟ ପତ୍ର ଦେଖାଇ ମହାପ୍ରଭୁଙ୍କ ଦର୍ଶନ କରୁଥିଲେ । ଯାହାକି ପ୍ରଶାସନ ବନ୍ଦ କରିଦେଇଛି । ଏହି ନୀୟମ ଲାଗୁ ନେଇ ଗତ ୨୦୧୮ ଅକ୍ଟୋବର ୩ ରେ ପୁରୀ ରେ ହିଂସାକାଣ୍ଡ ଘଟିଥିଲା । ପରେ ସରକାର ପୁରୀ ବାସିନ୍ଦା ଙ୍କ ପାଇଁ ନିୟମ ବଦଳାଇ ସମସ୍ତ ଦ୍ୱାର ରେ ପ୍ରବେଶ ଅନୁମତି ଦେଲେ । ହେଲେ ପୁଣି ସରକାର କଟକଣା ଲାଗୁ କରିବା ପରେ ପୁରୀ ସହର ବାସୀ ଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଯଦି ସରକାର ପୁରୀ ବାସି ଙ୍କୁ ଶ୍ରୀମନ୍ଦିର ର ସମସ୍ତ ଦ୍ୱାର ରେ ପ୍ରବେଶ ଅନୁମତି ନ ଦିଅନ୍ତି ଶ୍ରୀଜଗନ୍ନାଥ ସେନା ବାଧ ହୋଇ ନଭେମ୍ବର ମାସରେ ପୁରୀ ବନ୍ଦ ଡାକରା ଦେବ । ସେତେବେଳେ ଯେଉଁ ସ୍ଥିତି ଉପୁଜିବ ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି ଶ୍ରୀଜଗନ୍ନାଥ ସେନା ଚେତାବନୀ ଦେଇଛି ।

# ମନ୍ତ୍ରୀଙ୍କ ବହିଷ୍କାର ଦାବି କରି ପୁରୀରେ ବିଜେପି ମହିଳାମୋର୍ଚ୍ଚାର ଶୋଭାଯାତ୍ରା

ପୁରୀ,୨୭/୧୦ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେରଙ୍କ ଜଘନ୍ୟ ହତ୍ୟାକାଣ୍ଡ ଘଟଣା ରେ ସାରା ରାଜ୍ୟରେ ବିରୋଧୀ ଦଳ ପକ୍ଷରୁ ଆନ୍ଦୋଳନ , ଧାରଣା , ପ୍ରତିବାଦ ଚାଲିଚି । ହତ୍ୟାକାଣ୍ଡ ଘଟଣା ରେ ମନ୍ତ୍ରୀ ଦିବ୍ୟ ସଙ୍କର ମିଶ୍ର ସମ୍ପୃକ୍ତି ଥିବା ଅଭିଯୋଗ ଆଣି ବିରୋଧି ଦଳ ମନେ ତୁରନ୍ତ ମନ୍ତ୍ରୀ ଙ୍କୁ ମୁଖ୍ୟମନ୍ତ୍ରୀ ବହିଷ୍କାର କରନ୍ତୁ ବୋଲି ଦାବି କରୁଛନ୍ତି । ହେଲେ ସରକାର କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନେଇ ନାହାନ୍ତି । ଏଣୁ ଏହାର ପ୍ରତିବାଦ ରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଆଜି ପୁରୀ ରେ ଶାନ୍ତି ପୂର୍ଣ୍ଣ ଶୋଭାଯାତ୍ରା କରାଯାଇଛି । ଶ୍ରୀମନ୍ଦିର ସିଂହ ଦ୍ୱାର ରେ ପ୍ରଥମେ ଦୀପ ଦାନ ପରେ ବଡ଼ ଦାଣ୍ଡ ଶୋଭାଯାତ୍ରା ବାହାରି ଗୁଣ୍ଡିଚା ମନ୍ଦିର ନିକଟରେ ଶେଷ ହୋଇଥିଲା । ବିଜେପି ର ମହିଳା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଙ୍କ ସମେତ ବହୁ ନେତ୍ରୀ ଓ ମହିଳା କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଥିଲେ । ସେହିପରି ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ , ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମଧ ଏହି ପ୍ରତିବାଦ ଶୋଭାଯାତ୍ରାରେ ସାମିଲ ହୋଇ ଥିଲେ । ବିଜେପି ର ନେତା ମାନେ ରାଜ୍ୟ ସରକାର ଙ୍କୁ କଡା ସମାଲୋଚନା କରିଥିଲେ । ମନ୍ତ୍ରୀ ଦିବ୍ୟ ସଙ୍କର ମିଶ୍ର ଙ୍କ କାର୍ଯ୍ୟକଳାପ ସନ୍ଦେହ ଜନକ ଥିଲେ ମଧ ସରକାର ଏ ନେଇ ତଦନ୍ତ କରିବା ପରିବର୍ତ୍ତେ ମନ୍ତ୍ରୀ ଙ୍କୁ ସୁରକ୍ଷା ଦେବା ଦୁର୍ଭାଗ୍ୟ ଜନକ ବୋଲି ବିଜେପି କହିଛି । ରାଜ୍ୟ ରେ ବିଜେଡି ର ନେତା ମାନେ ହତ୍ୟା , ଦୁଷ୍କର୍ମ ଘଟଣା ରେ ସମ୍ପୃକ୍ତ ଥିଲେ ମଧ ମୁଖ୍ୟମନ୍ତ୍ରୀ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଦୋଷୀ ଙ୍କୁ ଘଂଟ ଘଉଡାଇବା ଅତ୍ୟନ୍ତ ଲଜ୍ୟା ଜନକ ବୋଲି ବିଜେପି କହିଛି ।

# ଇ-ସଂଜୀବନି ଓ ଏମଓ ପୋର୍ଟାଲର ସମୀକ୍ଷା ବୈଠକ

କେନ୍ଦ୍ରାପଡା,୨୭/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଇ-ସଂଜୀବନି ଓ ଏମଓ ପ୍ରୋର୍ଟାଲ ମାଧ୍ୟମରେ ରୋଗୀସେବା ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡାକ୍ତର ଅନିତା ପଟ୍ଟନାୟକ ଅଧ୍ୟକ୍ଷତା କରି ବୈଠକରେ ଉପସ୍ଥିତ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ର ଆୟୁଷ ଡାକ୍ତର ମାନଙ୍କୁ ଇ-ସଂଜୀବନି (ଟେଲି ମେଡିସିନ୍) ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ସ୍ୱାସ୍ଥ୍ୟକେନ୍ଦ୍ର କୁ ଆସୁଥିବା ରୋଗୀ ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବର୍ହିବିଭାଗ ରେ ଏମଓ ପୋର୍ଟାଲ ରେ ନାମ ପଞ୍ଜିକରଣ କରାଇ ଉପସ୍ଥିତ ଥିବା ଡାକ୍ତର ମାନଙ୍କ ସହିତ ଚିକିତ୍ସା କରାଇବା ସହିତ ରୋଗୀ ମାନଙ୍କୁ ନିରାମୟ ଔଷଧ ପ୍ରଦାନ କରିବେ । ଏହି ସମୀକ୍ଷା ବୈଠକରେ ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଡାକ୍ତର ମିର୍ଜା ବାବର ବେଗ, ମହାମାରୀ ବିଶେଷଜ୍ଞ ସୁଶାନ୍ତ କୁମାର ପଟ୍ଟନାୟକ, ଏସ ଏସ ବିଶ୍ୱାଳ, ସରୋଜ ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ ନିମନ୍ତେ ସର୍ବଦଳୀୟ ବୈଠକ ଅନୁଷ୍ଠିତ

ପୁରୀ,୨୭/୧୦ (ନି.ପ୍ର): ଭାରତୀୟ ନିର୍ବାଚନ କମିଶନ ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶାନାମା ଅନୁଯାୟୀ ଜିଲ୍ଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ- ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଛି । ଏ ସଂକ୍ରାନ୍ତରେ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳ ମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ଜାନୁୟାରୀ ପହିଲା ପର୍ଯ୍ୟନ୍ତ ୧୮ ବର୍ଷ ବୟସ ହେଉଥିବ ସେମାନେ ନୂତନ ଭୋଟର ଭାବେ ନାମ ପଞ୍ଜିକରଣ କରି ପାରିବେ । ନୂତନ ଭୋଟର ଭାବେ ପଞ୍ଜିକରଣ ନିମନ୍ତେ ଫର୍ମ-୬, ପ୍ରବାସୀ ଭାରତୀୟ ମାନଙ୍କ ପଞ୍ଜିକରଣ ନିମନ୍ତେ ଫର୍ମ -୬ କ, ଭୋଟର ତାଲିକାରୁ ନାମ ବାଦ ପାଇଁ ଫର୍ମ-୭, ତ୍ରୁଟି ସଂଶୋଧନ ପାଇଁ ଫର୍ମ-୮, ସ୍ଥାନାନ୍ତରଣ ନିମନ୍ତେ ଫର୍ମ-୮ କ ମାଧ୍ୟମରେ ବୁଥ ସ୍ତରରେ ବିଏଲଓ ମାନଙ୍କ ନିକଟରେ ଆବେଦନ କରିପାରିବେ । ଏହି କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୧ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତା ଡିସେମ୍ବର ୨୦ ତାରିଖ ସୁଦ୍ଧା ସମସ୍ତ ଆପତ୍ତି ଅଭିଯୋଗ ଗୁଡିକର ସମାଧାନ କରାଯାଇ ଆସନ୍ତା ବର୍ଷ ଜାନୁୟାରୀ ୫ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଭୋଟର ହେଲ୍ପଲାଇନ ଆପ, National Voter Service Portal ଏବଂ ଭୋଟର ସହାୟତା କେନ୍ଦ୍ର ମାଧ୍ୟମରେ ଭୋଟର ମାନେ ସେମାନଙ୍କ ତଥ୍ୟ ପାଇପାରିବେ । ଉପ ଜିଲ୍ଲାପାଳ ଓ ସମସ୍ତ ବି.ଡି.ଓ ମାନଙ୍କ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଛି । କୌଣସି ଭୋଟର ଯେପରି ଭୋଟ ଦାନରୁ ବଞ୍ଚିତ ନହୁଅନ୍ତି ଏଥିନିମନ୍ତେ ଆସନ୍ତା ୭ ଓ ୨୧ ତାରିଖ ରବିବାର ମାନଙ୍କରେ ସ୍ୱତନ୍ତ୍ର ଅଭିଯାନ ଦିବସ ପାଳନ କରାଯିବ । ବୁଥ ସ୍ତରୀୟ ଅଧିକାରୀ ମାନେ ବୁଥ ଗୁଡିକରେ ଉପସ୍ଥିତ ରହିବେ । ଜିଲ୍ଲାରେ ୭ ଲକ୍ଷ ୧୫ ହଜାର ୯୧୨ ଜଣ ପୁରୁଷ, ୬ ଲକ୍ଷ ୬୮ ହଜାର ୨୮୮ ଜଣ ମହିଳା ଓ ଅନ୍ୟାନ୍ୟ ୬୯ ଜଣଙ୍କୁ ମିଶାଇ ମୋଟ ୧୩ ଲକ୍ଷ ୮୪ ହଜାର ୨୬୯ ଜଣ ଭୋଟର ଅଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଦୀପ କୁମାର ସାହୁ, ଉପ ଜିଲ୍ଲାପାଳ ଶ୍ରୀ ଭବତାରଣ ସାହୁ, ନିର୍ବାଚନ ଡେପୁଟି କଲେକ୍ଟର ଶ୍ରୀ ଜିତେନ୍ଦ୍ର କୁମାର ପାତ୍ର, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ପରିବେଶକୁ ସୁହାଇଲା ପରି ଘର



ଶବ୍ଦ ପ୍ରଦୂଷଣ କାରଣରୁ ସମସ୍ତେ ବର୍ତ୍ତମାନ ଚିନ୍ତିତ । ରୋବ୍ୟାଧି ବଢ଼ିବା ସହ ପରିବେଶରେ ମଧ୍ୟ ଏକ ବିରାଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏଣୁ ପ୍ରଦୂଷଣକୁ ଯଥାସମ୍ଭବ ରୋକିବା ନିମନ୍ତେ ସଂଖ୍ୟାଧିକ ପଦକ୍ଷେପ ନିଆଯାଉଛି । ଏଇ ୨ବର୍ଷ ତଳେ ଚୀନର ଏକ କମ୍ପାନୀ ‘ଇକୋ - ଫ୍ରେଣ୍ଡଲି ଇଣ୍ଟେରିୟର’ ପ୍ରଚଳନ କରାଇଛି । ସମସ୍ତ ପ୍ରକାର ବର୍ଜ୍ୟ ବସ୍ତୁର ବ୍ୟବହାର କରାଯାଇ ପରିବେଶକୁ ସୁହାଇଲା ଭଳି ସମାଗ୍ରୀମାନ କମ୍ପାନୀ ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ଇତ୍ୟାଦି । ପ୍ରାରମ୍ଭରୁ ଲୋକେ ଏହା ପ୍ରତି ସେଭଳି ଆଗ୍ରହ ପ୍ରକାଶ କରିନଥିଲେ । ତେବେ ଅଭିଜ୍ଞ ଲୋକେ ଏସବୁ ବ୍ୟବହାର କରିବା ପରେ ସେମାନଙ୍କ ମତାମତକୁ ବିଭିନ୍ନ ସୋସିଆଲ ସାଇଟରେ ଉଲ୍ଲେଖ କରିଥିଲେ । ପରେ ଅନ୍ୟ ବର୍ଗର ଲୋକେ ମଧ୍ୟ ଏଇ ଇକୋ- ଫ୍ରେଣ୍ଡଲି ସମଗ୍ରୀ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । କମ୍ପାନୀର ମୁଖ୍ୟଙ୍କ ମତରେ, ବିଭିନ୍ନ ଘରରର ଇକୋ- ଫ୍ରେଣ୍ଡଲି ସାଜସଜ୍ଜାର ଭିନ୍ନଭିନ୍ନ ବଜେଟ୍ ରହିଛି । ଏବେ ଚୀନର ଏହି କମ୍ପାନୀ ଆମେରିକା କାନାଡାରେ ବ୍ୟବସାୟ ଆରମ୍ଭ କରିବା ସହ ଦିଲ୍ଲୀର କେତେକ ପ୍ରାନ୍ତରେ ମଧ୍ୟ କାମ ଆରମ୍ଭ କରିଛି ।









## କାଠି ଚିକେନ



***ଆବଶ୍ୟକ ସାମଗ୍ରୀ:*** ବୋନଲେସ ଚିକେନ, ଦହି, ଲେମ୍ବୂରସ, ଲୁଣ, ଲଙ୍କାଗୁଣ୍ଡ, ଗରମ ମସଲା, ଅଦାରସୁଣ ବଟା, ହଳଦୀ ଗୁଣ୍ଡ, ରିଫାଇନ ତେଲ, ଶାଳପତ୍ର, ଆଲୁମିନିୟମ ଫଏଲ ଓ ଗୋଲ ମରିଚ ଗୁଣ୍ଡ ।

***ପ୍ରସ୍ତୁତ ପ୍ରଣାଳୀ:*** ପ୍ରଥମେ ବଜାରରୁ ବୋନଲେସ ଚିକେନ ଆଣି ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଦହି, ଲେମ୍ବୂରସ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ୧୫ ମିନିଟ୍ ପରେ ସେଥିରେ ଲଙ୍କାଗୁଣ୍ଡ, ଗରମ ମସଲା, ଅଦାରସୁଣ ବଟା ଓ ହଳଦୀ ଗୁଣ୍ଡ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ତା'ସହିତ କିଛି ରିଫାଇନ ତେଲ ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ଏହା ପରେ ବାଉଁଶ କାଠିରେ ମସଲା ଗୋଳା ଚିକେନକୁ ପୂରାଇ ତାକୁ ଶାଳପତ୍ରରେ ଗୁଡାଇ ଦିଅନ୍ତୁ। ଚିକେନ ଯେମିତି ଅଧିକ ନ ପୋଡ଼ିଯିବ ସେଥିପାଇଁ ତା'ଉପରେ ଆଲମୁନିୟମ ଫଏଲର କଭର ଦେଇ ଦିଅନ୍ତୁ। ଏହା ପରେ ଧିମା ଆଞ୍ଚରେ ଗ୍ୟାସ ଚୁଲା ଉପରେ ଛାଞ୍ଚ ଦ୍ୱାରା ଏହାକୁ ପୋଡ଼ନ୍ତୁ। ମଝିରେ ମଝିରେ ଏହାକୁ ଲେଉଟାଇ ଦିଅନ୍ତୁ।୧୫ରୁ ୨୦ ମିନିଟ୍ ପରେ ଏହାକୁ ଗ୍ୟାସ ଚୁଲାରୁ ବାହାର କରି ଦିଅନ୍ତୁ। ପରେ ସେଥିରେ ରିଫାଇନ ତେଲ ମାରି ନିଆଁରେ ପୁଣି ଥରେ ପୋଡ଼ନ୍ତୁ। କିଛି ସମୟ ପରେ ପ୍ରସ୍ତୁତ ହୋଇଯିବ କାଠି ଚିକେନ।



# ଟିପ୍ସ: ମୁଡ୍ ବନାଇବା ପାଇଁ

ରିଲେସନ୍‌ସିପ୍‌ରେ ସେକ୍ସ ଏକ ପ୍ରମୁଖ ଭୂମିକା ନେଇଥାଏ । ପ୍ରାରମ୍ଭିକ ସମୟରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଥାଏ ବଡ଼ ଉତ୍ସାହ । ହେଲେ ସମୟ କ୍ରମେ ବିଭିନ୍ନ ଦାୟିତ୍ୱ, କର୍ମ ବ୍ୟସ୍ତତା କାରଣରୁ ଶାରୀରିକ ସମ୍ପର୍କ ପ୍ରଭାବିତ ହୋଇଥାଏ । ଆଉ ଏହା ସମ୍ପର୍କ କ୍ଷେତ୍ରରେ ଠିକ୍ ନୁହେଁ । ଯଦି ଆପଣଙ୍କୁ ଲାଗୁଛି ଆପଣଙ୍କ ରିଲେସନ୍‌ସିପ୍ ଏହି ସମୟ ଦେଇ ଗତି କରୁଛି, ତେବେ ଏହାକୁ ଦୂର କରିବା ପାଇଁ, ଜୀବନକୁ ଉପଭୋଗ କରିବା ପାଇଁ ନିମ୍ନଲିଖିତ ଟିପ୍ସକୁ ଅନସରଣ କରିବା ନିହାତି ଆବଶ୍ୟକ ।

♦ ଆପଣ ଉଭୟେ କେତେ ବି କର୍ମଚାପରେ ରୁହନ୍ତୁ ନା କାହିଁକି, ଅତିକମ୍‌ରେ ଗୋଟିଏ ଦିନ ବାହାର କରି ଉଭୟେ ଏକତ୍ର ବିତାଇବା ଦରକାର । କିଛି ସ୍ଥାନ ବୁଲିବାର ଯୋଜନା ରଖିବା, ଖୋଲାଖୋଲି କଥାବାର୍ତ୍ତା ହେବା ଏହି ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ ।

♦ ଆପଣଙ୍କ ରିଲେସନ୍‌ସିପ୍ ଦୀର୍ଘଦୀନ ହୋଇଯିବା ଅର୍ଥ ଆପଣ ରୋମାଣ୍ଟିକ୍ କଥାବାର୍ତ୍ତା କରିବା ଛାଡ଼ିଦେବା ଠିକ୍ ନୁହେଁ । ରୋମାନ୍ସ ସବୁବେଳେ ରହିବା ଦରକାର । ପରସ୍ପର ମଧ୍ୟରେ ରୋମାଣ୍ଟିକ୍ କଥାବାର୍ତ୍ତା ଆପଣଙ୍କୁ ଆଗାମୀ ପଦକ୍ଷେପ ନେବାକୁ ଆହୁରି ସହଜ କରିବ ।

♦ ରୋମାଣ୍ଟିକ୍ ଡିନର୍ ଡେଟ୍ ମଧ୍ୟ ପ୍ରେମକୁ ମଜଭୁତ କରିବା ଓ ଆଗକୁ ନେବାରେ ବଡ଼ ସହଯୋଗ କରିଥାଏ । ଯଦି ଆପଣ କ୍ୟାଣ୍ଡେଲ୍ ଲାଇଟ୍ ଡିନର୍ କରୁଛନ୍ତି, ତେବେ ବହୁତ ଭଲ । ନଚେତ୍ ଖାଇବା ଦରକାର । ଏହା ଉଭୟେଙ୍କୁ ଆହୁରି ହୃଦୟର ପାଖକୁ ଆଣିଥାଏ ।

♦ ଉଭୟ ପତି-ପତ୍ନୀ ପରସ୍ପରକୁ ସେକ୍ସି ଗିଫ୍ଟ ଦେବାକୁ ଅସହଜ ମନେକରିଥାନ୍ତି । ହେଲେ ମନେ ରଖିବା ଦରକାର ଯେ, ଏହି ଉପହାର ମାଧ୍ୟମରେ ଆପଣ ନିଜର ମନର କଥା ଏବଂ ଶାରୀରିକ ସମ୍ପର୍କ ରକ୍ଷା କରିବାର ବିଷୟକୁ ଅବଗତ କରାଇ ପାରିବେ ।

♦ ସମ୍ପର୍କ ସମୟରେ ସବୁବେଳେ ମନେ ରଖିବା ଦରକାର ଯେ, ଆପଣ ରୋମାନ୍ସକୁ ଭୁଲି ନାହାନ୍ତି । ଯେତେ ବିଳମ୍ବ ହେଲେ ମଧ୍ୟ ରୋମାନ୍ସ କରିବା ଛାଡନ୍ତୁ ନାହିଁ । କାରଣ ଏହା ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଅତି ଜରୁରୀ ।









# ଶୟନ କକ୍ଷରେ ଶାନ୍ତି ନିମନ୍ତେ ଆପଣାନ୍ତୁ ଉପାୟ

ଘରର ଏକ ପ୍ରମୁଖ ସ୍ଥାନ ଶୟନକକ୍ଷ । କାରଣ, ଏଠାରେ ସାରାଦିନର ବ୍ୟସ୍ତତା ପରେ ମଣିଷ ବିଶ୍ରାମ କରିଥାଏ । ଯେତେ ସୁନ୍ଦର କକ୍ଷ ଘର ଭିତରେ ଥିଲେ ମଧ୍ୟ ନିଜ ଶୟନକକ୍ଷ ଅତି ଆପଣାର ଲାଗେ । ହେଲେ ଅନେକ ଥର ଦେଖାଯାଏ, ଶୟନକକ୍ଷ ତଥା ପଲଙ୍କ ବାସ୍ତୁର ବିପରୀତ ଦିଗରେ ଥିଲେ ଏହାର ପ୍ରଭାବ ମଣିଷର କାର୍ଯ୍ୟକ୍ଷମତା ତଥା ଦାମ୍ପତ୍ୟ ଜୀବନ ଉପରେ ପଡ଼େ । ତେଣୁ ବାସ୍ତୁ ଅନୁସାରେ ଶୟନ କକ୍ଷରେ ସାମାନ୍ୟ ପରିବର୍ତ୍ତନ ଆଣିଲେ ଏହା ଜୀବ ନରେ ଶାନ୍ତି ଭରିଦେଇପାରେ । ଶୟନ କକ୍ଷରେ ଝରକା ତ ନିଶ୍ଚୟ ରହି ବା ଦରକାର । ସକାଳ ସୂର୍ଯ୍ୟକିରଣ ଶୟନକକ୍ଷରେ ପ୍ରବେଶ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେବେ ମୁଖ୍ୟଦ୍ୱାର ଦିଗକୁ ଗୋଡ଼ କରି ଶୁଅନ୍ତୁ ନାହିଁ । ପଲଙ୍କ ସମ୍ମୁଖରେ ମଧ୍ୟ ଦର୍ପଣ ରଖିବା ମନା । ଏହା ମନ ବିଚଳିତ କରେ । ପତି-ପତ୍ନୀଙ୍କ ପ୍ରତୀକ ଭାବେ ଦୁଇଟି ସୁନ୍ଦର ଫୁଲଦାନି ଶୟନକକ୍ଷରେ ରଖନ୍ତୁ । ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହେବ । ଯଦି ଆର୍ଥିକ ସ୍ଥିତି ଯୋଗୁ ଦାମ୍ପତ୍ୟରେ ସମସ୍ୟା ହେଉଛି ତେବେ ଏକ ସୁନ୍ଦର ପାତ୍ରରେ ଚାଉଳ ଦାନା ସହ ପବିତ୍ର କ୍ରିଷ୍ଟାଲ ରଖନ୍ତୁ । ପଲଙ୍କ ଦକ୍ଷିଣ ଦିଗକୁ ରଖନ୍ତୁ ଯେପରିକି ଶୋଇବା ସମୟରେ ମୁଣ୍ଡ ଉତ୍ତର ଦିଗକୁ ରହିବ । ଏପରି ହୋଇନପାରିଲେ ପଶ୍ଚିମ ଦିଗରେ ପଲଙ୍କ ରଖାଯାଇପାରେ ଏବଂ ଶୋଇଲା ବେଳେ ମୁଣ୍ଡ ପୂର୍ବଦିଗକୁ ରଖିବେ । ଘରର ମୁଖ୍ୟ ଶୟନ କକ୍ଷ ନୈରତ (ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ ଭାଗରେ କାଚ କିମ୍ବା ସେରାମିକ୍ ପାତ୍ରରେ ଛୋଟଛୋଟ ପଥର ବା କ୍ରିଷ୍ଟାଲ ପକାଇ ଲାଲ ରଙ୍ଗର ଦୁଇଟି ମହମବତି ଜଳାନ୍ତୁ । ଏହା ସକାରାତ୍ମକ ଶକ୍ତି ପ୍ରବାହରେ ସହାୟକ ହେବ । ସେରାମିକ୍ ୱିଣ୍ଡ ଚାଇମ୍ସ ବି ବ୍ୟବହାର କରିପାରିବେ । ତେବେ ଶୟନକକ୍ଷରେ ଯେପରି ଅଳିଆ ଜମା ନହୁଏ ଏବଂ କୌଣସି ଧୂଳି ଧୂସରିତ ବସ୍ତୁତ ନରହେ, ସେଥିପ୍ରତି ସତର୍କ ରହିବେ । ଝରକା ସାମ୍ନାରେ ଡ୍ରେସିଂ ଟେବୁଲ ରଖିବେନି କିମ୍ବା କୌଣସି ଫର୍ଣ୍ଣିଚର ଯେପରି ଧନୁ, ଅର୍ଦ୍ଧଚନ୍ଦ୍ର କିମ୍ବା ବୃତ୍ତାକାର ନହୁଏ- ସେଥିପ୍ରତି ଦୃଷ୍ଟି ଦେବେ । ଏପରି ହେଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଶୟନକକ୍ଷରେ ଲାଲ କିମ୍ବା ଗୋଲାପୀ ରଙ୍ଗର ବ୍ୟବହାରକୁ ଗୁରୁତ୍ୱ ଦେବେ । ସୁନ୍ଦର ପକ୍ଷୀମାନଙ୍କର ଛୋଟ ଯୋଡ଼ି ଶୟନକକ୍ଷରେ ରଖନ୍ତୁ । ଏଥିରେ ଦାମ୍ପତ୍ୟ ଜୀବନ ସୁଖଦ ରହିବ । ପାଣି ବା ଜଳପ୍ରପାତ ଥିବା ଫଟୋ ଆଦୌ ରଖନ୍ତୁ ନାହିଁ ।








# ଏ ପ୍ରବୃତ୍ତିରୁ ଦୂରେଇ ରହନ୍ତୁ

କେତେକ ବର୍ଗର ଲୋକଙ୍କ ସଂସ୍ପର୍ଶରେ ଆମ ଭିତରୁ ଅନେକ ଆସିଥିବେ, ଯେଉଁମାନେ କଥାକଥାରେ ଭୁଲ ମାଗିଥାନ୍ତି । ଏଭଳି କହିବା ପୂର୍ବରୁ ପ୍ରତି ନିଜ ଦୃଷ୍ଟି ଦେଇ ଚିନ୍ତା କରନ୍ତୁ ଯେ ଏପରି କି ଭୁଲ କଲେ ଯେ ସେଥିପାଇଁ ସାମାନ୍ୟସାମାନ୍ୟ କଥାରେ ମଧ୍ୟ ଭୁଲ ମାଗିବାକୁ ପଡୁଛି । ଦିଲ୍ଲୀର ନାମୀ ମନସ୍ତତ୍ତ୍ୱବିତ ଡାକ୍ତର ଆରତି ଆନନ୍ଦଙ୍କ ମତରେ, ପ୍ରାୟ ପ୍ରତି ୨୦ଜଣରେ ଏହି ବର୍ଗର ଲୋକଙ୍କ ସଂଖ୍ୟା ୯ଜଣ । କିଛି ମାସ ତଳେ ଭାରତର ମହାନଗରୀ ଲୋକଙ୍କୁ ନେଇ ଏକ ଗବେଷଣା କରାଯାଇଥିଲା । ଦେଢ଼ ଲକ୍ଷରୁ ଅଧିକ ଲୋକ ଏଥିରେ ସାମିଲ ହୋଇଥିଲେ । ପରୀକ୍ଷାରୁ ଏହା ମଧ୍ୟ ସ୍ପଷ୍ଟ ହୋଇଥିଲା ଯେ ସାମାନ୍ୟ କଥାରେ ଭୁଲ୍ ମାଗୁଥିବା ବ୍ୟକ୍ତିଙ୍କ ବ୍ୟବହାର ଅତ୍ୟନ୍ତ ଅମାୟିକ ଓ ଭଦ୍ର, କିନ୍ତୁ ସେମାନଙ୍କର ଏଇ ପ୍ରକୃତିକୁ ଦେଖି ଅନ୍ୟମାନେ ଖୁବ୍ ଫାଇଦା ନେବାକୁ ଚେଷ୍ଟା କରନ୍ତି । ସେହି ବର୍ଗର ଲୋକଙ୍କ ଏଭଳି ପ୍ରକୃତି ପଛର କାରଣ ମଧ୍ୟ ସ୍ପଷ୍ଟ ହୋଇଥିଲା । ପିଲାଦିନୁ ଘରଲୋକଙ୍କ ଶକ୍ତ କଟକଣା ସହ ଖୁବ୍ ଆଦବକାଇଦାରେ ବଢ଼ିଥିବା କାରଣରୁ ବଡ଼ ହେବା ପରେ ପ୍ରତି କାମ କରିବା ପୂର୍ବରୁ ସେମାନେ ସଚେତନ ହୋଇଯାନ୍ତି । ଫଳସ୍ୱରୂପ, କାର୍ଯ୍ୟାଳୟ ହେଉ ଅବା ଅନ୍ୟ ସ୍ଥାନ, ଯେ କୌଣସି କାମ କଲାବେଳେ ଏମାନଙ୍କ ଆତ୍ମବିଶ୍ୱାସ ଦୃଢ଼ ନଥାଏ ।

# ରୁପା ମୁଦି ପିନ୍ଧିଲେ ବଦଳିପାରେ ଭାଗ୍ୟ

***ମୁଦି ପିନ୍ଧିବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି। ସୁନା, ରୁପା, ହୀରା ଓ ଅନ୍ୟ ଧାତୁନିର୍ମିତ ମୁଦି ସହ ଆଜିକାଲି ବହୁ ଷ୍ଟାଇଲିସ୍ ମୁଦି ମଧ୍ୟ ବଜାରରେ ମିଳୁଛି। ତେବେ ମୁଦି ପିନ୍ଧିବାବେଳେ କିଛି ଦିଗ ଉପରେ ନଜର ଦେଲେ, ଆପଣଙ୍କ ଭାଗ୍ୟ ବଦଳିଯିବାର ସମ୍ଭାବନା ମଧ୍ୟ ରହିଛି। ସବୁପ୍ରକାର ମୁଦିରୁ ଆପଣଙ୍କୁ ଶୁଭଫଳ ପ୍ରାପ୍ତି ହେବ ନାହିଁ। ଶାସ୍ତ୍ର ଅନୁସାରେ, ରୁପା ମୁଦି ପିନ୍ଧିବା ଦ୍ୱାରା ଆପଣଙ୍କୁ ସଫଳତା ମିଳିପାରିବ।*** ଆସନ୍ତୁ ଜାଣିବା, ରୁପା ମୁଦି ପିନ୍ଧିବା ଓ ରୁପା ପାତ୍ର ବ୍ୟବହାର ଦ୍ୱାରା କିପରି ଭାଗ୍ୟ ବଦଳିଯାଏ।

♦ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରୁପା'ର ସମ୍ପର୍କ ବୃହସ୍ପତି ଏବଂ ଚନ୍ଦ୍ରଙ୍କ ସହ ରହିଛି ।
♦ ଶାସ୍ତ୍ର ଅନୁସାରେ, ରୁପା ଧନବୃଦ୍ଧି ସହ ଭାଗ୍ୟ ପରିବର୍ତ୍ତନରେ ମଧ୍ୟ ସହାୟକ ହୋଇଥାଏ।
♦ କୁହାଯାଏ, ରୁପା ମୁଦି ପିନ୍ଧିଲେ,ଏହା ଆପଣଙ୍କ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ନଷ୍ଟ କରିଦିଏ। ଏହାଦ୍ୱାରା ସ୍ୱାସ୍ଥ୍ୟାଗତ ସମସ୍ୟା ମଧ୍ୟ ଦୂର ହୋଇଥାଏ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର




୨୮ ଅକ୍ଟୋବର ୨୦୨୧, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମଲାବେଳେ ହନୁ ସତକହେ...

ଭାରତବର୍ଷର ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ସଂଘୀୟ ଓ ସମନ୍ୱୟ ରକ୍ଷାରେ ପୂର୍ବଭଳି ସ୍ଥିତି ରହିଛି ବୋଲି ଦୃଢ଼ତା ସହକାରେ କୁହାଯାଇ ପାରୁନାହିଁ । ଏହା ପଛରେ ରହୁଛି ଅନେକ କାରଣ ଓ ବାଧବାଧକତା। କ୍ଷମତାଧରମାନଙ୍କ କାର୍ଯ୍ୟଶୈଳୀରେ ଅନୁଚିତ ପରିବର୍ତ୍ତନ ହେଉଛି ଏବଂ ଉଭୟ କେନ୍ଦ୍ର ତଥା ରାଜ୍ୟସମୂହ ଉପରେ ପଡୁଛି ତାହାର ପ୍ରତିକୂଳ ପ୍ରଭାବ । ଯାହା ଯେମିତି ସ୍ୱାଭାବିକ ଢଙ୍ଗରେ ଚାଲିବା କଥା, ସେଥିରେ ଖାଲି ବିଘ୍ନ ସୃଷ୍ଟି ହେଉନାହିଁ, ବରଂ ଜାତୀୟ ସଂହତି କ୍ଷୁର୍ଣ୍ଣ ହେବାପାଇଁ କାରଣକୁ ବାଟ କଢ଼ାଉଛି । ଅତୀତରେ କେତେକ କ୍ଷେତ୍ରରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ନେଇ ଏକାଧିକ କମିଶନ ବସାଯାଇ ସଂଜ୍ଞା ନିରୂପଣ ଉଦ୍ୟମ ହୋଇଛି । ରାଜ୍ୟଗୁଡ଼ିକ ଭିତରେ ସୀମା ସରହଦ ନେଇ ସମସ୍ୟାଠାରୁ ଆରମ୍ଭ କରି ନଦୀଜଳ ବଣ୍ଟନ ପର୍ଯ୍ୟନ୍ତ ବହୁ ପ୍ରସଙ୍ଗ ରହିଛି, ତାହାର ସମାଧାନ ଉଦ୍ୟମ ସେମିତି ଅଧାପନ୍ତରିଆ ହୋଇ ରହିଛି । ନା କେନ୍ଦ୍ର ପକ୍ଷରୁ ତାହାର ସମାଧାନ ଉଦ୍ୟମ ହୋଇଛି, ନା ରାଜ୍ୟଗୁଡ଼ିକ ଦେଖାଇଛନ୍ତି ଆନ୍ତରିକତା ମୂଳରୁ ବ୍ୟାଧିର ଉପଶମ ଉଦ୍ୟମରେ ନିଷ୍ଠା ରହୁନଥିବାରୁ ପରେ ତାହା ବେଳେବେଳେ ଦୁରାରୋଗ୍ୟର ରୂପ ନେଇଯାଉଛି । ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହିଗଲା ଭଳି ହେଉଛି । ଗୋଟିଏ ଅଧେ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ କ୍ଷେତ୍ରରେ କୌଣସି ନା କୌଣସି ସମୟରେ ଜଟିଳତା ପରିଲକ୍ଷିତ ହେବାରେ ଲାଗିଛି । ରାଜ୍ୟ-ରାଜ୍ୟ ଭିତରେ ବିବାଦ ଲାଗିଲେ ଯଦି ନିଷ୍ଠାର ସହ କେନ୍ଦ୍ର ମଧ୍ୟସ୍ଥି ଭୂମିକା ସମ୍ପାଦନ କରୁଥାନ୍ତା, କିଛି ନହେଲେ ତିକ୍ତତା ଅଧିକ ଆଗକୁ ବଢ଼ିଯାଇପାରନ୍ତା ନାହିଁ ବୋଲି ସମୀକ୍ଷକ ମହଲ ମତ ରଖନ୍ତି । ସମ୍ବିଧାନରେ ସ୍ପଷ୍ଟରୂପେ ଜାତୀୟ ଅଖଣ୍ଡତା ତଥା ଆଞ୍ଚଳିକ ସାର୍ବଭୌମତ୍ୱର ସ୍ୱାର୍ଥରେ ଯେଉଁଭଳି ଗୁରୁତ୍ୱ ଦିଆଯାଇଛି, ତାହାର ଆକ୍ଷରିକ ଅନୁପାଳନ ଦୂରର କଥା, ବରଂ ଅକୁଣ୍ଠ ଲଂଘନର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି । ତାହାହିଁ ବିଶେଷଜ୍ଞମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ । କର୍ଣ୍ଣାଟକ-ତାମିଲନାଡୁ କାବେରୀ ଜଳ ବିବାଦ, ମହାରାଷ୍ଟ୍ର -କର୍ଣ୍ଣାଟକ ସୀମା ବିବାଦ ଭଳି କେତେକ ମାମଲା ସେମିତି କଞ୍ଚା ଘା' ହୋଇ ରହିଯାଇଛି । ସେହି ଅଛିଣ୍ଡା ସମସ୍ୟାର ତାଲିକାରେ ଓଡ଼ିଶା-ଆନ୍ଧ୍ର ସୀମା ଓ ଜଳବଣ୍ଟନ ବିବାଦ ଯୋଡ଼ି ହୋଇସାରିବା ପରେ ସୁଦ୍ଧା ସମ୍ପୃକ୍ତ ପକ୍ଷମାନେ ନିର୍ବିକାର ରହିବା ଯେମିତି ଯନ୍ତ୍ରଣାକୁ ଅଧିକ ବଢ଼ାଇ ସାରିଛି । ତାହା ବାଦ୍ ରାଜ୍ୟପାଳମାନଙ୍କୁ କେନ୍ଦ୍ରର ଏଜେଣ୍ଟ ରୂପେ ବ୍ୟବହାର କରାଯିବା ଉଦ୍ୟମ ଦର୍ଶାଉଛି କି, କେନ୍ଦ୍ରର ରାଜ୍ୟ ସହ ସମ୍ପର୍କରେ ଉନ୍ନତି ପାଇଁ କେଉଁଠି ଆନ୍ତରିକତା ଊଣା ରହିଯାଉଛି । ଏ ବାବଦରେ ଗୋଟିଏ ତଟକା ଉଦାହରଣ ହେଉଛି ଗୋଆ ପର୍ତ୍ତୁଗୀଜ ଉପନିବେଶ ରହିବା ପରେ ବିବଦ୍ଧ ରାଜ୍ୟର ମାନ୍ୟତା ପାଇଥିବା ଗୋଆ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣ । ଏହି ରାଜ୍ୟରେ ମହାରାଷ୍ଟ୍ରବାଦୀ ଗୋମନ୍ତକ ପାଟି ଓ କଂଗ୍ରେସର ଶାସନ ଥିଲା । ଶଶିକଳା କକୋଦକର, ପ୍ରତାପ ସିଂ ରାଣେଙ୍କ ଭଳି ଶାସକ ଗୋଆର ନେତୃତ୍ୱ ନେବାପରେ ବିଜେପିର ବରିଷ୍ଠ ନେତା ମନୋହର ପାରିକର ରାଜ୍ୟ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ସମ୍ଭାଳିଥିଲେ । ତାଙ୍କୁ କେନ୍ଦ୍ର ନେତୃତ୍ୱ ପ୍ରତିରକ୍ଷା ଭଳି ଗୁରୁଦାୟିତ୍ୱ ଦେବାକୁ ଦିଲ୍ଲୀ ନେଇଥିଲେ । ତାଙ୍କର ନିଧନ ପରେ ଏବେ ଗୋଆର ମୁଖ୍ୟମନ୍ତ୍ରୀ ହୋଇଛନ୍ତି ପ୍ରମୋଦ ସାଓନ୍ତ । ସାଓନ୍ତ ଏହା ଭିତରେ କିଛି ଏଭଳି ନିଷ୍ପତ୍ତି ନେଇଛନ୍ତି, ସେଥିରେ ଦୁର୍ନୀତିର ଗନ୍ଧ ବାରିଛନ୍ତି ବିରୋଧୀ ଦଳ । ୩୭୦ ଧାରା ଉଚ୍ଛେଦ ପରେ (୨୦୧୯ ଅଗଷ୍ଟ ୫) ତାଙ୍କୁ କାଶ୍ମୀର ରାଜ୍ୟପାଳ ପଦରୁ ବଦଳି କରାଯାଇଥିଲା । ସେ ପରେ ମେଘାଳୟର ୧୯ତମ ରାଜ୍ୟପାଳ ଭାବେ ଅବସ୍ଥାପିତ ହେଲେ । ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାନ୍ତଙ୍କ ଦ୍ୱାରା ଗୃହୀତ ବିଭିନ୍ନ ବିବାଦୀୟ ତଥା ଦୁନୀତିପୂର୍ଣ୍ଣ ନେଇ ସତ୍ୟପାଳଙ୍କ ଟିପ୍ପଣୀ ପରେ ବିରୋଧୀ ଦଳମାନେ ସକ୍ରିୟ ହୋଇଉଠିଛନ୍ତି । କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳସମୂହ ସତ୍ୟପାଳଙ୍କ କଥିତ ସତ୍ୟାଳାପକୁ କେବଳ ସ୍ୱାଗତ କରିନାହାଁନ୍ତି, ବରଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିବାକୁ ପଛାଇ ନାହାଁନ୍ତି । ଉପକୂଳ ରାଜ୍ୟ ଗୋଆର ମୁଖ୍ୟମନ୍ତ୍ରୀ ନେଉଥିବା ସବୁ ନିଷ୍ପତ୍ତି ଦୁର୍ନୀତିପୂର୍ଣ୍ଣ ବୋଲି ଉଠିଥିବା ଅଭିଯୋଗ ନେଇ ଜାତୀୟ ଦଳର ନେତାମାନେ ଅଧିକ କଟୁ ଟିପ୍ପଣୀ ଦେବା ଆରମ୍ଭ କରିଦେଇଛନ୍ତି । ସାମଗ୍ରିକ ଦୃଷ୍ଟିରୁ ଦେଖିଲେ ରାଜ୍ୟପାଳ ରୂପେ ସତ୍ୟପାଳ କେତେଦୂର ରାଜନୈତିକ ଟିପ୍ପଣୀ ଦେବା ସମୀଚୀନ, ତାହାର ମଧ୍ୟ ତର୍ଜମା ଦରକାର । କାରଣ ସେ ରାଜନେତା କେତେବେଳେ ଥିଲେ ଏବେ ସାମ୍ବିଧାନିକ ଦାୟିତ୍ୱ ତୁଲାଉଛନ୍ତି । ପାଠ କହୁଛି: ସତ୍ୟ କହିବା ଠିକ୍, ହେଲେ ଅପ୍ରିୟ ସତ୍ୟ କୁହାଯିବା ସବୁବେଳେ ସ୍ପୃହଣୀୟ ନୁହେଁ । ସୁତରାଂ ସମୀକ୍ଷକ ମହଲର ମତ, ସତ୍ୟପାଳ ରାଜ୍ୟପାଳ ଥାଇ ଗୋଆ ସମ୍ପର୍କିତ ମନ୍ତବ୍ୟ ଦେବାର ସାମ୍ବିଧାନିକ ଯଥାର୍ଥତାର ପରୀକ୍ଷା ହେବା ଉଚିତ୍ ।

## ସମାଜସେବୀ ଭଗିନୀ ନିବେଦିତା



ଅମୂଲ୍ୟ କୁମାର ପଣ୍ଡା

ଭଗିନୀ ନିବେଦିତାଙ୍କ ପ୍ରକୃତ ନାମ ଥିଲା ମାର୍ଗାରେଟ ଆଲଭା । ସେ ୟୁରୋପର ଏକ ଖ୍ରୀଷ୍ଟିଆନ ପାଦ୍ରୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ହେଲେ ସ୍ୱାମୀ ବିବେକାନନ୍ଦଙ୍କ ସହ ସାକ୍ଷାତ ତାଙ୍କର ଜୀବନର ମୋଡ ବଦଳାଇ ଦେଇଥିଲା । ପାଶ୍ଚାତ୍ୟ ସଂସ୍କୃତି ବନ୍ଧନକୁ ଭାଙ୍ଗି ସେ କେବଳ ଯେ ଭାରତୀୟ ଶିକ୍ଷା, ସଂସ୍କୃତି ତଥା ଭାରତୀୟ ବିଚାର ଓ ଜୀବନ ପଦ୍ଧତିକୁ କେବଳ ଆପଣାଇ ନ ଥିଲେ ବରଂ ସନାତନ ହିନ୍ଦୁ ଧର୍ମ ଓ ଆଧ୍ୟାତ୍ମିକ ଜୀବନକୁ ସ୍ୱୀକାର କରିବା ସହ ଭାରତର ପୁନର୍ଜାଗରଣ ଓ ଭାରତର ସର୍ବାଙ୍ଗୀନ କଲ୍ୟାଣ ପାଇଁ ନିଜର ଜୀବନ ଉତ୍ସର୍ଗ କରି ଦେଇଥିଲେ । ସେ ନିଜ ମାନସକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରି ଭାରତ ସହିତ ସମ୍ପୂର୍ଣ୍ଣ ରୂପେ ଏକାକାର କରି ଦେଇଥିଲେ । ସେ ଭାରତ ଆସିବା ପରେ ଏକ ପ୍ରଶ୍ନର ଉତ୍ତରରେ ନିଜର ସଂକଳ୍ପକୁ ବ୍ୟକ୍ତ କରିଥିଲେ । ସେ କହିଥିଲେ "My life is given to India. In it I shall live and die." ସେ ଏହି ସଂକଳ୍ପକୁ ନେଇ କାମ କରିଥିଲେ । ତାଙ୍କର ଏହି ସଂକଳ୍ପର ଭାରତର ଜନସାଧାରଣ ହେଉଛନ୍ତି ସାକ୍ଷୀ । ତାଙ୍କର ମୃତ୍ୟୁ ପରେ ତାଙ୍କର ସମାଧିରେ ଭାରତୀୟମାନେ ଲେଖିଛନ୍ତି - "Here reposes Sister Nivedita who gave her all to India" ଭାରତକୁ ଭଲ ପାଉଥିବା ଓ ଭାରତ ଏବଂ ଭାରତୀୟତା ପାଇଁ ନିଜର ଜୀବନ ଉତ୍ସର୍ଗ କରିଥିବା ଭଗିନୀ ନିବେଦିତା । ପ୍ଲେଗ୍ ମହାମାରୀ ବେଳେ ନିଜ ଜୀବନକୁ ଖାତର ନ କରି ରୋଗୀ ସେବା କରିଥିଲେ। 'ରାମକୃଷ୍ଣ ମିସନ୍'ରେ ସାମିଲ ହୋଇ ସେ ଭାରତରେ ବ୍ରିଟିସ୍ ବିରୋଧୀ କାର୍ଯ୍ୟ-କଳାପ ଚଳାଇଥିଲେ। ଶାରଦା ମାତାଙ୍କ ସହ ତାଙ୍କର ଅନ୍ତରଙ୍ଗ ସମ୍ପର୍କ ଥିଲା। ଭାରତକୁ ଏକ ମହାନ୍ ଦେଶ ଭାବେ ସେ ଗ୍ରହଣ କରିଥିଲେ ଏବଂ ଏହାର ସ୍ୱାଧୀନତା ସପକ୍ଷରେ ଖୋଲାଖୋଲି ମତ ଦେଉଥିଲେ। ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ପାଇଁ ଜ୍ୱାଳାମୟୀ ଭାଷଣ ଦ୍ୱାରା ସେ ଯୁବ ଶ୍ରେଣୀକୁ ଆହ୍ୱାନ ଦେଉଥିଲେ। ସେ ଲର୍ଡ଼ କର୍ଜନ୍‌ଙ୍କର ତୀବ୍ର ସମାଲୋଚିକା ଥିଲେ। ବଙ୍ଗ ଭଙ୍ଗକୁ ବିରୋଧ କରିଥିଲେ। ତାଙ୍କ ଉଦ୍ୟମରେ ବଙ୍ଗ ଭଙ୍ଗ ଆନ୍ଦୋଳନ ତୀବ୍ରତର ହୋଇଥିଲା। ଫିରଙ୍ଗୀ ପୁଲିସ୍ କବଳରୁ ବର୍ତ୍ତିବା ପାଇଁ ଦେଶତ୍ୟାଗ କରିବା ନିମନ୍ତେ ଭଗିନୀ ନିବେଦିତା ଶ୍ରୀ ଅରବିନ୍ଦଙ୍କୁ ପ୍ରଭାବିତ କରିଥିଲେ। ପୁଣି ତାଙ୍କ ଦ୍ୱାରା ପ୍ରକାଶିତ 'କର୍ମଯୋଗୀନ' ପତ୍ରିକାର ସମ୍ପାଦନା ଦାୟିତ୍ୱ ନେଇଥିଲେ। ନିବେଦିତା ଭାରତ ଓ ଭାରତୀୟଙ୍କ ଉପରେ ଗୁଡ଼ିଏ ବହି ଲେଖିଯାଇଛନ୍ତି।



ଭଗିନୀ ନିବେଦିତା ତଥା ମାଗରିଟ୍ ଏଲିଜାବେଥ୍ ନୋବେଲ୍‌ଙ୍କ ଜନ୍ମ ୨୮ ଅକ୍ଟୋବର ୧୮୬୭ରେ ଆୟର୍ଲ୍ୟାଣ୍ଡର ଡୁଙ୍ଗାନାଁନ ଗ୍ରାମରେ ହୋଇଥିଲା। ତାଙ୍କ ମାତାଙ୍କ ନାମ ମେରୀ ଇସାବେଲ୍ ଓ ପିତାଙ୍କ ନାମ ସୈମୁଅଲ୍ ରିଚ୍‌ମଣ୍ଡ୍ ନୋବେଲ୍ ଥିଲା। ନୋବେଲ୍‌ଙ୍କ ବଂଶଜ ସ୍କଟିଜ୍ ଥିଲେ କିନ୍ତୁ କିନ୍ତୁ ସେ ନିଜ ପିଲାଦିନ ଆୟର୍ଲ୍ୟାଣ୍ଡରେ ଅତିବାହିତ କରିଥିଲେ। ତାଙ୍କ ପିତା ଜଣେ ପୂଜାରୀ ଥିଲେ, ଯିଏକି ଭଗିନୀ ନିବେଦିତାଙ୍କୁ ବହୁତ ମହତ୍ତ୍ୱପୂର୍ଣ୍ଣ କଥା ଶିଖାଇଥିଲେ, 'ମଣିଷର ପୂଜା କରିବା ଭଗବାନଙ୍କ ପୂଜା କରିବା ସହ ସମାନ'। ଯେତେବେଳେ ଭଗିନୀ ନିବେଦିତା ଏକ ବର୍ଷର ହୋଇଥିଲେ ସେତେବେଳେ ସୈମୁଅଲ୍ ଇଂଲଣ୍ଡର ମଞ୍ଚେଷ୍ଟର୍ ଚାଲିଗଲେ। ସେତେବେଳେ କିଶୋରୀ ନିବେଦିତା ନିଜ ଆଇଙ୍କ ସହ ହେମିଲ୍‌ଟନ୍, ଆୟର୍ଲ୍ୟାଣ୍ଡ୍‌ରେ ରହୁଥିଲେ। ସେ ଯେତେବେଳେ ୪ ବର୍ଷର ହେଲେ ସେତେବେଳେ ସେ ନିଜ ପିତାଙ୍କ ସହ ରହିଲେ। ମାଗରିଟ୍‌ଙ୍କ ପିତା ସୈମୁଅଲ୍‌ଙ୍କ ୧୮୭୭ ମସିହାରେ ଦେହାନ୍ତ ହୋଇଥିଲା, ସେହି ସମୟରେ ଭଗିନୀ କେବଳ ୧୦ ବର୍ଷର ଥିଲେ। ସେତେବେଳେ ମାଗରିଟ୍‌ଙ୍କ ସବୁ ଦାୟିତ୍ୱ ତାଙ୍କ ଆଇ ନେଇଥିଲେ। ମାଗରିଟ୍ ତାଙ୍କ ପ୍ରାଥମିକ ଶିକ୍ଷା ଲଂଣ୍ଡନ୍‌ର ଚର୍ଚ୍ଚ ବୋର୍ଡିଙ୍ଗ ସ୍କୁଲ୍‌ରେ ଆରମ୍ଭ କରିଥିଲେ। ଏହାପରେ ସେ ଓ ତାଙ୍କ ଭଉଣୀ ହେଲିଫେକ୍ସ କଲେଜ୍‌ରେ ପଢ଼ିଲେ। ସେହି କଲେଜର ଅଧ୍ୟାପିକା ତାଙ୍କୁ ଜୀବନର ଉପଯୋଗୀ କେତେ ମହତ୍ତ୍ୱପୂର୍ଣ୍ଣ କଥା ଓ ବଳିଦାନ ବିଷୟରେ ଶିଖାଇଲେ। କଳା, ବାଦ୍ୟ, ପଦାର୍ଥ ବିଜ୍ଞାନ, ସାହିତ୍ୟ ଥିବା ବିଷୟକୁ ଭଗିନୀ ନିବେଦିତା ଅଭ୍ୟାସ କରୁଥିଲେ। ସେ ଥିଲେ ଏକଧାରରେ ସମାଜ-ସେବୀ, ଶିକ୍ଷୟିତ୍ରୀ ଓ ଲେଖିକା-ସମ୍ପାଦିକା। ଭାରତ ଥିଲା ତାଙ୍କର କର୍ମକ୍ଷେତ୍ର। ୧୮୯୫ରେ ଲଣ୍ଡନ୍‌ରେ ସେ ସ୍ୱାମୀ ବିବେକାନନ୍ଦଙ୍କୁ ଭେଟିଥିଲେ। ସ୍ୱାମୀ ବିବେକାନନ୍ଦ ହିଁ ତାଙ୍କୁ 'ନିବେଦିତା' ନାମ ଦେଇଥିଲେ, ଯାହାର ଅର୍ଥ 'ଭଗବାନ୍‌ଙ୍କୁ ସମର୍ପିତ'। ତାଙ୍କ ଉପଦେଶ ମାନି ୧୮୯୮ରେ ସେ କଲକାତା ଆସିଥିଲେ ଏବଂ ବ୍ରହ୍ମଚର୍ଯ୍ୟ ଗ୍ରହଣ କରିଥିଲେ। ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଇ, ସେହି ବର୍ଷ ହିଁ କଲକାତାରେ ଏକ ବାଳିକା ବିଦ୍ୟାଳୟ ଖୋଲିଥିଲେ।

ସ୍ୱାମୀଜୀଙ୍କ ସମ୍ପର୍କରେ ଆସିବା ପରେ ମାର୍ଗାରେଟ ଏଲିଜାବେଥ ନୋବଲ ନିଜର ସମ୍ପୂର୍ଣ୍ଣ ଜୀବନକୁ ଏକ ମହାନ ଉଦ୍ଦେଶ୍ୟ ପ୍ରାପ୍ତି ପାଇଁ ଉତ୍ସର୍ଗ କରି ଦେଇଥିଲେ ଓ ତାଙ୍କର ଗୁରୁଙ୍କ ଦ୍ୱାରା ଦିଆ ଯାଇଥିବା ନାମ ନିବେଦିତାକୁ ସମ୍ପୂର୍ଣ୍ଣ ଭାବେ ସାର୍ଥକ କରିଥିଲେ । ନିବେଦିତାର ଅର୍ଥ ହେଲା ସମ୍ପୂର୍ଣ୍ଣ ସମର୍ପିତା । ସେ ନିଜର ନାମ ଓ ହିନ୍ଦୁ ଗୁରୁ- ଶିଷ୍ୟ ପରମ୍ପରା ଅନୁସାରେ ନିଜର କାର୍ଯ୍ୟ ଓ ଶ୍ରମର ଫଳକୁ ନିଜର ଗୁରୁ ତଥା ପରମଗୁରୁଙ୍କ ଚରଣରେ ସମର୍ପିତ କରିଦେଲେ । ତାଙ୍କୁ ଯେଉଁ ଜୀବନ ପ୍ରକାଶ ଓ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା ତାହାର ଉଦଗମ ସ୍ଥାନ ସ୍ପଷ୍ଟ କରିବାକୁ ସେ ନିଜର ଉଲ୍ଲେଖ ରାମକୃଷ୍ଣ-ବିବେକାନନ୍ଦଙ୍କ ନିବେଦିତା ବୋଲି କରୁଥିଲେ । ଭଗିନୀ ନିବେଦିତା ଭାରତକୁ ନିଜର ବୋଲି ମନେ କରି ସମ୍ପୂର୍ଣ୍ଣ ଜୀବନ ଭାରତର ଉତଥାନ ପାଇଁ ଲଗାଇ ଦେଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପାଇଁ ସେ ପ୍ରେରଣାସ୍ରୋତ ଥିଲେ । ରବୀନ୍ଦ୍ର ନାଥ ଠାକୁର ଭଗିନୀ ନିବେଦିତାଙ୍କୁ ଲୋକ ମାତା ବୋଲି କହି ସମ୍ବୋଧିତ କରିଥିଲେ । ସେ କହିଥିଲେ - "ଯେଉଁ ମାନେ ନିବେଦିତାଙ୍କୁ ଦେଖିଛନ୍ତି ସେମାନେ ମନୁଷ୍ୟର ମନୁଷ୍ୟତ୍ୱକୁ ଦର୍ଶନ କରିଛନ୍ତି । ଚୈତନ୍ୟତାର ମୂର୍ତ୍ତ ସ୍ୱରୂପକୁ ଦର୍ଶନ କରିଛନ୍ତି' । ଦାର୍ଜିଲିଂରେ ୨୮ ଅକ୍ଟୋବର ୧୮୬୭ ତାଙ୍କର ଦେହାନ୍ତ ହୋଇଥିଲା।

+ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ)୯୯୩୮୯୦୬୦୭୦

## ଆମ ଦେଶ ଭାରତ ଓ ଶିଶୁ ଶ୍ରମିକ



ଭାଗୀରଥି ସାଗର

ଫୁର୍ତ୍ତି, ଆନନ୍ଦ, ଉତ୍ସାହ, ଉଦ୍ଦୀପନା, ଖେଳ, କୌତୁହଳ, ମୌଜ, ନାଚ, ଗୀତ କୁସ୍ତି, କସରତ ସହ ପଠା ଜାରି ରଖିବାକୁ ଅଧିକାଂଶ ଶିଶୁ ଭଲ ପାଆନ୍ତି ।ଶିଶୁର ଶାରୀରିକ ତଥା ମାନସିକ ବିକାଶରେ ଆନନ୍ଦତା ଢେର ସାହାଯ୍ୟ କରେ ।କିନ୍ତୁ ସବୁ ଶିଶୁ କ'ଣ ଆନନ୍ଦପାଇ ପାରନ୍ତି ?ଶିଶୁ ତ ଅମୃତ ସନ୍ତାନ। ଭାଗ୍ୟବାନ ବୋଲାଏ ଏହି ଶିଶୁ ଯାହାର କି ସମସ୍ତ ପ୍ରକାରର ଆବଶ୍ୟକତା ପୂର୍ଣ୍ଣ ହୋଇ ଥାଏ। କିନ୍ତୁ ଆଜି ବି ଏମିତି ଶିଶୁ ଅଛନ୍ତି ଯିଏ କି ଦି' ଓଳି ଦି ପଟ ରୋଟି ନ ପାଇ ଭୋକରେ ଓଦା କନା ପେଟରେ ପକାଇ ଡହଳ ବିକଳ ହୁଅନ୍ତି। ରାତି ପାହିଲେ ଅନିଚ୍ଛା ଥିଲେ ସୁଦ୍ଧା ପେଟ ପାଇଁ କେଉଁଠି ନା କେଉଁଠି ତାକୁ କାମ କରିବାକୁ ପଡୁଛି। ଏଇଠୁ ସୃଷ୍ଟି ହୁଏ ଶିଶୁ ଶ୍ରମିକ। ଶିଶୁ ଶ୍ରମିକ ଆମ ଦେଶ ଓ ସମାଜ ପାଇଁ ଗମ୍ଭୀର ବିଷୟ ଅଟେ। ଆଜି ଆମ ଦେଶରେ ଯେ କୌଣସି ଶିଶୁକୁ କଠିନ କାର୍ଯ୍ୟ କରୁଥିବାର ଗୋଟିଏ ସାଧାରଣ କଥା ହେଲାଣି। ପିଲାଙ୍କୁ ଖଟାଇ ବଡଲୋକ ଓ ମାଫିଆମାନେ ଢେର୍ ପଇସା ପାଇ ଧନଶାଳୀ ହୋଇ ପାରୁଛନ୍ତି। ଏହା ସଂପ୍ରତି ବ୍ୟାପାରରେ ପରିଣତ ହେଲାଣି । ଯେଉଁ କାରଣରୁ କି ଆମ ଦେଶରେ ଶିଶୁ ଶ୍ରମିକ ଦିନକୁ ଦିନ ବଢ଼ିବାରେ ଲାଗୁଛି, ପିଲାଙ୍କ ବାଲ୍ୟ ଜୀବନ ନଷ୍ଟ ହେଉ ଅଛି। ଫଳ ସ୍ୱରୂପ କି ଦେଶରେ ଗରିବଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ଏବଂ ବିକାଶରେ ବାଧା ସୃଷ୍ଟି ହେଉଅଛି। ଶିଶୁ ଶ୍ରମିକ ଆମ ସମାଜ ପାଇଁ କଳଙ୍କ ଅଟେ। ଶିଶୁ ଶ୍ରମିକ ପୁରା ଦେଶରେ ଉଗ୍ର ରୂପରେ ବଢ଼ିବାରେ ଲାଗୁଛି, ଯଦି ସମୟ ଥାଉ ଥାଉ ଏହାର ସମାଧାନ ରାସ୍ତା ଖୋଜିବା ନାହିଁ ତେବେ ପୁରା ଦେଶର ଭବିଷ୍ୟତ ସଙ୍କଟାପନ୍ନ ହୋଇଯିବ। ଅନ୍ତଃ ରାଷ୍ଟ୍ରୀୟ ଶ୍ରମ ସଂଘ ପ୍ରଥମ ଥର ପାଇଁ ଅନ୍ତଃ ରାଷ୍ଟ୍ରୀୟ ସ୍ତରରେ ଶିଶୁ ଶ୍ରମିକ ରୋକା ଯିବା ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ଯାହା ଫଳରେ ୨୦୦୨ ମସିହାରେ ସର୍ବସମ୍ମତି କ୍ରମରେ ଗୋଟିଏ ନିୟମ ପ୍ରଣୟନ କରାଗଲା। ଏହି ନିୟମ ଅନୁସାରେ ଛୋଟ ପିଲାଙ୍କୁ କାମ କରାଇବା ଅପରାଧ ଅଟେ। ୨୦୦୨ ମସିହା ଜୁନ ମାସ ୮ ତାରିଖକୁ ବିଶ୍ୱ ଶିଶୁ ଶ୍ରମିକ ନିଷେଧ ଦିବସ ଭାବରେ ପାଳନ କରାଯାଉଛି। ଆମ ଦେଶ ଭାରତ ଗୋଟିଏ ଗରିବ ରାଷ୍ଟ୍ର ହୋଇ ଥିବାରୁ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗରିବ ଶ୍ରେଣୀର ଲୋକେ ନିଜ କୌଳିକ ବୃତ୍ତିକୁ ଆପଣେଇଥାନ୍ତି, ଏଣୁ ନିଜ ଛୁଆଙ୍କୁ ମଧ୍ୟ ଏ ବୃତ୍ତି କରି ଟଙ୍କା ରୋଜଗାର କରିବାକୁ ପ୍ରବର୍ତ୍ତାଇ ଥାନ୍ତି। ଶିକ୍ଷାର ଅଭାବ ହେତୁ ଏମାନେ ଭାବନ୍ତି, ଯେତେ ଶୀଘ୍ର ପିଲା ରୋଜଗାର କରିବା ଶିଖି ଯିବ, ସେତେ ଭଲ ହେବ। କିଛି ପିଲାଙ୍କ ପିତା ମାତା କାମ କରିବାକୁ ଚାହାନ୍ତି ନାହିଁ ଏବଂ ପିଲାଙ୍କୁ ରୋଜଗାର କରିବାକୁ ପଠାଇ ଦିଅନ୍ତି । ଲୋକେ ଶିଶୁମାନଙ୍କୁ କାମରେ ରଖିବାକୁ ଅଧିକ ପସନ୍ଦ କରନ୍ତି କାରଣ କାମ ବଦଳରେ ଏମାନଙ୍କୁ କମ ମଜୁରି ଦେଇଥାନ୍ତି। ଆମ ଦେଶରେ ଲକ୍ଷ ଲକ୍ଷ ଶିଶୁ ଅନାଥ, ଏଣୁ ଏହା ମଧ୍ୟ ଶିଶୁ ଶ୍ରମିକ ସଂଖ୍ୟା ବଢ଼ିବାର ଅନ୍ୟ ଏକ କାରଣ। ଜୀବନର ମହତ୍ୱପୂର୍ଣ୍ଣ ସମୟ ହେଉଛି ବାଲ୍ୟ କାଳ। ବାଳକ ଟିଏ ଖେଳ କୁଦ କରିବା ସମୟରେ ଶ୍ରମିକ ସାଜି କାମ କରେ, ଫଳରେ ଖେଳକୁଦ ଠାରୁ ସେ ବଞ୍ଚିତ ହୋଇଯାଏ ଏବଂ ତାର ମନ ପସନ୍ଦର କାମ କରି ପାରେ ନାହିଁ। ସେ ସାରା ବାଲ୍ୟ କାଳ କାମ କରି କରି ହି ବିତାଇ ଦିଏ ।ଦିନମଜୁରିଆ ସାଜି ଥିବା ଶିଶୁ ଅପପୁଷ୍ଟି ରୋଗର ଶିକାର ହୋଇ ଥାନ୍ତି, କାରଣ ତା ମାଲିକ କାମ ତ ବେଶି କରାନ୍ତି କିନ୍ତୁ ଖାଇବାକୁ କମ୍ ଦେଇଥାନ୍ତି। ଶିଶୁ ଶ୍ରମିକର ଅନ୍ୟ କାରଣ ଭ୍ରଷ୍ଟାଚାର ମଧ୍ୟ ଅଟେ, ସେଇଥି ପାଇଁ ମାଲିକ ହୋଟେଲ, ଢାବା, କଳକାରଖାନା ଠାରେ ବିନା ଭୟରେ କାମ କରାଇ ଥାନ୍ତି, ଯଦି ଧରା ପଡନ୍ତି ତେବେ ଏ ମାଲିକମାନେ ଲାଞ୍ଚ ଦେଇ ନିର୍ଦ୍ଦୋଷରେ ଖଲାସ ହୋଇ ଯାଆନ୍ତି। ତେଣୁ ଲୋକେ ଶିଶୁ ମାନଙ୍କୁ କାମରେ ଲଗାଇ ଥାନ୍ତି। ୨୦୧୧ ରେ ହୋଇ ଥିବା ଜନଗଣନା। ଆକଳନ ଅନୁଯାୟୀ ଆମ ଦେଶ ଭାରତର ୫ ରୁ ୧୪ ବର୍ଷର୨୫.୯୬ କୋଟି ପିଲା ମଧ୍ୟରୁ୧.୦୧ କୋଟି ଶିଶୁ କାମ କରୁଥିଲେ। ସାରା ପୃଥିବୀରେ ୫ରୁ୧୭ ବର୍ଷର ମଝିରେ ୧୫୨ ମିଲିୟନ ପିଲା କାମ କରନ୍ତି। ତନ୍ମଧ୍ୟରୁ ୮ ମିଲିୟନ ପିଲା କେବଳ ଭାରତରେ ଅଛନ୍ତି। ୧୫୨ ମିଲିୟନ ପିଲାମାନଙ୍କ ମଧ୍ୟରୁ ୭୩ ମିଲିୟନ ପିଲା ବିପଦପୂର୍ଣ୍ଣ କାମ କରନ୍ତି। ଭାରତ ସରକାରଙ୍କର ଶ୍ରମ ମନ୍ତ୍ରାଳୟ ଦ୍ୱାରା କରାଯାଇ ଥିବା ରିପୋର୍ଟ ଅନୁଯାୟୀ ପ୍ରାୟ ୧୦୨୪ ଲକ୍ଷ ପରିବାର ବାସ କରନ୍ତି। ଯାହାଙ୍କ ପାଖରେ ୩୫.୭ ପ୍ରତିଶତ କାମ କରୁଥିବା ବାଳକ ଅଛନ୍ତି। ଭାରତରେ କୃଷି କ୍ଷେତ୍ରରେ୧ କୋଟି ୨୨ ଲକ୍ଷ ଶିଶୁ କାମ କରନ୍ତି। ସିବକାସିର ଦିଆସିଲି କମ୍ପାନୀରେ ୧ଲକ୍ଷ ପିଲା, ଫେରୋଜାବାଦର କାଚ କମ୍ପାନୀରେ ୧ଲକ୍ଷ, ଆଗ୍ରା, କାହ୍ନପୁରର ଚମଡା କାରଖାନାରେ ୩୦୦୦୦ ପିଲା, ଲଖନୌର କୁକୁଡ଼ା ଫାର୍ମଠାରେ ୫୦୦୦୦ ପିଲା, ସହାରନପୁରର କାଠ କାରଖାନାରେ ୧୦୦୦୦ ଶିଶୁ, ବାରଣାସୀର ରେଶମ କାରଖାନାରେ ୫୦୦୦ ଶିଶୁ ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି। ଉତ୍ତର ପ୍ରଦେଶର ଗ୍ରାମୀଣ ମହିଳମାନଙ୍କର ବିକାଶରେ ପ୍ରଭାବରେ ସମ୍ବନ୍ଧିତ ଗୋଟିଏ ଅଧ୍ୟୟନରୁ ଜଣାଯାଇଛି ଯେ ୬ରୁ ୧୧ ବର୍ଷ ବୟସର ୩୫.୫ ପ୍ରତିଶତ ବାଳିକା ତଥା ୧୧ ରୁ ୧୮ ବର୍ଷର୫୨ ପ୍ରତିଶତ ବାଳିକା ବିଭିନ୍ନ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ ଅଛନ୍ତି। ସାମାଜିକ ସଦଭାବ ପ୍ରତିଷ୍ଠାନ ନୂଆ ଦିଲ୍ଲୀ ଦ୍ୱାରା ବାଳ ଶ୍ରମିକ ଉପରେ କରାଯାଇଥିବା ସର୍ବେକ୍ଷଣ ଅନୁସାରେ ଦିଲ୍ଲୀରେ ପ୍ରାୟ ୩ ଲକ୍ଷ ପିଲା ପ୍ରତିଦିନ ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ପରିଶ୍ରମ କଲେ ମଧ ଉପଯୁକ୍ତ ପାଉଣା ପାଆନ୍ତି ନାହିଁ। ଶିଶୁ ଶ୍ରମିକ ପ୍ରଥା ଆମ ଭାରତର ଗୋଟିଏ ଗମ୍ଭୀରପୂର୍ଣ୍ଣ ସମସ୍ୟା ଅଟେ। ପିଲାଙ୍କ ହସିବା, ଖେଳିବା ସମୟରେ ଅର୍ଥ ଉପାର୍ଜନ କରିବାକୁ କହିବା କେତେ ଦୂର ଠିକ୍ ? ତେବେ ଦେଶର ଭବିଷ୍ୟତରେ ମାଡ଼ି ଆସୁଛି ଛାଇ କହିଲେ ଭୂଲ ହେବ ନାହିଁ । ତେଣୁ ଏହାର ସମାଧାନ କରିବା ଦିଗରେ ସରକାରଙ୍କ ସହ ଦେଶର ପ୍ରତିଟି ନାଗରିକ ହାତ ମିଳାଇବା ଦରକାର। ସୁନ୍ଦର ଭାରତ ଗଠନ ପାଇଁ ଆମେ ଯଦି କେଉଁଠି ଶିଶୁଙ୍କୁ ଶ୍ରମ କରୁଥିବାର ଦେଖୁ ତେବେ ତୁରନ୍ତ ପୋଲିସ ଷ୍ଟେସନକୁ ଫୋନ୍ କରିବା ଉଚିତ। କାହିଁକି ନା ଆମ ମାଆ ଭାରତ ବେଣୀରେ ଏବେ ବି ଦିଶୁଛି ଜଳ ଜଳ ଅନେକ ଶିଶୁ ଶ୍ରମିକ।

+ ଡ଼ାଲଗୁମା, କୋକସରା,
କଳାହାଣ୍ଡି
(ମୋ) ୯୩୩୭୬୨୪୮୯୯

## କବିତା କୋଣାର୍କ

### ସେଦିନ ରାତିରେ



ରାହାସ କୁମାର ବେହେରା

ପ୍ରେମର ଭାଷା ମହୁଲି ନିଶା
ନିକିମା କଲାରେ,
କାଲି ରାତିରେ ପ୍ରିୟା ସାଥିରେ
ଝୁମେଇ ଦେଲାରେ ।
ନିଶାତ ନିଶା ବୟସ ନିଶା
ପାଗଳ କଲାରେ,
ପ୍ରଥମ ଛୁଆଁ ଲାଗିଲା ନୂଆ
କିମିଆ କଲାରେ ।
ତା'ମିଠା କଥା ଲାଗିଲା ଅଠା
ପ୍ରେମିକ କଲାରେ,
ବାହୁ ବନ୍ଧନେ ଜଡେଇ ଧରି
ନିଜର କଲାରେ ।
ପ୍ରୀତି ପସରା ଫୁଲ ଗଜରା
ବିଛେଇ ଦେଲାରେ,
ପ୍ରେମ ଫାସରେ ଫସେଇ ଦେଇ
ଘାଇଲା କଲାରେ ।
ଜହ୍ନ ଲୁଚିଲା ତାରା ଲୁଚିଲା
ଅନ୍ଧାର ହେଲାରେ,
ସେଇ ଅନ୍ଧାରେ ସାଇତା ଧନ
କାହାର ହେଲାରେ ।
ବହିଲା ବାଆ ଖୋଜିଲା ରାହା
ବାଇଆ କଲାରେ,
ଚାନ୍ଦିନୀ ରାତି ଅବୁଝା ସ୍ମୃତି
ସବୁ ସାଇଲାରେ ।
ବଢିଲା ରାତି ବଢ଼ିଲା ତାତି
ଜଳିଲା ଦେହରେ,
ସୁଖ ଚନ୍ଦନ ବାହୁ ବନ୍ଧନ
ଝୁଲେ ଝୁଲଣାରେ ।
ଖସିଲା ନିଶା ଖୋଜିଲା ଆଶା
ସକାଳ ହେଲାରେ,
ଲାଜ ସରମ ନିଜ ଧରମ
ଚୁଲୀକି ଗଲାରେ ।
ମନେ ପଡିଲେ ସେଦିନ ରାତି
ପାରୁନି ଶୋଇରେ,
ଆସନ୍ତା ଫେରି କନକ ଗୋରୀ
ମରୁଛି ଝୁରିରେ ।

+ ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ: ୭୫୯୦୧୫
(ମୋ) ୯୪୩୮୧୧୪୩୬୮

### ପ୍ରତୀକ୍ଷା ଭାବରେ କ୍ଳାନ୍ତ ପାଦ

ପ୍ରଶ୍ନ କୁମାର ଶତପଥୀ



ବଡ଼ ବିଚିତ୍ର ଭାବ ଏ ଦୁନିଆ,
ବୁଝି ହୁଏନା
ପ୍ରଳୟକାଳ ପର୍ଯ୍ୟନ୍ତ ନା
ଅନ୍ୟକାଳ ପର୍ଯ୍ୟନ୍ତ ଜୀବନର
ଅନୁସନ୍ଧାନ ଚାଲି ରହିବ
ପ୍ରଖର ବେଗରେ
ପୁଣି କେବେ ଅଚଳ ଆବେଗରେ ।
କ୍ଷଣକରୁ ଆରମ୍ଭ କରି ସବୁବେଳ ପାଇଁ
ପ୍ରତୀକ୍ଷା ହିଁ କେବଳ ଜୀବନକୁ
ଅଢୁଆ ଜାଲରେ ଛନ୍ଦି ରଖିଛି,
ନା ସେଥିରୁ ମୁକୁଳି ହେଉଛି ।
ଯେଉଁ ଛନ୍ଦରେ ବିତି ଯାଉଛି
ହିସାବ ନ ଥିବା ସମୟଗୁଡ଼ାକ
କେବେ ଆକାଶର ନିର୍ମଳ ମନରେ,
କେବେ ଅଳନ୍ଧୁ ରୂପରେ
ପୁଣି ଅସ୍ଥିର ପବନର ଜୀବନରେ,
ଧରିତ୍ରୀର ମଉନ ଆଶ୍ୱାସନରେ,
ପାଣିର ସ୍ୱଚ୍ଛ ଆଉ ପବିତ୍ରତାରେ,
ଅଦେଖା ମନ ଜୀବନ
ଏସବୁଙ୍କର ନିବିଡ଼ ପ୍ରେମ,
ରକ୍ତମାଂସର ଦେହ ଆଉ ମନ ସହ
ଆତ୍ମୀୟତା ବନ୍ଧନରେ
ପ୍ରାୟ ବନ୍ଦୀ ଏଇ ଜୀବନ।
ଭାବର ପ୍ରାଙ୍ଗଣରେ ଚିରକାଳ
ଦଣ୍ଡାୟମାନ ଶୁଷ୍କ ନିରସ ଖୁଣ୍ଟ ପରି
ଶବ୍ଦହୀନ ଇଲାକା ପରିକା
ମୋ ଚାରିପାଖକୁ ଆଖି
ଭ୍ରମରେ ଭ୍ରମରେ ବୁଲୁଥାଏ,
ନିତି ବ୍ୟାକୁଳତା ମନେ ଏଇ ଜଗତେ,
ଅସରନ୍ତି ପଥେ ଧାଇଁ ଚାଲିଥାଏ ପ୍ରାଣ
ଆଉ ଭାବ ଚାଲିଥାଏ ଆଗକୁ କ୍ଳାନ୍ତ
ପାଦରେ ।

+ ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ,
(ମୋ) ୯୧୭୮୧୭୩୬୭୫

### ସିନ୍ଦୂର

ଈଶ୍ୱର ମଙ୍ଗରାଜ



ସିନ୍ଦୂର ଟୋପା ନାରୀକୁ ଶୋଭା

ସିନ୍ଥି ସିନ୍ଦୂର ସୁନ୍ଦର
ହିନ୍ଦୁ ବିଭାହିତି ବୋଲି ହୁଅଇ ଉଭା
ସ୍ୱାମୀ ଅଛି ଖୁସି ତାର।

ଆଧୁନିକ ନାରୀ ସ୍ୱାଭିମାନୀ ବହୁତ
ସିନ୍ଥି ସିନ୍ଦୁର ଅଡୁଆ
ପଟେ ଥାଏ ଶଙ୍ଖା ଚୁଡ଼ି କାଚ ନାହିତ ।
ପାଦରେ ଅଳତା ଚୁଣ୍ଟିଆ ଭାରି ଅଡୁଆ
ମୁଣ୍ଡ ବାଳ ତାର ଖୋଲା
ବିବାହିତ ନାରୀ ଏବେ ରୂପ ବଢିଆ
ଯୁଗ ନେଇ ଠିଆ ପାଲା ।

ମିଚ୍ଛକୁ ଛୋଟ ଟୋପା ସିନ୍ଥିଟି ଧଳା
ଆଖିରେ କଜଳ ବୋଳା
ଲିପିଷ୍ଟିକ ବହଳ ଓଟ ଭାରି ନାଲିଆ
କେଶ ସଜା ସବୁ ଖୋଲା ।

ଧର୍ମ ମୁସିଲିମ କିରସ୍ତାନୀ ମହିଳା
ନାହିଁ ସିନ୍ଦୂର ଚୁଡ଼ି ଶଙ୍ଖା
ହିନ୍ଦୁଧର୍ମ ବିବାହିତ ନାରୀ ଲକ୍ଷ୍ମୀ ସ୍ୱରୂପା
ଏବେ ମଧା କିଣା ଟୋପା।

ସିନ୍ଦୁର ଓଢଣା କେଶ ବିନାଶ
ନାରୀଯୋଗୁ ଘରେ ହସ
ଏବର ନାରୀ ଶିକ୍ଷିତା ଲେଖେ କବିତା
ବିବାହ କରିବା ବୃଦ୍ଧା
ପୁର୍ବ କାଳ ନାରୀ ମୁର୍ଖ ସଭ୍ୟତା
ତଥାପି ଘର ଲକ୍ଷ୍ମିମାତା ।

ସିନ୍ଦୂର ଟୋପା ହେଉଛି ବିବାହ ଧର୍ମ
କର୍ମ ଗୁଣ ନାରୀ ସ୍ୱଭାବ
ସିନ୍ଥି ସିନ୍ଦୂର ବହଳ
ପର ପ୍ରିତି ହେବ ଧରା
ଲାଗିଯିବ ପୋଷାକ ଧର୍ମ ହିନ ଫଳ
ଚୂପୁ ଚାପ ପବନ ଚହଳ
ସିନ୍ଦୂର ଲାଗିଲା କି ପ୍ରକାର
ପଚାରିଲେ ଅସେ ରାଗ ପ୍ରବଳ ।
ଏ ହେଉଛି ପ୍ରେମ ସଂକେତ
ସିନ୍ଥି ସିନ୍ଦୂର ଅଡୁଆ ସୂତାତ
ବିପଦ ପରପ୍ରେମ ଯେ ରତ ।

+ ଖୋର୍ଦ୍ଧା

### ମୁଁ ବି ତୋ ପରି

ଝରଣା ବାରିକ



ମୁଁ ତ ମାଟିରେ ହେଇଛି ଗଢା
ତୁ ବି ମାଟିରେ ହେଇଛୁ ପୋଡ଼ା

ମୁଁ ତ ଜଳୁଛି ନିଇତି ହସି,
ତୁ ବି ଜଳୁଛୁ ଅନ୍ଧାରେ ବସି।

ତୋ ସଳିତା ତେଲରେ ବୁଡୁଛି,
ମୁଁ ଆଖିର ଲୁହରେ ଭିଜୁଛି।

ତୁ ଅନ୍ଧାରେ ଆଲୁଅ ଦେଉଛୁ,
ମୁଁ ଅନ୍ଧାରୀ ମୁଲକେ ରହୁଛି

ତୁ କାହାକୁ ଅପେକ୍ଷା କରିଛୁ,
ମୋ ଅପେକ୍ଷାର ଅନ୍ତ ଘଟିଛି

ମୁଁ ନିଇତି ମରୁଛି ଜୀଇଁ ଛି,
ହସରେ ଲୁହରେ ଆଶାରେ

ତୁ ନିଇତି ଜଳୁଛୁ ଖୁସିରେ
ଭରସା ବିଶ୍ୱାସ ନିଆଁରେ।

+ ସମଲ, ତାଳଚେର, ଅନୁଗୋଳ

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

### ଭାଗ-୩୩

ଆଣିଥିବା ବସ୍ତୁକୁ ନଦେଖି ମାଆ ସିନା ଏମିତି କହିଦିଅନ୍ତି । ହେଲେ ମାତୃଭକ୍ତ ପୁତ୍ରମାନେ ମାଆଙ୍କ କଥାକୁ ଟାଳି ନପାରି କୃଷ୍ଣାଙ୍କୁ ସମସ୍ତେ ହିଁ ଗ୍ରହଣ କରିନିଅନ୍ତି । ଇଏ କି ବିଡ଼ମ୍ବନା । ଭାଇମାନଙ୍କ ମନରେ ସେଦିନ କି ପ୍ରତିକ୍ରିୟା ସୃଷ୍ଟି ହୋଇଥିବ ମୁଁ ଜାଣେନା । ତେବେ ମୁଁ ଭାବୁଥିଲି ଦ୍ରୌପଦୀ କ'ଣ ଏହାକୁ ସହଜରେ ଗ୍ରହଣ କରି ନେଇଥିବେ । ଦ୍ରୌପଦୀଙ୍କ ମନରେ କି ପ୍ରକାର ଭାବନା ଥିବ ସେ କଥା ମୁଁ ଜାଣେନା । ତେବେ ମୁଁ କାହିଁକି ସେସବୁ ଏତେ ଭାବୁଛି । ଯେଉଁ ଦ୍ରୌପଦୀ ଭରପୂର ରାଜସଭାରେ ମୋତେ ଅପମାନିତ କରି ପ୍ରତ୍ୟାଖ୍ୟାନ କରିଥିଲେ ମୋର ତାଙ୍କ ପ୍ରତି ଏତେ ଦରଦ କାହିଁକି ? ସିଏ କ'ଣ କଲେ ନକଲେ ସେଥିରୁ ମୋତେ କ'ଣ ମିଳିବ । ତେବେ ମନେମନେ ଧନ୍ୟବାଦ ଦେଉଥିଲି ସେଇ ସୌଭାଗ୍ୟମୟୀ ମାଆ କୁନ୍ତୀଙ୍କୁ । ଯାହାକୁ ପୁତ୍ରମାନେ ଦେବୀତୁଲ୍ୟ ପୂଜା କରନ୍ତି। ତାଙ୍କ ମୁଖନିସୃତ କଥାକୁ ଅକ୍ଷରେ ଅକ୍ଷରେ ମାନି ନିଅନ୍ତି। ମୋ ମନରେ ଜାଗି ଉଠୁଥିଲା ଅନ୍ୟ ଭାବାନ୍ତର। ଶୁଣିଛି, ମୋର ଜନ୍ମର ପରମୁହୂର୍ତ୍ତରୁ ମାଆ ମୋତେ ତ୍ୟାଗ କରିଥିଲେ। ରାଧାମାଆ ମୋର ଗର୍ଭଧାରିଣୀ ମାଆ ନୁହଁନ୍ତି। ପାଳିତା ମାଆ । ଅବଶ୍ୟ ମୋ ପ୍ରତି ତାଙ୍କ ସ୍ନେହ ଅତୁଟ। ମୁଁ କିନ୍ତୁ ତାଙ୍କୁ ସେମିତି ପ୍ରତିଦାନ ଦେଇଛି କି ନା ଜାଣେନା । ପାଣ୍ଡବ ପାଞ୍ଚଭାଇଙ୍କ ମାତୃଭକ୍ତି ଦେଖି ମୋ ମୁଣ୍ଡ ଅଜାଣତରେ ନଇଁ ଯାଉଥିଲା।

ଦ୍ରୌପଦୀଙ୍କ ପଞ୍ଚପାଣ୍ଡବଙ୍କ ପତ୍ନୀ ହେବାର ନାଟକୀୟ ଘଟଣା ସବୁ ଗୋପନରେ ଧୃଷ୍ଟଦ୍ୟୁମ୍ନ ଦେଖିପକାନ୍ତି । ତାଙ୍କ ମନରେ କି ପ୍ରକାର ପ୍ରତିକ୍ରିୟା ହୁଏ କିଏ ଜାଣେ, ତେବେ ଅର୍ଜୁନ ଯେ ତାଙ୍କର ଜାମାତା ହୋଇଛନ୍ତି, ଏଥିପାଇଁ ଆନନ୍ଦରେ ଆତ୍ମହରା ହୋଇପଡ଼ନ୍ତି । ପଞ୍ଚପାଣ୍ଡବଙ୍କ ସହ ମାତା କୁନ୍ତୀ ଓ ଭଗ୍ନୀ ଦ୍ରୌପଦୀଙ୍କୁ ସମ୍ମାନର ସହ ନିଜ ସଂଗରେ ନେଇଯାଆନ୍ତି । ସେହିଠାରେ ହିଁ ପାଣ୍ଡବମାନଙ୍କ ସହ ଦ୍ରୌପଦୀଙ୍କର ବିବାହ ଅନୁଷ୍ଠିତ ହୁଏ । ମହାରାଜଙ୍କ ପାଖରେ ଏବେ କୌଣସି କଥା ଅଛପା ରହେନାହିଁ । ସେମାନଙ୍କୁ ଆତିଥ୍ୟ ଦେଇ ରାଜ୍ୟରେ ରହିବାକୁ ଅନୁରୋଧ କରନ୍ତି । ଧର୍ମରାଜ ଯୁଧିଷ୍ଠିର କିନ୍ତୁ ଏ ପ୍ରସ୍ତାବ ଗ୍ରହଣ କରିପାରନ୍ତି ନାହିଁ । ତାଙ୍କର ଏକା ଜିଦ୍ ସେମାନେ ନିଜ ରାଜ୍ୟ ଫେରି ନପାଇବା ପର୍ଯ୍ୟନ୍ତ ସେମାନେ ଅରଣ୍ୟରେ ହିଁ ଜୀବନ ବିତାଇଦେବେ।

ପରେପରେ ରାଜା ଧୃତରାଷ୍ଟ୍ରଙ୍କ ପାଖକୁ ଖବର ପଠାଯାଏ । ଇଚ୍ଛାଥାଉ କି ଅନିଚ୍ଛା ଥାଉ, ଏ ପରିସ୍ଥିତିରେ ଅନ୍ୟମାନଙ୍କ ସହ ନିଜକୁ ସାମିଲ୍ କରିବାପାଇଁ ନିଜର ଭ୍ରାତୃଷ୍ପୁତ୍ର ଓ ପୁତ୍ରବଧୂଙ୍କୁ ସାଦରେ ହସ୍ତିନାପୁର ଆଣିବାପାଇଁ ଆଗ୍ରହ ପ୍ରକାଶ କରନ୍ତି । ଦୁର୍ଯ୍ୟୋଧନଙ୍କ ଅପକୀର୍ତ୍ତି ତାଙ୍କ ପଦପଦବି, ମର୍ଯ୍ୟାଦା ଉପରେ ତ କଳଙ୍କ ଲଗାଇ ସାରିଛି । ତା ସତ୍ତ୍ୱେ ସେ ଯଦି ଏଥିରେ ବିରୋଧ କରିବେ, ତେବେ ସମଗ୍ର ହସ୍ତିନାପୁର ରାଜ୍ୟବାସୀ ତାଙ୍କୁ କେବଳ ନିନ୍ଦା କରିବନି ବରଂ ରାଜଦ୍ରୋହୀ ଭାବେ ବିଦ୍ରୋହ କରିବାକୁ ପଛାଇବେ ନାହିଁ । ପୂର୍ବରୁ ତ ପିତାମହ ଭୀଷ୍ମ, ମହାମନ୍ତ୍ରୀ ବିଦୁର ଏସବୁ ବିରୋଧ କରୁଥିଲେ । ଏବେ ସେମାନେ ପାଣ୍ଡବମାନଙ୍କର ଆଗମନ ପାଇଁ ବେଶ୍ ଖୁସି।

ରାଜା ଧୃତରାଷ୍ଟ୍ରଙ୍କ ଏଭଳି ପରିବର୍ତ୍ତନର ଗତିବିଧିକୁ ମୁଁ ଲକ୍ଷ୍ୟ କରୁଥାଏ । ମୋତେ ଯେମିତି ଲାଗୁଥାଏ ମହାରାଜ ବାଧବାଧକତାରେ ଏପରି କରୁନାହାଁନ୍ତି ତ । କାରଣ, ଏବେବି ଦୁର୍ଯ୍ୟୋଧନ ଓ ଶକୁନିମାମୁ ଏ ସମ୍ବାଦରେ ଖୁସି ନୁହଁନ୍ତି । ହୋଇପାରେ ପରିସ୍ଥିତର ଚାପରେ ପଡ଼ି ମହାରାଜ ଏମିତି ନିଷ୍ପତ୍ତି ନେଇଥାଇ ପାରନ୍ତି । ଆହୁରି ଭଲ ହୋଇଥାନ୍ତା ଯଦି ସେଦିନ ପୁତ୍ରର କଥାରେ ସମ୍ମତି ନଦେଇ ସେମାନଙ୍କୁ ଲାକ୍ଷାଗୃହକୁ ପଠାଇ ନଥାନ୍ତେ । ଆଜିର ଘଟଣାସବୁ ତ ତାରି ଫଳ।

କୃଷ୍ଣା ଆସୁଛନ୍ତି । ଯଜ୍ଞବେଦୀ ଯାହାର ମାତା, ସେଇ ଯାଜ୍ଞସେନୀ ଆସୁଛନ୍ତି । ସେ ସାଧାରଣ ନାରୀ ନୁହଁନ୍ତି ଅନନ୍ୟା । ରୂପବତୀ, ଗୁଣବତୀ, ଅପରୂପା ସୁନ୍ଦରୀ କନ୍ୟା । ଏବେ କିନ୍ତୁ ଆସୁଛନ୍ତି ବଧୂବେଶରେ । କୁରୁବଂଶର ପ୍ରଥମ କୁଳବଧୂ । ହସ୍ତିନାପୁରର ରାଜବଧୂ । ରାଜ୍ୟବାସୀ ଆବାଳବୃଦ୍ଧବନିତା ସମସ୍ତଙ୍କ ମୁହଁରେ ଖେଳିଯାଇଛି ଅପୂର୍ବ ଶିହରଣ । କୃଷ୍ଣା ଆସିବେ, ଏକାକୀ ନୁହେଁ, ସଂଗରେ ପଞ୍ଚପାଣ୍ଡବ ଓ ମାତା କୁନ୍ତୀଙ୍କ ସହ ।

ନବବଧୂ କୃଷ୍ଣାଙ୍କ ସ୍ୱାଗତ ପାଇଁ ଅପୂର୍ବ ସମାବେଶ । ହସ୍ତିନାପୁର ମଧ୍ୟ ବଧୂ ବେଶରେ ସଜ୍ଜିତ । ସାରା ନଗରୀରେ ରଂଗିନ୍ ଆଲୋକମାଳାରେ ଝଲସି ଉଠୁଛି । ମହାରାଜଙ୍କ ସ୍ୱତନ୍ତ୍ର ଦୂତ ଭାବେ ମହାମନ୍ତ୍ରୀ ବିଦୁର ଯାଇଛନ୍ତି ସେମାନଙ୍କୁ ପାଛୋଟି ଆଣିବାପାଇଁ । ରାଜା ଦ୍ରୁପଦଙ୍କ ପାଖକୁ ପଠାଯାଇଛି ନାନାବିଧ ଉପହାର ସାମଗ୍ରୀ, ମହାରାଜ ନିଜେ ସଂଜୟଙ୍କ ଠାରୁ ଟିକିନିଖି ଖବର ବୁଝି ନେଉଥାନ୍ତି । ପିତାମହ ଭୀଷ୍ମ ସମ୍ବର୍ଦ୍ଧନା ପାଇଁ ତତ୍ପର ହୋଇ ପଡ଼ିଛନ୍ତି । ସମସ୍ତଙ୍କ ଠାରୁ ସେ ହିଁ ତ ବେଶି ପ୍ରସନ୍ନ ଦିଶୁଥାଆନ୍ତି ।

ହଁ, ନ ହେବେ ବା କେମିତି ? କୁରୁବଂଶର ସୁରକ୍ଷା ଲାଗି ଆଜୀବନ ସେ ତ୍ୟାଗୀପୁରୁଷ, ବ୍ରହ୍ମଚାରୀ ଦୀକ୍ଷାନେଇ ସିଂହାସନକୁ ସୁରକ୍ଷା ଦେଇ ଆସିଛନ୍ତି । ନିଜକୁ ସଂପୂର୍ଣ୍ଣ ସମର୍ପିତ କରି ଦେଇଛନ୍ତି । ଏଭଳି ବିରଳ ତ୍ୟାଗ କେବେ କେଉଁ କାଳରେ ଦେଖା ଯାଇଥିଲା ନା ଆଗକୁ ଦେଖାଯିବ । କୁରୁବଂଶ ପାଇଁ ତାଙ୍କ ମନରେ ଅନେକ ଆଶା, ଆକାଂକ୍ଷା, ସ୍ୱପ୍ନ । ସେହି ବଂଶର ପ୍ରଥମ କୁଳବଧୂ କୃଷ୍ଣା ପାଦଦେବେ ରାଜଭବନରେ ।

ହସ୍ତିନାପୁର । ମହାରାଜ ହସ୍ତୀଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରାଣ ପ୍ରସିଦ୍ଧ ମହାନ୍ ନଗରୀ । ଏ ନଗରୀ ଯେମିତି ଚିରଯୌବନା । ରାଜଭବନ ଏକ ବିଶେଷ ଆଲୋକରେ ସଜ୍ଜିତ । ସବୁଠି ଯେମିତି ଏକ ନବନବ ପରିବେଶ, ନବ ଉଦ୍ଦୀପନା । ରାସ୍ତାର ଉଭୟ ପାର୍ଶ୍ୱରେ ପୁଷ୍ପ, ଅକ୍ଷତ, ଦୂର୍ବା ଥାଳଧରି ଅପେକ୍ଷାରେ ରହିଛନ୍ତି ପୁରନାରୀ । ବାଦ୍ୟକାର ମାନଙ୍କର ସମାବେଶ। ଏସବୁ ଦୃଶ୍ୟ ମିତ୍ର ଦୁର୍ଯ୍ୟୋଧନ, ଶକୁନିମାମୁ ଇତ୍ୟାଦିଙ୍କର ଚକ୍ଷୁଶୀଳ ହେଲେ ମଧ୍ୟ, ହସ୍ତିନାପୁରବାସୀ ବେଶ୍ ମନପ୍ରାଣ ଦେଇ ଉପଭୋଗ କରୁଛନ୍ତି । ଆମୋଦିତ ହେଉଛନ୍ତି। ସମସ୍ତଙ୍କ ମନରେ ପ୍ରତୀକ୍ଷାର ଉତ୍କଣ୍ଠା । କେମିତି ଭେଟିବେ ପାଣ୍ଡବମାନଙ୍କୁ, ବଧୂ ଦ୍ରୌପଦୀଙ୍କୁ।

ପରିଶେଷରେ ସବୁ ପ୍ରତୀକ୍ଷାର ଅନ୍ତଘଟାଇ ନଗରୀର ପ୍ରବେଶ ଦ୍ୱାରରେ ବାଜିଉଠିଲା ଶଙ୍ଖ। ରଥ ପହଞ୍ଚିବାର ସଂକେତ । ପ୍ରବେଶ ଦ୍ୱାରର ପ୍ରଥମ ମଣ୍ଡପରେ ହିଁ ସମ୍ବର୍ଦ୍ଧିତ ହେଲେ ଅତିଥିଗ। ବ୍ରାହ୍ମଣମାନଙ୍କର ମନ୍ତ୍ରଧ୍ୱନି, ପୁଷ୍ପବୃଷ୍ଟି, ଶଙ୍ଖନାଦ ମଧ୍ୟରେ ରଥ ଆଗେଇ ଚାଲିଲା ରାଜଭବନ ଅଭିମୁଖେ । ହସ୍ତିନାପୁରର ନାଗରିକ, ଆବାଳବୃଦ୍ଧବନିତା ଚାଲୁଥାନ୍ତି ରଥର ପଛେପଛେ।

ରାଜ୍ୟବାସୀମାନଙ୍କ ମନରେ ଉଦ୍‌ବେଗ । ବହୁ ପ୍ରତୀକ୍ଷା ପରେ ପାଣ୍ଡବମାନେ ମାତା ଆଉ ନବବଧୂଙ୍କ ଗହଣରେ ନିଜ ଘରକୁ ଫେରୁଛନ୍ତି। ପ୍ରତ୍ୟେକଙ୍କ ଦୃଷ୍ଟିଥାଏ ନବବଧୂ କୃଷ୍ଣାଙ୍କ ଉପରେ। ରାଜଦ୍ୱାରରେ ରଥ ଅଟକିବା ପରେ ଜଣଜଣ କରି ସମସ୍ତେ ଓହ୍ଲାଇଲେ ରଥରୁ । ପିତାମହ ଭୀଷ୍ମ, ମହାରାଜ ଧୃତରାଷ୍ଟ୍ର, ରାଜମାତା ଗାନ୍ଧାରୀ ଆଦିଙ୍କୁ ପ୍ରଣାମ କରି ସେମାନଙ୍କ ଆଶୀର୍ବାଦ ନେଉଥାନ୍ତି ସେମାନେ। ଅନ୍ୟମାନଙ୍କ ସହ ମୁଁ ମଧ୍ୟ ଜଣେ ଦର୍ଶକ ଭାବରେ ସେଠାରେ ଉପସ୍ଥିତ ଥିଲି । ଦେଖିଲି ପ୍ରବେଶ କରିବାର କିଛିସମୟ ପରେ ରାଜଭବନରୁ ପୁନଶ୍ଚ ପାଣ୍ଡବମାନେ ସେମାନଙ୍କ ପତ୍ନୀ ଓ ମାତାଙ୍କ ସହ ବାହାରି ଆସୁଛନ୍ତି । ଆଗେଆଗେ ବାଟକଢ଼ାଇ ଚାଲିଛନ୍ତି ବିଦୁର । ମୁଁ କିଛି ବୁଝିପାରୁ ନଥିଲି । ଏଇମାତ୍ର ତ ରାଜଭବନରେ ପ୍ରବେଶ କଲେ । ଅଥଚ ସାମାନ୍ୟ ସମୟ ବ୍ୟବଧାନରେ ପୁନଶ୍ଚ ବାହାରି ସେମାନେ କୁଆଡ଼େ ଯାଉଛନ୍ତି । ତାଙ୍କପାଇଁ ତେବେ ଅନ୍ୟ କେଉଁଠି ରହିବାର ବ୍ୟବସ୍ଥା ହୋଇଛି ନା ଦୁର୍ଯ୍ୟୋଧନ ଆଦି ପୁନଶ୍ଚ ଆଉକିଛି ଯୋଜନା କରିଛନ୍ତି, ଯେଉଁଥିପାଇଁ ସେମାନେ ରାଜଭବନ ଛାଡ଼ିବାକୁ ବାଧହେଲେ । ମୋ ମନରେ ସନ୍ଦେହର କୁହେଳିକା । ମିତ୍ର ହେଲେ ମଧ୍ୟ ଦୁର୍ଯ୍ୟୋଧନର ଏପରି ଖଳପ୍ରକୃତିର ମୁଁ ଘୋର ବିରୋଧୀ । ଏକଥା ଦୁର୍ଯ୍ୟୋଧନ ଜାଣିପାରି ସମୟ ସମୟରେ ମୋ ନିକଟରେ ଅନେକ କିଛି ସମ୍ବାଦ ଗୁପ୍ତ ରଖିଥାନ୍ତି । ଆଉ ନିହାତି ଜରୁରି ପଡ଼ିଲେ ସେ ସବୁ ମୋତେ କହିଥାନ୍ତି । ମାତ୍ର ତାଙ୍କର ପ୍ରକୃତ ପରାମର୍ଶଦାତା ଆଉ ବିଶ୍ୱସ୍ତ ହେଉଛନ୍ତି ଶକୁନିମାମୁ । ଯାହାଙ୍କ କଥାରେ ସେ ଚଳପ୍ରଚଳ ହୁଅନ୍ତି । ବିଷ ହେଲେ ବି ଅମୃତ ତୁଲ୍ୟ ମନେକରି ତାଙ୍କ କଥାକୁ ଆକଣ୍ଠ ପାନ କରିଥାନ୍ତି । ତେଣୁ କୌରବ ପକ୍ଷରେ ଶକୁନିମାମୁଙ୍କ ଆଧିପତ୍ୟ ବେଶି । ମୁଁ ସେମାନଙ୍କ ମେଳରେ ଥାଏ ସତ, ବେଳେବେଳେ କିନ୍ତୁ ଶକୁନିମାମୁଙ୍କ କଥା ମୋତେ ଖାପଛଡ଼ା ଲାଗେ। ସନ୍ଦେହ ଆସେ ମନରେ । ଶୁଣିଥିଲି ମାମୁଁ ଭଣଜାଙ୍କ ସମ୍ପର୍କର ଡୋର ଭିନ୍ନ, ସ୍ୱତନ୍ତ୍ର। ମାମୁ ହିଁ ଭଣଜାର ପ୍ରକୃତ ଶୁଭାକାଂକ୍ଷୀ ମୁରବି। କିନ୍ତୁ ଏ କ୍ଷେତ୍ରରେ ଶୁକନି ମାମୁଁଙ୍କ କାର୍ଯ୍ୟକଳାପ ମୋତେ ସେତେଟା ଭଲ ଲାଗେନି । ପରିସ୍ଥିତିରେ ପଡ଼ି ମୁଁ ସିନା ମିତ୍ରଙ୍କୁ ତାଙ୍କ ବିରୋଧରେ କିଛି କହିପାରେନି । କିନ୍ତୁ ଶଙ୍କା ଜାଗେ ମନରେ । ଏଠି ମାମୁ ଭଣଜାର ପ୍ରକୃତ ଶୁଭାକାଂକ୍ଷୀ ନା ସ୍ୱାର୍ଥନ୍ୱେଷୀ । ତାଙ୍କର ପ୍ରତ୍ୟେକଟି କାର୍ଯ୍ୟକଳାପ ମଧ୍ୟରେ ତାଙ୍କର ନିଜସ୍ୱ କିଛି ସ୍ୱାର୍ଥଜଡ଼ିତ ନାହିଁ ତ ? କିଏ ଜାଣେ? ସଦାସର୍ବଦା ଭଣଜାଙ୍କ କାନରେ ପାଣ୍ଡବ ବିରୋଧୀ ମନ୍ତ୍ର ଫୁଙ୍କିବା ପଛରେ ଆଉକିଛି ଉଦ୍ଦେଶ୍ୟ ନାହିଁ ତ ? ହୁଏତ ସମୟ ଆସିଲେ ଏସବୁ ଜଣାପଡ଼ିବ ।



ପରେ ଜାଣିଲି, ସେମାନେ ସମସ୍ତେ ବିଦୁରଙ୍କ ଘରେ ଅତିଥି ହୋଇ କିଛିଦିନ ରହିବେ। ବିଦୁର ରାଜ୍ୟର ମହାମନ୍ତ୍ରୀ । ହେଲେ ତାଙ୍କ ଚରିତ୍ରର ଏକ ବିଶେଷଗୁଣ ହେଉଛି ସେ ଯେତେ ବାଧାବିଘ୍ନ ଆସୁପଛେ, ସର୍ବଦା ଧର୍ମ ଓ ନ୍ୟାୟର ପକ୍ଷକୁ ସମର୍ଥନ କରନ୍ତି । ଅନ୍ୟାୟ ବିରୁଦ୍ଧରେ ଦୃଢ଼ ଯୁକ୍ତି କରନ୍ତି । ଅନ୍ଧ ମହାରାଜ ତାଙ୍କ କଥା ଶୁଣନ୍ତୁ କି ନ ଶୁଣନ୍ତୁ ସେ କିନ୍ତୁ ଉଚିତ ପରାମର୍ଶ ଦେଇ ଚାଲିଥାନ୍ତି । କେବଳ ସେଇଥିପାଇଁ ଧର୍ମମାର୍ଗରେ ଚାଲୁଥିବା ପାଣ୍ଡବମାନଙ୍କୁ ସହାୟତା ଦେଇ ଆସିଛନ୍ତି । ତାଙ୍କରି ଏହି ଉଦାରତା ପାଇଁ ପାଣ୍ଡବମାନେ ସଦାସର୍ବଦା ତାଙ୍କର ପରାମର୍ଶ ନେଇ ସବୁ କରିଥାନ୍ତି । ଯିଏ ପାଣ୍ଡବମାନଙ୍କ ହିତୈଷୀ ତଥା ପରମବନ୍ଧୁ, ସେ ହୁଏତ କିଛି ଅଘଟଣର ସୂଚନା ପାଇ ଏସବୁ ବ୍ୟବସ୍ଥା କରିଥାଇ ପାରନ୍ତି ।

ମହାମନ୍ତ୍ରୀ ବିଦୁର ଏବେ ରାଜଭବନ ପରିସରରେ ରହୁନାହାଁନ୍ତି । ଲାକ୍ଷାଗୃହ ଦହନ ପରଠାରୁ ତାଙ୍କର ମାନସିକ ବିତୃଷ୍ଣା ଆସି ଯାଇଥିଲା । ଏସବୁ ଦୃଷ୍ଟିରେ ରଖି ସେ ଏବେ ରାଜଭବନ ଠାରୁ କିଛିଦୂରରେ ଏକ ନବନିର୍ମିତ ପର୍ଣ୍ଣକୁଟୀରରେ ଅବସ୍ଥାନ କରୁଛନ୍ତି। କୁନ୍ତୀଦେବୀଙ୍କର ଏକାନ୍ତ ଇଚ୍ଛା ସେ ସାତଦିନ ପାଇଁ ହେଲେ ମଧ୍ୟ ଦେବର ବିଦୁରଙ୍କ ଘରେ ଅତିଥି ହୋଇ ରହିବେ । ମୋ ମନରେ ତଥାପି ସନ୍ଦେହ କମି ନଥିଲା । ମୁଁ ଖାଲି ଭାବୁଥିଲି ପାଣ୍ଡବମାନେ ବିଦୁର କକାଙ୍କ ଘରେ ରହିବା ପଛରେ ଅନ୍ୟକିଛି ଉଦ୍ଦେଶ୍ୟ ରହିଛି ନା ମାତ୍ରାଧିକ ସ୍ନେହ, ଅନୁକମ୍ପା ସେମାନଙ୍କୁ ଟାଣି ନେଇଛି ? ତେବେ, ପିତାମହଙ୍କର ଏଥିରେ ସମ୍ମତି ରହିଛି । ସ୍ୱୟଂ ମହାରାଜ ମଧ୍ୟ ସେମାନଙ୍କୁ ବାଧ କରୁନାହାଁନ୍ତି ରାଜଭବନରେ ରହିବା ପାଇଁ। ଏ ସମସ୍ତ ଘଟଣାକୁ କାହିଁକି କେଜାଣି ମୋତେ ଗୋଳିଆ ଜଳ ଭଳି ମନେ ହେଉଥିଲା। କିଏ ଜାଣେ, ଲାକ୍ଷାଗୃହ ଦହନର ଚକ୍ରାନ୍ତ ପରେପରେ ପୁନଶ୍ଚ ଆଉକିଛି ଅଘଟଣ ଘଟିବାର ଯେ ସମ୍ଭାବନା ନାହିଁ ଏହା ମଧ୍ୟ ସଠିକ୍ କୁହାଯାଇ ନପାରେ । ଯାହା ବି ହେଉ। ଆଗାମୀ ଦିନକୁ ପ୍ରତୀକ୍ଷା କରି ମୁଁ ମୋ ନିଜ ଭବନକୁ ଫେରି ଆସିଲି ।

ସେଦିନ ରାତିସାରା ମିତ୍ର ଦୁର୍ଯ୍ୟୋଧନଙ୍କ କଥା ଚିନ୍ତା କରୁଥିଲି । ଦୁଃଖ ମଧ୍ୟ ଲାଗୁଥିଲା। କାହିଁକି ଯେ, ସେ ଏସବୁ କୁଚକ୍ରାନ୍ତ ପଛରେ ପଡ଼ିଛନ୍ତି ଭାବିପାରୁ ନଥିଲି । ହସ୍ତିନାପୁର ଭଳି ଏତେବଡ଼ ସାମ୍ରାଜ୍ୟ । ଅଭାବ ତ କିଛି ନାହିଁ। ପାଣ୍ଡବମାନଙ୍କର ମଧ୍ୟ ହକ୍ ଅଧିକାର ଅଛି । ଅଥଚ ତାଙ୍କ ପଛରେ ଏମିତି ଷଡ଼ଯନ୍ତ୍ର କରି ସେମାନଙ୍କୁ ସେମାନଙ୍କ ହକ୍ ଦେବାର ଅଧିକାରରୁ ବଞ୍ଚିତ କରିବାରେ ଲାଭ କ'ଣ ? ଭଗବାନ କରନ୍ତୁ, ତାଙ୍କର ସଦ୍‌ବୁଦ୍ଧି ଉଦୟ ହେଉ । ଏମିତି ଭାବନା ରାଜ୍ୟରେ ଥାଇ ମୋ ଆଖିରେ ଯେ କେତେବେଳେ ତନ୍ଦ୍ରା ଆସିଯାଇଛି ଜାଣେନା ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ଆଜିର କବିତା

## ସମର୍ପଣ...

**ପ୍ରତିମା ମେହେର**



ତୁମ ନୀଳ ନୟନ'ର ପ୍ରଗାଢ଼ ସାଗରରେ
ପକାଇଦେଲେ ବୁଡ଼ଟିଏ,
ଉତୁରି ଯାଏ କଳଙ୍କ'ର ସବୁ କାଳିମା
ସଖା, ତୁମେ ମୋ ହୃଦୟ'ର
ସପନ ସୌଦାଗର
ମୋ ଶୁଷ୍କ ମରୁମନରେ ଉଠିଥିବା
ବିଷବୃକ୍ଷ'ର ଅମୃତ ଫଳଟିଏ
ରାମ ନାମ ଗାଇ ଗାଇ ଭୁଲିଥିବା
ନିରୀହ ଶୁଆ ର ତପସ୍ୟା ଟିଏ
ତୁମ ଶ୍ୟାମଳ ତରୁଣ ସୁଶ୍ରୀ ତନୁରେ
ସମାହିତ କଅଁଳ ମନର ପୂଣ୍ୟ ପାପଟିଏ
ବିତେଇବାକୁ ରାତିଟିଏ,
ଗଜୁରିଥିବା ମୋ'ମନର ସୂକ୍ଷ୍ମଆଶାଟିଏ
ମନମୋହନ ହେ!
ତୁମ ଅଧରେ ବାଜୁଥିବା ବଂଶୀର
ମୁଁ ନିଃସ୍ୱ କ୍ଷୀଣ ସ୍ୱରଟିଏ
ତୁମ ରାଧା ରାଧା ଡାକରେ
ନିଜତ୍ୱ ହଜାଇଥବା
ପାଗଳିନୀ ପ୍ରେୟସୀଟିଏ
ମିତ, ବିରହରେ ଜଳୁଥିବା
ମିଟି ମିଟି କ୍ଷୁଦ୍ରଦୀପଟିଏ
ତୁମ ଶ୍ରୀଚରଣେ ଅରପିତ
ସତ୍ୟ ସମର୍ପଣଟିଏ

+ପାଟଣାଗଡ଼,ଜି.ବଲାଙ୍ଗିର

## ମୁଁ...

**ରତ୍ନକାନ୍ତି ମିଶ୍ର**



ସାରା ସଂସାରେ ଭରିବି ଦୁଃଖ ଅହଂକାରୀ ମୁଁ ନେଇଛି ଦୀକ୍ଷା
ଖଡଗ ମୁନେ ରକତେ ଅଙ୍କା ଲଲାଟେ ମୋର ବିଜୟ ଟୀକା
ନିଃଶ୍ୱାସେ ମୋର ଅଗ୍ନି ସ୍ଫୁଲିଙ୍ଗ ପ୍ରତିଟି ପ୍ରାଣେ ରଚିଛି ତ୍ରାସ
ପାପର ଜୈତ୍ର ଉଡାଇ ଦମ୍ଭେ ମେଦିନୀକୁ ମୁଁ କରିଛି ବଶ ।

ବିଦାରିଛି ମୁଁ ସବୁରି ସୁଖ ବର୍ବରତାର ତୀକ୍ଷଣ ଦାନ୍ତେ
ସ୍ନେହ ସମ୍ପର୍କ କରିଛି ଛିନ୍ନ ବଇରି ସାଜି ଆପଣା ସ୍ୱାର୍ଥେ
ଜନ୍ମଦାତାଙ୍କ ଖୁସି ଉଜାଡି ଦେଇଛି ସଜା ଜରା ନିବାସେ
ମହାପ୍ରତାପୀ ଅସୁର 'ମୁଁ' ଯେ ଘୂରୁଛି ଏଠି ଛଦ୍ମବେଶେ ।

ଆଜି କାହିଁକି କାତ୍ୟାୟନୀ ଗୋ କମ୍ପୁଛି ମୋର ନିଡର ଛାତି
ତୁମରି କାୟା ମୋହିନୀ ମାୟା ସଞ୍ଚାରେ ମନେ ଅସୀମ ଭୀତି
ବକ୍ଷ ପ୍ରଦେଶ ବିଦ୍ଧ କରଇ ତୁମ ତ୍ରିନେତ୍ର ହୋଇ ତ୍ରିଶୂଳ
ପୂଣ୍ୟ ପାର୍ବଣେ ମଧୁ ଲଗନେ ସତେକି ମୋର ପୁରିବ କାଳ ।

ଦୟିନୀ କରେ ଜଗଜ୍ଜନନୀ ମୂଢ ସନ୍ତାନେ ଦିଅ ଆଶିଷ
ବିନାଶ କର ଧରା ଧାମରୁ ପାପୀ ପାଷଣ୍ଡ 'ମୁଁ' ରାକ୍ଷସ ।

ଆଳି, କେନ୍ଦ୍ରାପଡା

## ରାଜ୍ୟ ରାଜନୀତି...

**ଡ.ଦୀପ୍ତିମୟୀ ବେହେରା**



ଦିଲ୍ଲୀଠୁଁ ପଲ୍ଲୀ ଯାଏଁ
ରାଜ୍ୟ ରାଜନୀତି ଅଛି
ବେଶ ସରଗରମ
ଚକା ଛଉକାରେ ଚଳଚଞ୍ଚଳ
ସମ୍ବାଦ ଲାଗେ
ପୂରା ଗରମାଗରମ ।

ସାମ୍ପ୍ରତିକ ସମୟେ
ତଳଠୁଁ ଉପର ଯାଏଁ
ସବୁଠି ଚାଲେ
ଅର୍ଥ କ୍ଷମତାର
ବଳ କଷାକଷ
ସତ ମିଛର ଭଉଁରୀ
ଜାଲ ମଧ୍ୟେ ବଳି ପଡନ୍ତି
କରାଣ୍ଡି ଆଉ ଦଣ୍ଡିକିରି ମାଛ ।

ରାଜନୀତିଆ ଦଳଗୁଡିକ
କରି ପରସ୍ପରକୁ ଦୋଷାରୋପ
ନିଜକୁ ବୋଲାନ୍ତି ଶ୍ରେଷ୍ଠ
ଦୁନିଆଟାକୁ ଭୁଆଁ ବୁଲାଇ
ସତକୁ ମିଛ ମିଛକୁ ସତ
ପିଇଯା'ନ୍ତି ଅମୃତ ଆକଣ୍ଠ ।

ବାଃ ବାଃ ପାଇବାକୁ
ସୋସିଆଲ ମିଡ଼ିଆକୁ
ଦିଅନ୍ତି ଲମ୍ବା ଚଉଡା ମତ
ଜନତା ଜନାର୍ଦ୍ଦନ ଜାଣନ୍ତି
ବିରାଡ଼ି ବୈଷ୍ଣବଙ୍କ
କଥାରେ ଅଛି କେତେ ସତ ।

ଅନ୍ୟାୟ ଅନୀତି
ଅତ୍ୟାଚାର ସାଥେ ଅଛି
କେଳେଙ୍କାରୀ ଭ୍ରଷ୍ଟାଚାର
ଚୋରୀ ଗୁଣ୍ଡାରାଜ ମାଫିଆ
ସାଥେ ପୁଣି ଅଛି
କଳାଧନ କାରବାର ।

ବେଲୁବେଳ ଦୁର୍ନୀତିର
ଚେର ମାଡ଼ିମାଡ଼ି
ସବୁ ଗଲାଣି
ବେଳ ଥାଉଁ ଥାଉଁ
ଉପାୟ ନ କଲେ
ଭବିଷ୍ୟତ ଅନ୍ଧାର
ଦିଶିଲାଣି ।

ବଞ୍ଚିବା ମରିବା
ସମାନ ଏଠି
ବେଳକାଳ ଯାହା ହେଲାଣି
ଜୀବନ ନୌକା
ଟଳମଳ ଏବେ
ଘୋର କଳିକାଳ ଆସିଗଲାଣି ।

+କୋଏଲ ନଗର, ରାଉରକେଲା

# ସମ୍ପର୍କର ରଙ୍ଗ

## ସମ୍ପର୍କରେ ସନ୍ଦେହ ନୁହେଁ, ବିଶ୍ୱାସ ଜରୁରୀ

**ଶ୍ୱେତା ରାଉତ୍**



ସେଦିନ ଥାଏ ସୁକ୍ରବାର ସନ୍ଧ୍ୟା। ନେହା ତାର ଖରାପ ହୋଇଯାଇଥିବା ମୋବାଇଲକୁ ଆଣି ଯତିନ୍‌କୁ ଦିଏ ସଜାଡିବାକୁ। ଯତିନ୍ ନେହାର ମୋବାଇଲ ନେଇ ବାହାରି ଯାଆନ୍ତି ବଜାର ଆଡେ। ସମୟ ପାଖାପାଖି ରାତି ଦଶଟା ହେଲାଣି, ଏ ପର୍ଯ୍ୟନ୍ତ ଯତିନ୍ ଫେରିନାହାନ୍ତି। ଏବେ ତ ଆମେ ନୂଆ ନୂଆ ସହରକୁ ଆସିଛୁ, ସେମିତି କେହି ସାଙ୍ଗସାଥି ବି ଯତିନଙ୍କର ନାହାନ୍ତି, କୁଆଡେ ଗଲେ ସେ? ମୋବାଇଲଟା ବି ଏତିକିବେଳେ ଖରାପ ହେବାର ଥିଲା! କେମିତି ଜାଣିବି ଯତିନ୍ କୁଆଡେ ଗଲେ? ଘଣ୍ଟାର କଣ୍ଟା ବଢି ଚାଲିବା ସହିତ ବଢି ଚାଲୁଥାଏ ନେହା ହୃଦୟର ସ୍ପନ୍ଦନ। 'ରାତି ବାରଟା ପାଖାପାଖି ହୋଇଗଲାଣି ତଥାପି ଯତିନଙ୍କର ଦେଖାନାହିଁ! କୋଉ ଝିଅ ସହିତ ଫେରାର୍ ହୋଇ ଯାଇନାହାନ୍ତି ତ ସେ! ତାଙ୍କ ଅଫିସର କୋଉ ଝିଅ ସହିତ ତା ଘରେ ରହି ଯାଇନାହାନ୍ତି ତ! ମୋତେ କଣ ସେ ଧୋକା ଦେଲେ? ମୋତେ ଏଠି ଏକା ଛାଡି ଆଉ କାହା ସହିତ ରୋମାନ୍ସ କରୁଥିବେ'।

ସ୍ୱାମୀ ଫେରିବାର ବିଳମ୍ବ ହେବାରୁ ଚିନ୍ତା କରି ଅଧୈର୍ଯ୍ୟ ହୋଇପଡୁଥିବା ନେହାର ମନ ସନ୍ଦେହରେ ପରିବର୍ତ୍ତନ ହୋଇଯାଉଥାଏ। ତା ମନ ଭିତରେ ଅନେକ ଅବିଶ୍ୱାସ ଜନ୍ମ ନେଉଥାଏ। ଅନେକ ଦୃଶ୍ୟକୁ କଳ୍ପନାରେ ଆଣି ଯତିନ୍ ଉପରେ କ୍ଷୁବ୍ଧ ଓ ଉତକ୍ଷିପ୍ତ ହୋଇ ଉଠୁଥାଏ।

ଯତିନ୍ ବିଚାର କେମିତି ନେହାକୁ ଫୋନ୍ କରିଥାନ୍ତା, ନେହାର ଫୋନ୍ ତ ସେ ନିଜେ ସଜାଡିବାକୁ ଦେଇ ଆସିଛି। ନେହା ରାତିସାରା ଶୋଇ ପାରିନାହିଁ। ଯତିନ୍ ଉପରେ ବିରକ୍ତ ଓ ଆକ୍ରୋଶର ନିଆଁରେ ସାରା ରାତି ଜଳିଛି ସେ।

ବଡି ଭୋରରୁ ଶୁଭିଲା କବାଟ ଠକ୍ ଠକ୍ ଶବ୍ଦ। ନେହା ଦୌଡିଯାଇ କବାଟ ଖୋଲି ଦେଖେ ତ ଯତିନ୍ ଠିଆ ହୋଇଛି। ତା ସାର୍ଟରେ, ବେକରେ ଠାଏ ଠାଏ ସିନ୍ଦୁର ଲାଗିଛି। ସାରା ରାତି ବିକୃତ ଭାବନା ସହିତ ଯତିନ୍ ଦେହରେ ସିନ୍ଦୁରର ଦାଗ ଦେଖି ନିଜକୁ ରୋକି ପାରିଲା ନାହିଁ ନେହା। ଘର ଭିତରକୁ ଭିଡିନେଇ ମନଇଚ୍ଛା ଗାଳିଗୁଲଜ କରିବା ସହିତ ତାକୁ ପିଟିବାକୁ ବି ଲାଗିଲା। ଯତିନ୍ ଯେତେ ବିକଳ ହୋଇ ନିଜ ସଫେଇରେ କିଛି କହିବାକୁ ଚାହୁଁଥାଏ, ତାକୁ କହିବାକୁ ସୁଯୋଗ ଦେଲାନି ନେହା। ସଙ୍ଗେ ସଙ୍ଗେ ଘରୁ ବାହାରି ଚାଲିଗଲା ସେଇ ସହରରେ ରହୁଥିବା ତା ବାପଘରକୁ।

ସେଠି ପହଞ୍ଚିବା ବେଳକୁ ଘର ଦ୍ୱାରମୁହଁରେ ତାଲା ଝୁଲୁଛି। ପଡୋଶୀ ମାଉସୀ ଜଣେ ନେହାକୁ କହିଲେ 'ତୋ ବାପା ମା କାଲି ରାତି ଆଠଟାରୁ ମେଡିକାଲରେ ଅଛନ୍ତି। ନେହା ମାଉସୀଙ୍କ କଥା ଶୁଣି ସିଧା ଧାଇଁଲା ମେଡିକାଲ୍। ବାପା ବେଡ୍ ପାଖ ଚୌକିରେ ବସିଥାନ୍ତି, ମା' ବେଡ୍ ଉପରେ ଶୋଇଥାନ୍ତି, ଦେହରେ ସାଲାଇନ୍ ଲାଗିଥାଏ। ନେହାର ମାଆକୁ ହାର୍ଟ ବେମାରୀ,ଏଇଟା ଥିଲା ଦ୍ୱିତୀୟ ଷ୍ଟ୍ରୋକ୍। ନେହାକୁ ଦେଖୁ ଦେଖୁ ବାପା ଅନର୍ଗଳ ଭାବେ ଯତିନର ପ୍ରଶଂସା କରିବାକୁ ଲାଗିଲେ 'କାଲି ଯଦି ଠିକ୍ ସମୟରେ ଜ୍ୱାଇଁକୁ ଫୋନ୍ କରି ଡାକିନଥାନ୍ତି ହୁଏତ ତୋ ମା' ବଞ୍ଚିନଥାନ୍ତା। କାଲି ସନ୍ଧ୍ୟାରୁ ଖୁବ୍ ଦୌଡା ଧାଁ କରିଛି ଯତିନ୍। ରାତିରେ ମେଡିକାଲରେ ଥିବାବେଳେ ମୁଁ କହିଲି ଏବେ ଘରକୁ ଫେରିଯା, ନେହା ଏକା ଥିବ! ସେ କଣ ଶୁଣିଲା! ରାତି ସାରା ମାଆକୁ ଧରି ବସିଛି। ଜ୍ୱାଇଁଟା ମୋର ବହୁତ କଷ୍ଟ କରିଛି'।

ବାପାଙ୍କ ପାଟିରୁ କଥା ନସରୁଣୁ ନେହା ଭୋ ଭୋ କରି କାନ୍ଦିବାକୁ ଲାଗିଲା ନିଜ ଭୁଲ୍, ସନ୍ଦେହ ଆଉ ଯତିନ୍ ପ୍ରତି କରିଥିବା ବ୍ୟବହାର ପାଇଁ। ଯତିନ୍ ସେତେବେଳେ ଆସିସାରିଥିଲେ ମେଡିକାଲକୁ ଏବଂ ନେହାର ଲୁହ ପୋଛି କୋଳେଇ ନେଲେ।

ବେଳେବେଳେ ଆମେ ଆଗତୁରା ଅନେକ ଘଟଣାର ଚିତ୍ର ଆମ ମନ ଭିତରେ ନିଜେ ରୂପ ଦିଅନ୍ତି। ଆମ କଳ୍ପନାକୁ ବାସ୍ତବ ରୂପ ଦେଇ ଅନେକ ସମ୍ପର୍କ ନଷ୍ଟ କରନ୍ତି। ଘଟଣା କିଛି ଅଲଗା ଥାଏ, ଆମେ କିନ୍ତୁ ସନ୍ଦେହରେ ଅଲଗା କିଛି ଭାବିଥାନ୍ତି। ଏହାଦ୍ୱାରା ନିଜେ ଯେତିକି କଷ୍ଟ ପାଆନ୍ତି, ଅନ୍ୟକୁ ମଧ୍ୟ ସେତିକି କଷ୍ଟ ଦେଇଥାନ୍ତି। ଯତିନ୍ ବେକରେ ବା ସାର୍ଟରେ ଲାଗିଥିବା ସିନ୍ଦୁର ଆଉ କୋଉ ଝିଅର ନଥିଲା ବରଂ ନେହା ମାଆର ଥିଲା। ନେହା ନିଜର ଦୁର୍ବୁଦ୍ଧି ଓ କଳ୍ପନାକୁ ବାସ୍ତବ ରୂପଦେଇ ମାଆର ସିନ୍ଦୁରକୁ ଜାଣି ନପାରି ଅଯଥାରେ ନିଜ ସ୍ୱାମୀକୁ ସନ୍ଦେହ କରି ଲାଂଛନା ଲଗାଇଲା। ଯତିନ୍ ଉତ୍ତମ ସ୍ୱଭାବର ଥିଲେ, ତେଣୁ ନେହାକୁ କ୍ଷମା କରି ଆପଣେଇ ନେଲେ, କିନ୍ତୁ ଯଦି ସେ ଦୁଷ୍ଟ ସ୍ୱଭାବର ହୋଇଥାନ୍ତେ.... ?

ଜୀବନ ଖୁବ୍ ସୁନ୍ଦର। ତାକୁ ଗଢିବାର କଳା ଟିକକ କେବଳ ଜାଣିବା ଦରକାର,ଏବଂ ଏ କଳା ବିଶ୍ୱାସରେ ନିହିତ ଥାଏ। ସବୁବେଳେ ନକରାତ୍ମକ ଚିନ୍ତାଧାରା ରଖିଲେ ଆମକୁ କେବଳ ନଷ୍ଟ ଭ୍ରଷ୍ଟ ସମାଜ ମିଳିବ,ସକରାତ୍ମକ ଭାବଧାରା ରଖିଲେ ସୁନ୍ଦର ପୃଥିବୀ। ସମ୍ପର୍କରେ ସନ୍ଦେହ ନୁହେଁ ବିଶ୍ୱାସର ନୀର ସିଞ୍ଚନ କରନ୍ତୁ, ଜୀବନର ମୂଲ୍ୟ ବୁଝନ୍ତୁ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ଖଦି ମହିଳାମାନଙ୍କୁ ସମ୍ମାନର ସହ ଆତ୍ମନିର୍ଭରଶୀଳ ହେବା ଶିଖାଉ : ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର

ଭୁବନେଶ୍ୱର,୨୭/୧୦ (ନି.ପ୍ର): ଖଦି ମହିଳାମାନଙ୍କୁ ସମ୍ମାନର ସହ ଆତ୍ମନିର୍ଭରଶୀଳ ହେବା ଶିଖାଉ ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଦ୍ୱାରା ଆୟୋଜିତ ବୈଠକରେ ଯୋଗ ଦେଇ ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଗରିବରୁ ଅତି ଗରିବ ମହିଳାମାନଙ୍କୁ ଆଜିର ସମାଜରେ ସଠିକ୍ ରୋଜଗାର ସହ ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳିପାରୁ ନାହିଁ । ବଡ଼ ବଡ଼ ଶିଳ୍ପାନୁଷ୍ଠାନମାନଙ୍କରେ ଲାଭ ତ ରହିବ କିନ୍ତୁ ରାଜ୍ୟ ଖଦି ଭବନରେ ଏଯାବତ କାର୍ଯ୍ୟଶୈଳୀ ଅନ୍ତର୍ଗତ ଯେଉଁ ମା' ଭଉଣୀମାନେ ନିଜ ହାତରେ ସୂତା କାଟି ଲୁଗା ବୁଣୁଛନ୍ତି, ସେମାନଙ୍କୁ ଯଥୋଚିତ ସମ୍ମାନ ମିଳି ନାହିଁ ବୋଲି ଆଜି ଭରଚୁଆଲରେ ଅନୁଷ୍ଠିତ ଏମ୍ଏସ୍ଏମ୍ଇ ବୈଠକରେ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ରଖିଥିଲେ । ଖଦି ଭବନ ମହିଳାଙ୍କୁ ସ୍ୱାବଲମ୍ବୀ, ସ୍ୱାଭିମାନ ଓ ଆତ୍ମସମ୍ମାନ କ୍ଷେତ୍ରରେ କାର୍ଯ୍ୟ କରୁ ଏବଂ ଏହା ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ ହେଉ। ପ୍ରସ୍ତାବିତ ଖଦି ଭବନ ରାଜ୍ୟର ଏକ ପ୍ରମୁଖ ଗ୍ରାମୀଣ କଳାକୌଶଳର ପେଣ୍ଠସ୍ଥଳ ଭାବରେ ପରିଗଣିତ ହେଉ। ବିଶେଷଭାବରେ ମହିଳାମାନଙ୍କୁ ଅଗ୍ରାଧିକାର ଭିତିରେ କୁଟୀରଶିଳ୍ପ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକୌଶଳ ତାଲିମ୍ ପ୍ରଦାନ ନିମନ୍ତେ ଏଠାରେ ବ୍ୟବସ୍ଥା ଉପଲବ୍ଧ ହେବା ସହ ଏହାକୁ ଏକ ଅନନ୍ୟ କେନ୍ଦ୍ର ଭାବରେ ଗଢ଼ି ତୋଳିବାକୁ ସେ ପରାମର୍ଶ ଦେଇଥିଲେ । ତତ୍ ସହିତ ଆଦିବାସୀ ମହିଳାମାନଙ୍କୁ ମଧ ଏ କ୍ଷେତ୍ରରେ କେମିତି ସୁବିଧା ସୁଯୋଗ ମିଳିପାରିବ ଏମ୍ଏସ୍ଏମ୍ଇ ସହାୟତାରେ ସେମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବାକୁ ଚେଷ୍ଟା ହେବା ଆବଶ୍ୟକ ବୋଲି ମନ୍ତ୍ରୀ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ହଳଦୀ ଚାଷୀ, ଅଦା ଚାଷୀ, ତେନ୍ତୁଳି ସଂଗ୍ରହକାରୀଙ୍କୁ କେମିତି ବୈଷୟିକ ସହାୟତା ମିଳିପାରିବ ସେ ସମ୍ପର୍କରେ ଜିଲ୍ଲା ଶିଳ୍ପ ଅଧିକାରୀଙ୍କୁ ଅଧିକ ଯତ୍ନବାନ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ କେନ୍ଦ୍ର ଅଧିକାରୀମାନେ ଅଧିକରୁ ଅଧିକ ଜନହିତୈଷୀ ହେବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଉପସ୍ଥିତ ଅଧିକାରୀଙ୍କୁ ମନ୍ତ୍ରୀ ଶିଳ୍ପ ଅନୁନ୍ନତ କଳାହାଣ୍ଡି ଜିଲ୍ଲାରେ ପ୍ରଥମେ ଏମ୍ଏସ୍ଏମ୍ଇ ତାର ବିକାଶ କାର୍ଯ୍ୟ ଆରମ୍ଭ କରିବାକୁ ମନ୍ତ୍ରୀ ଆହ୍ୱାନ ଜଣାଇଥିଲେ। ଏମ୍ଏସ୍ଏମ୍ଇ ବିଭାଗ ତା'ର ବିଭିନ୍ନ କାର୍ଯ୍ୟକ୍ରମରେ ସରଳ ଋଣ ବ୍ୟବସ୍ଥା, ସହଜ ବୈଷୟିକ ସହାୟତା ଯୋଗାଇ ଜିଲ୍ଲାର ଯୁବକଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏମ୍ଏସ୍ଏମ୍ଇ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍, ଅତିରିକ୍ତ ସଚିବ ଉଦୟ ନାରାୟଣ ଦାସ ଓ ସମସ୍ତ ଜିଲ୍ଲାର ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ ।

# ସଂଯୁକ୍ତ କିଷାନ୍ ମୋର୍ଚ୍ଚା ପକ୍ଷରୁ ରାଜଧାନୀରେ ଗଣ ପ୍ରତିବାଦ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ଐତିହାସିକ କୃଷକ ଆନ୍ଦୋଳନର ୧୧ ମାସ ପୂର୍ତି ଉପଲକ୍ଷେ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଭୁବନେଶ୍ୱରରେ ପଟୁଆର ଓ ବିକ୍ଷୋଭ ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ, ଲକ୍ଷ୍ମୀପୁର ଖେରୀ ସହୀଦ କୃଷକଙ୍କ ସ୍ମୃତି ରେ ଅସ୍ଥି କଳସ ଯାତ୍ରା ଏବଂ ଦୟାନଦୀରେ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ସଂଗଠିତ ହୋଇ ଯାଇଛି। ଭୁବନେଶ୍ୱର ରେଳ ଷ୍ଟେସନ ରୁ ପଟୁଆର ବାହାରି ମହାତ୍ମା ଗାନ୍ଧୀ ମାର୍ଗ ଠାରେ ପହଂଚି ଥିଲା। ବିକ୍ଷୋଭକାରୀ ମାନେ ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟା ତଦନ୍ତର ନିରପେକ୍ଷତା ପାଇଁ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ବରଖାସ୍ତ କରିବା, ସର୍ବୋଚ୍ଚ ଅଦାଲତର ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଗଠନ କରି ସମଗ୍ର ମାମଲାର ତଦନ୍ତ କରିବା, ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟାର ଅପରାଧୀ ମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦେବା, କୃଷକ ବିରୋଧୀ ତିନି କୃଷି ଆଇନ ପ୍ରତ୍ୟାହାର କରିବା,ସବୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍. ଏସ୍. ପି.)କୁ ଆଇନଗତ ମାନ୍ୟତା ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ଆନ୍ଦୋଳନ ରେ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ସୁରେଶ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ରାଉତ,ଅଶୋକ ପ୍ରଧାନ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ରଘୁନାଥ ଦାସ,ଶ୍ରୀକାନ୍ତ ମହାନ୍ତି, ଶଙ୍କର ସାହୁ, ନରେନ୍ଦ୍ର ମହାନ୍ତି,ସଚ୍ଚିନ ମହାପାତ୍ର, ଜମେଶ୍ୱର ସାମନ୍ତରାୟ, ସ୍ୱସ୍ତି ସଂଗୀତା ଦଳାଇ ପ୍ରମୁଖ ବହୁ ନେତୃବୃନ୍ଦ ଅଂଶ ଗ୍ରହଣ କରିଥିଲେ।

# ଭାରିଆଂଟ ପାଇଁ ଚିନ୍ତା କରିବାର ଆବଶ୍ୟକତା ନାହିଁ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ମ୍ୟୁଟେସନ ଭୁତାଣୁର ଏକ ସ୍ୱାଭାବିକ ପ୍ରକ୍ରିୟା। ଭାରିଆଂଟ ପାଇଁ ଅଧିକ ଚିନ୍ତା କରିବାର ଆବଶ୍ୟକତା ଏବେ ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି। ସେ କହିଛନ୍ତି ଏଣ୍ଡେମିକ ସମୟକୁ ଫେରିବାକୁ ହେଲେ ମୃତ୍ୟୁସଂଖ୍ୟା ସମ୍ପୂର୍ଣ୍ଣ କମିବା ଦରକାର। ଥାର୍ଡ ୱେଭ ଆସିଲେ ମୁକାବିଲା ପୂର୍ବ ଅପେକ୍ଷା ଜୋରଦାର ହେବ। ରୋଗ ପରିଚାଳନାରେ ଆମେ ଅଭିଜ୍ଞତା ପାଇଗଲେଣି। ସବୁ ଋତୁରେ କରୋନା ସକ୍ରିୟ ରହୁଛି। ଲୋକ ଟେଷ୍ଟ କରିବା ଧୀରେ ଧୀରେ କମାଇଦେଲେଣି। ରାଜ୍ୟରେ ଏବେ ବି ସାଢ଼େ ଚାରି ହଜାର ଲୋକ ସକ୍ରିୟ ଅଛନ୍ତି। ତେଣୁ ନିୟମିତ ଲକ୍ଷଣ ଆସିଲେ କିମ୍ବା ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଲେ, ଲୋକଙ୍କ ଯୋଗାଯୋଗରେ ଅଧିକ ଆସିଲେ ଟେଷ୍ଟ କରାଇନେବା ଜରୁରୀ। ଥାର୍ଡ ୱେଭ କଥା ଜାଣିବା ପାଇଁ ହେଲେ ଆମେ ଟାର୍ଗେଟ ଟେଷ୍ଟିଂ ବଜାୟ ରଖିବୁ। ଅପରପକ୍ଷରେ ବିଦେଶରୁ ଫେରିବା ପରେ ସଙ୍ଗରୋଧ ନିୟମ ଏବେ ବି ଅଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ଉଦବେଗଜନକ ଭାବରେ ସଂକ୍ରମଣ ବଢ଼ିଲେ ପୂର୍ବ ନିୟମ ହୁଏତ ଫେରିପାରେ।

# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଗିରଫ ଦାବିରେ ଯୁବ କଂଗ୍ରେସ ପକ୍ଷରୁ ଡିଜିପି ଅଫିସ୍ ଘେରାଉ

ଭୁବନେଶ୍ୱର,୨୭/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେର ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ କରିବା ଦାବିରେ ଯୁବ କଂଗ୍ରେସ ପକ୍ଷରୁ କଟକ ସ୍ଥିତ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବକ୍ସିବଜାର ଛକଠାରୁ ଶୋଭାଯାତ୍ରାରେ ବାହାରି ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ। କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ଓ ଅନ୍ୟ କର୍ମକର୍ତାମାନେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ହେଉନଥିବା ଅଭିଯୋଗ କରିଥିଲେ। ମାମଲାର ଉପଯୁକ୍ତ ତଦନ୍ତ ପାଇଁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ୭୨ ଘଂଟା ମଧରେ ଗିରଫ କରିବାକୁ ଡ. ଲେଙ୍କା ଦାବି କରିଥିଲେ। ନଚେତ ଆସନ୍ତା ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯୁବ କଂଗ୍ରେସ କର୍ମୀ ଘେରାଉ କରିବେ ବୋଲି ସେ କହିଥିଲେ। ଏଥିସହ ମନ୍ତ୍ରୀଙ୍କୁ ସବୁ ସ୍ଥାନରେ କଳାପତାକା ଦେଖାଇ ରାଜ୍ୟବ୍ୟାପୀ ବିରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏନେଇ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା ସମୟରେ ଡ.ଲେଙ୍କା କହିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମମିତା ମେହେର ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ନ ହେବା ରାଜ୍ୟ ପୋଲିସ ବିଭାଗର ସ୍ଥାଣୁତାକୁ ପ୍ରମାଣିତ କରୁଛି। ଏହି ମାମଲାରେ ଗିରଫ ଅଭିଯୁକ୍ତ ସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଘନିଷ୍ଠ ସମ୍ପର୍କ ରହିଥିବା ଓ ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଅଭିଯୁକ୍ତ ତା'ର ଅପରାଧ ସାମ୍ରାଜ୍ୟ ବଢ଼ାଇଥିବାର ଅନେକ ପ୍ରମାଣ ମିଳିସାରିଛି। ଏହା ସତ୍ତ୍ୱେ ମନ୍ତ୍ରୀ ମିଶ୍ରଙ୍କୁ ଗିରଫ ନ କରି ମମିତା ମେହେରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଆନ୍ଦୋଳନ କରୁଥିବା ଯୁବ କଂଗ୍ରେସ କର୍ମୀଙ୍କୁ ପୋଲିସ ଗିରଫ କରୁଛି। ଯାହାକି ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା କେଉଁ ଦିଗକୁ ଗତି କରୁଛି ଏଥିରୁ ସ୍ପଷ୍ଟ ହେଉଛି ବୋଲି ଡ. ଲେଙ୍କା କହିଛନ୍ତି। ସେହିପରି ବିଧାୟକ ମହମ୍ମଦ ମୋକିମ ମଧ ଯଦି ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଗଣତାନ୍ତ୍ରିକ ଉପାୟରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରଦାର ହେବ ବୋଲି କହିଥିଲେ।

# ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ହେଲେ ସତ୍ୟରଞ୍ଜନ ସାହୁ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ଓସଡ଼ମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ସତ୍ୟରଞ୍ଜନ ସାହୁଙ୍କୁ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ବଦଳି ହୋଇଛନ୍ତି। ଏସମ୍ପର୍କରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାରି ବିଜ୍ଞପ୍ତି ଅନୁସାରେ ସମ୍ବଲପୁର ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବରିଷ୍ଠ ଓଏଏସ୍ ସୁକାନ୍ତ ତ୍ରିପାଠୀଙ୍କୁ ସମ୍ବଲପୁରସ୍ଥିତ ବନ୍ଦୋବସ୍ତ ଓ ଚକବନ୍ଦୀ ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସାଧାରଣ ପ୍ରଶାସନ ବିଭାଗରେ କାର୍ଯ୍ୟରତ ଓଏଏସ୍ ଦିଲ୍ଲୀପ କୁମାର ବଳଙ୍କୁ ସମ୍ବଲପୁର ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ସାଧାରଣ ପ୍ରଶାସନ ବିଭାଗର ରେଂଟ ଅଫିସର , ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଏନସି ଜ୍ୟୋତିରଞ୍ଜନ ନାୟକଙ୍କୁ ରାଜ୍ୟ ଗେଷ୍ଟ ହାଉସ ମ୍ୟାନେଜର ଭାବେ ବଦଳି କରାଯାଇଛି। ସେହିପରି ରାୟଗଡ଼ା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ଚନ୍ଦ୍ର ନାଏକଙ୍କୁ ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ, ବବିତାରାଣୀ ଦଳବେହେରାଙ୍କୁ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ, ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ ରୀତା ଡାଙ୍ଗଙ୍କୁ ସୁନ୍ଦରଗଡ଼ ଡିୟୁଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ବୌଦ୍ଧ ଉପଜିଲ୍ଲାପାଳ ଅଶ୍ୱିନୀ କୁମାର ମେହେରଙ୍କୁ ବୌଦ୍ଧ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

# ରାମାୟଣ ହେଉଛି ଦିବ୍ୟ ପ୍ରେମର ସର୍ବଶ୍ରେଷ୍ଠ ଗ୍ରନ୍ଥ-ରାଜ୍ୟପାଳ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ରାମାୟଣ ହେଉଛି ଦିବ୍ୟପ୍ରେମର ସର୍ବଶ୍ରେଷ୍ଠ ଗ୍ରନ୍ଥ । ଏଥିରେ ଅଛି ସଫଳ ଓ ସାର୍ଥକ ଜୀବନ ଜିଇଁବାର ସୂତ୍ର। ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଚନ୍ଦ୍ର ସକଳ ଶାଶ୍ୱତ ଗୁଣର ଆଧାର ଏବଂ ତାଙ୍କ ଆଦର୍ଶର ଚିରନ୍ତନ ପ୍ରାସଙ୍ଗିକତା ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଆଜି ରାଜଭବନରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ କବି ସଂଗମ ଆନୁକୂଲ୍ୟରେ ଆୟୋଜିତ ଶ୍ରୀରାମ କାବ୍ୟପାଠ କବି ସମ୍ମେଳନରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ପୁରୁଷ ଓ ପ୍ରକୃତିର ସଂଗମ ହେଉଛନ୍ତି ଶ୍ରୀରାମ । ସେ ସମସ୍ତ ଦିବ୍ୟଗୁଣର ଅଧିକାରୀ। ତେବେ ସୀତାଙ୍କ ବ୍ୟତିରେକ ସେ ଅପୂର୍ଣ୍ଣ । ରାମଙ୍କର ବିକଳ୍ପ ସମ୍ଭବ ହେଇପାରେ କିନ୍ତୁ ସୀତା ଅନନ୍ୟା । ରାମାୟଣରେ ସୀତାଙ୍କ ଚରିତ୍ରର ପୁନଃମୂଲ୍ୟାୟନ କରିବାକୁ ରାଜ୍ୟପାଳ କହିଥିଲେ । ରାଷ୍ଟ୍ରୀୟ କବି ସଂଗମର ଅଧ୍ୟକ୍ଷ ଜଗଦୀଶ ମିତଲ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେବା ସହ ଦେଶବିଦେଶରେ ଏହାର ବ୍ୟାପ୍ତି ଉତ୍ସାହଜନକ ହୋଇଥିବା ପ୍ରକାଶ କରିଥିଲେ । ରାଷ୍ଟ୍ରୀୟ ସହ ମହାମନ୍ତ୍ରୀ ମହେଶ ଶର୍ମା, ଓଡ଼ିଶା ଶାଖାର ଅଧ୍ୟକ୍ଷ ଗଜାନନ୍ଦ ଶର୍ମା, ସଂରକ୍ଷକ ଅଜୟ ଅଗ୍ରୱାଲ, ମହାମନ୍ତ୍ରୀ ପୁଷ୍ପା ସିନ୍ଧି ପ୍ରମୁଖ ଶ୍ରୀରାମ ବନଗମନ ପଥ କାବ୍ୟଯାତ୍ରାର ଉପଲବ୍ଧି ସଂପର୍କରେ ଆଲୋଚନା କରିଥିଲେ।

# ଓଲିଭ ରିଡଲେ ସଂରକ୍ଷଣରେ ଓଡ଼ିଶା ମଡେଲ : ପ୍ରଜନନ ନିମନ୍ତେ ୬୬ଟି ପେଟ୍ରୋଲିଂ କ୍ୟାମ୍ପ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା, ପ୍ରଜନନ ଏବଂ ବଂଶବୃଦ୍ଧି ନିମନ୍ତେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ସମନ୍ୱିତ ମଡେଲ୍ ସର୍ବଶ୍ରେଷ୍ଠ ପ୍ରାମାଣିତ ହୋଇଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଉଚ୍ଚ କ୍ଷମତା ସଂପନ୍ନ କମିଟି ବୈଠକରେ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଏହା ପ୍ରକାଶ କରିଛନ୍ତି । ପ୍ରକୃତିର ଏହି ଅମୂଲ୍ୟ ସଂପତିର ସଂରକ୍ଷଣ ନିମନ୍ତେ କ୍ଷେତ୍ରସ୍ତରରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର, ଜଙ୍ଗଲ ଓ ପରିବେଶ ବିଭାଗ, ମତ୍ସ୍ୟ ଓ ପଶୁସଂପଦ ବିଭାଗ, ପୋଲିସ୍, ସମୁଦ୍ରତଟ ପୋଲିସ୍, ତଟ ସୁରକ୍ଷା ବାହିନୀ, ସଂପୃକ୍ତ ଜିଲ୍ଲା ପ୍ରଶାସନ ଏବଂ ବନ୍ଦର କର୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସ୍ଥାନୀୟ ଜନପ୍ରତିନିଧି ମାନଙ୍କୁ ସାମିଲ୍ କରି ସଚେତନତା ଓ ସୁରକ୍ଷା କାର୍ଯ୍ୟକ୍ରମକୁ ଏକ ଲୋକ-ଅଭିଯାନର ରୂପଦେବା ସହ ଏ କ୍ଷେତ୍ରରେ ଓଡ଼ିଶାର ପରିଚୟକୁ ଅଧିକ ଜାଜ୍ୱଲ୍ୟମାନ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଓଲିଭ୍ ରିଡଲେ ପ୍ରଜନନ ଋତୁ ନିମନ୍ତେ ସଂରକ୍ଷଣ ଓ ସୁରକ୍ଷା କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ଏଥି ନିମନ୍ତେ ୨୦୨୧ ମସିହା ନଭେମ୍ବର ୧ ତାରିଖ ଠାରୁ ୨୦୨୨ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ ଧାମରା, ଦେବୀ ଓ ଋଷିକୁଲ୍ୟା ନଦୀ ମୁହାଣ ନିକଟରେ ସମୁଦ୍ର ଉପକୂଳରୁ ୨୦ କି.ମି ପର୍ଯ୍ୟନ୍ତ ନିର୍ଦ୍ଧାରିତ ଅଂଚଳ ମଧ୍ୟରେ ମାଛମରା ନିଷେଧ ଜାରି ରଖିବା ପାଇଁ ନିଷ୍ପତି ହୋଇଥିଲା । ଯନ୍ତ୍ର ଚାଳିତ ଡ଼ଙ୍ଗା, ଟ୍ରଲର ବା ଯାନ୍ତ୍ରିକ କୌଶଳରେ ମାଛମରା ନିଷେଧ ହେବ । ବିନା ମଟର ବୋଟ୍ ରେ ପାରମ୍ପରିକ ଡ଼ଙ୍ଗରେ ମାଛ ଧରୁଥିବା ମତ୍ସ୍ୟଜିବୀ ମାନଙ୍କୁ ଅଯଥାରେ ଅସୁବିଧାରେ ନପକାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ସଂପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର, ଡ଼ି.ଆର.ଡ଼ି.ଓ ଏବଂ ଉପକୂଳବର୍ତୀ ୩ଟି ବନ୍ଦର କର୍ତୁପକ୍ଷ ମାନେ ସଂରକ୍ଷଣ ନିୟମକୁ କଡ଼ାକଡ଼ି ଅନୁପାଳନ କରିବା ସହ ରାତ୍ରୀ ସମୟରେ ତୀବ୍ର ଆଲୋକ ରଶ୍ମିକୁ ଅବନତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ତୀବ୍ର ଆଲୋକ ରଶ୍ମି ଓଲିଭ୍ରିଡ୍ଲେଙ୍କ ଉପରେ କୁପ୍ରଭାବ ପକାଇବାର ସମ୍ଭାବନା ଥିବାରୁ ଆଲୋକ ରଶ୍ମି ନିୟନ୍ତ୍ରିତ କରିବାକୁ କୁହାଯାଇଥିଲା। ମିଳିତ ଅପରେସନ୍ ନିମନ୍ତେ ଆବଶ୍ୟକୀୟ ସହଯୋଗ ଯୋଗାଇଦେବା ପାଇଁ ମଧ ମୁଖ୍ୟ ଶାସନ ସଚିବ ବନ୍ଦର କର୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମତ୍ସ୍ୟ ଓ ପଶୁ ସଂପଦ ବିଭାଗ ଶାସନ ସଚିବ ଆର୍ ରଘୁ ପ୍ରସାଦ କହିଥିଲେ ଯେ ଇତି ମଧ୍ୟରେ ମତ୍ସ୍ୟଜିବୀ ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ନିମନ୍ତେ ଏକ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି । ଏହି ଆପ୍ ମାଧ୍ୟମରେ ମତ୍ସ୍ୟଜିବୀମାନେ ମାଛମରା ନିଷିଦ୍ଧ ଅଂଚଳର ସୀମା ଦେଖି ପାରିବେ । ନିଷିଦ୍ଧ ଅଂଚଳକୁ ପଶିବା ସଂଗେ ସଂଗେ ସେମାନେ ଗୋଟିଏ ଆଲର୍ଟ ମେସେଜ୍ ପାଇବେ । ଏହି ଆପକୁ ନିଜ ମୋବାଇଲରେ ଡାଉନଲୋଡ୍ କରି ବୋଟମାନଙ୍କର ସ୍ଥିତି ନିର୍ଦ୍ଧାରଣ କରିବା ପାଇଁ ସଂରକ୍ଷଣ କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମା, ପ୍ରମୁଖ ପ୍ରଧାନ ବନ ସଂରକ୍ଷକ ଶିଶିର କୁମାର ରଥୋ, ପ୍ରଧାନ ମୁଖ୍ୟ ସଂରକ୍ଷକ(ବନ୍ୟଜନ୍ତୁ) ଶଶି ପଲ୍, ବିଶେଷଜ୍ଞ ଡଃ ପ୍ରିୟମ୍ବଦା ମହାନ୍ତି (ହେକ୍ ମାଦୀ), ତଟ ସୁରକ୍ଷା ବାହିନୀ କମାଣ୍ଡାଂଟ, ବନ୍ୟଜନ୍ତୁ ସଂରକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ଓ ବୈଜ୍ଞାନିକଙ୍କ ସମେତ ଡ଼ି.ଆରଡ଼ି.ଓ, ଆଇ.ଟି.ଆର, ଧାମରା, ଗୋପାଳପୁର ଏବଂ ପାରାଦ୍ୱୀପ ବନ୍ଦର କର୍ତୁପକ୍ଷଙ୍କର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସତର୍କତା ସଚେତନତା ସପ୍ତାହରେ ସତ୍ୟନିଷ୍ଠା ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୧ ପାଳନ ଅବସରରେ ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଆଜି ପୂର୍ବାହ୍ନରେ ୱାଲଟିୟର ରେଳ ମଣ୍ଡଳ ମୁଖ୍ୟାଳୟ ଠାରେ ରେଳବାଇ କର୍ମଚାରୀ ଓ ଅଧିକାରୀମାନଙ୍କୁ ସମସ୍ତ କ୍ଷେତ୍ରରେ ସତ୍ୟନିଷ୍ଠା ଓ ସ୍ୱଚ୍ଛତା ଆଣିବାକୁ ଶପଥ ପାଠ କରାଇଥିଲେ । ଅତିରିକ୍ତ ମହାପ୍ରବାଣ୍ଡଝାଙ୍କ ଶ୍ରୀ ସୁଧୀର କୁମାର ପୂର୍ବତଟ ରେଳପଥ ମୁଖ୍ୟାଳୟ ଠାରେ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ "ଅଖଣ୍ଡତା" ଉପରେ ଶପଥ ପାଠ କରାଇଥିଲେ । ଜୀବନରେ ସମସ୍ତ କ୍ଷେତ୍ରରେ ସାଧୁତା ସହିତ ନିୟମର ପାଳନ କରିବା; କାହାଠାରୁ ଲାଂଚ ନନେବା କିମ୍ବା ନଦେବା; ସମସ୍ତ କାର୍ଯ୍ୟକୁ ସଚ୍ଚୋଟତା ସହ ପାରଦର୍ଶିତା ଭଳି କାର୍ଯ୍ୟକରିବା; ସାର୍ବଜନିକ ହିତରେ କାର୍ଯ୍ୟକରିବା; ବ୍ୟକ୍ତିଗତ ବ୍ୟବହାରରେ ସତ୍ୟନିଷ୍ଠା ପ୍ରଦର୍ଶନ କରିବା ସହ ଉଦାହରଣ ଦ୍ୱାରା ନେତୃତ୍ୱ ନେବା ଏବଂ ଭ୍ରଷ୍ଟାଚାରର ଯେକୌଣସି ଘଟଣାକୁ ଉଚିତ ଅଧିକାରୀଙ୍କୁ ଜଣାଇବାକୁ ମଧ ରେଳକର୍ମଚାରୀ ମାନେ ସଂକଳ୍ପ ନେଇଛନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ବିଭାଗୀୟ ପ୍ରମୁଖ ଅଧିକାରୀ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ମାନେ ଯୋଗ ଦେଇଥିଲେ। ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ସଞ୍ଜୟ ମହାପାତ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# କାଳିଜାଈ କବିତା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ଜନମାନସରେ ଚିର ସ୍ମରଣୀୟ କରିଛି

ଭୁବନେଶ୍ୱର,୨୭/୧୦ (ନି.ପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଅନ୍ୟତମ ପଂଚସଖା, ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ, ସ୍ୱାଧୀନତା ସଂଗ୍ରାମୀ, ବିଚ୍ଛିନ୍ନା ଞ୍ଚଳରେ ଓଡ଼ିଆ ଭାଷା ସୁରକ୍ଷା ପାଇଁ କାର୍ଯ୍ୟରତ ପୂର୍ବତନ ମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୫ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ, ଜୟ ଓଡ଼ିଶା ଏବଂ ଅନ୍ୟ ସଂଗଠନଙ୍କ ସହଯୋଗରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ପି.ଏମ୍.ଜି. ଛକ ନିକଟସ୍ଥ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ଯୋଗଦେଇ ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପଣ୍ଡିତ ଗୋଦାବରୀଶ ମିଶ୍ର ବାଣପୁରର ଏକ ଦରିଦ୍ର ପରିବାରରେ ଜନ୍ମ ହୋଇ ନିଜ ନିଷ୍ଠା ଓ ଏକାଗ୍ରତା ବଳରେ ସ୍ନାତକୋତର ଶିକ୍ଷା ପରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସରକାରୀ ଚାକିରୀ ନ କରି ଦେଶ ସେବାରେ ବ୍ରତୀ ହେବାକୁ ସଂକଳ୍ପ ନେଇ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା, ବିଚ୍ଛିନ୍ନାଂଚଳ ଷଢେଇକଳା ଓ ଖରସୁଆଁରେ ଓଡ଼ିଆ ଭାଷାଭାଷୀ ଅଂଚଳରେ ଭାଷା ଆନ୍ଦୋଳନକୁ ସକ୍ରିୟ କରିବା ସହ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଦେଶ ସ୍ୱାଧୀନତା ପୂର୍ବବର୍ତୀ ଓ ପରବର୍ତୀ ଅବସ୍ଥାରେ ବିଧାୟକ ନିର୍ବାଚିତ ହୋଇ ମନ୍ତ୍ରୀପଦ ମଣ୍ଡନ କରି ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଜଣେ ସୁସାହିତ୍ୟିକ ଭାବରେ ବିଭିନ୍ନ ରଚନା କରି ଓଡ଼ିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ତାଙ୍କ ରଚିତ କାଳଜୟୀ ଗୀତିକବିତା କାଳିଜାଈ ତାଙ୍କୁ ଜନମାନସରେ ଚିର ସ୍ମରଣୀୟ କରି ରଖିଛି ବୋଲି ବକ୍ତାମାନେ ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥି, ନାରାୟଣ ଓଝା, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ପ୍ରବୀର ମହାନ୍ତି, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଶ କୁମାର ମିଶ୍ର, ସତ୍ୟବ୍ରତ ଜେନା, ଅଧ୍ୟାପକ ଅସିତ୍ ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ଅଧ୍ୟାପିକା ଡଃ ଶ୍ରୀମତୀ ହିମାଦ୍ରୀ ତନୟା ମିଶ୍ର, ଯୁବନେତା ବିକାଶ ଗିରି, ଯୁବ ସଂଗଠକ ଗିରୀଶ କୁମାର ମିଶ୍ରଙ୍କୁ ପଣ୍ଡିତ ଗୋଦାବରୀଶ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଗୋଦାବରୀଶ ଥିଲେ ଓଡ଼ିଆ ଭାଷା, ସାହିତ୍ୟର ଉଜ୍ଜ୍ୱଳତମ ଜ୍ୟୋତିଷ୍କ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଅନ୍ୟତମ ପଂଚସଖା, ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ, ସ୍ୱାଧୀନତା ସଂଗ୍ରାମୀ, ବିଚ୍ଛିନ୍ନା ଞ୍ଚଳରେ ଓଡ଼ିଆ ଭାଷା ସୁରକ୍ଷା ପାଇଁ କାର୍ଯ୍ୟରତ ପୂର୍ବତନ ମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୫ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ, ଜୟ ଓଡ଼ିଶା ପ୍ରମୁଖ ସଂଗଠନଙ୍କ ସହଯୋଗରେ ତାଙ୍କ ପ୍ରତିମୂର୍ତିସ୍ଥଳ ଭୁବନେଶ୍ୱର ପି.ଏମ୍.ଜି. ଛକରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନ ଓ ବରିଷ୍ଠ ସାମ୍ବାଦିକ ତଥା ଅଧ୍ୟକ୍ଷ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱର ଅନୁଷ୍ଠିତ ହୋଇଯାଇଅଛି। 'କାଳିଜାଈ', 'ଆଲେଖିକା' ପ୍ରମୁଖ ତାଙ୍କର ଅମର କୃତି। ତାଙ୍କର ରଚନା "ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ" ପାଇଁ ମରଣୋତର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାରାୟଣ ଓଝା, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ପ୍ରବୀର ମହାନ୍ତି, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଶ କୁମାର ମିଶ୍ର, ସତ୍ୟବ୍ରତ ଜେନା, ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ଅଧ୍ୟାପିକା ଡଃ ଶ୍ରୀମତୀ ହିମାଦ୍ରୀ ତନୟା ମିଶ୍ର, ପ୍ରତୀଭାଦୀପ୍ତ ବିକାଶ ଗିରି, ଗିରୀଶ କୁମାର ମିଶ୍ରଙ୍କୁ ପଣ୍ଡିତ ଗୋଦାବରୀଶ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ପ୍ରାଧ୍ୟାପକ ଡଃ ଅସୀତ ଦାସ ଧନ୍ୟବାଦ ଅର୍ପଣ କରିଥିଲେବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ଆଜାଦ୍ ହିନ୍ଦ୍ ବାହିନୀର ଜାତୀୟ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମ ବାର୍ଷିକୀ ଏବଂ ନେତାଜୀଙ୍କ ଦ୍ୱାରା ଗଠିତ ଆଜାଦ୍ ହିନ୍ଦ୍ ସରକାରର ୭୯ ତମ ପ୍ରତିଷ୍ଠା ଦିବସ ଅବସରରେ 'ଆଜାଦ୍ ହିନ୍ଦ୍ ବାହିନୀ' ପକ୍ଷରୁ ଗତ ଅକ୍ଟୋବର ୨୦ ତାରିଖରୁ ଭୁବନେଶ୍ୱର ନେତାଜୀ ଭବନ ଠାରେ ଆରମ୍ଭ ହୋଇଥିବା ଜାତୀୟ କର୍ମଶାଳା ଗତକାଲି ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ୬ ଦିନ ଧରି ଚାଲିଥିବା ଏହି କର୍ମଶାଳାରେ ଆଲୋଚକ ଭାବରେ ଟି.ୟୁ.ସି.ସି.ର ଜାତୀୟ ସାଧାରଣ ସଂପାଦକ ଜି.ଆର୍. ଶିବଶଙ୍କର, ବରିଷ୍ଠ ସାମ୍ବାଦିକ ରବି ଦାସ, ପ୍ରଫୁଲ୍ଲ ଦାଶ, ବରିଷ୍ଠ ରାଜନେତା ଦେବୀପ୍ରସାଦ ମିଶ୍ର, ଜନାର୍ଦ୍ଦନ ପତି, ଯୁଧିଷ୍ଠିର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସୁଦର୍ଶନ ପ୍ରଧାନ, ବିଶିଷ୍ଟ କବି ତଥା ରାଜନୈତିକ ସମାଲୋଚକ କେଦାର ମିଶ୍ର, ସାମାଜିକ କର୍ମୀ ତଥା ସାମ୍ବାଦିକା ଗାର୍ଗୀ ଶତପଥୀ, ଶ୍ରୀମା ଶତପଥୀ, ପ୍ରଫେସର ନୀଳମଣି ସାହୁ ଓ ଅନ୍ତିମ ଦିନରେ ଆଇ.ଏନ୍.ଏ. ଓ ନେତାଜୀ ସଂଘର ସର୍ବଭାରତୀୟ ସମନ୍ୱୟ ସମିତିର ସଭାପତି କେ.ଏଚ୍ ଜ୍ଞାନେଶ୍ୱର ଏବଂ ସହ ସଂପାଦକ ଏମ୍. ନବକିଶୋର, ସୋମନାଥ ମୁଖାର୍ଜୀ ପ୍ରମୁଖ ବିଭିନ୍ନ ବିଷୟ ଉପରେ ବକ୍ତବ୍ୟ ରଖି ନେତାଜୀଙ୍କ ବିଚାର ଧାରା ଓ ଦେଶ ଗଠନ ସଂକ୍ରାନ୍ତରେ ତାଙ୍କର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଆମ ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ମୌଳିକ ଆବଶ୍ୟକତା ପାଇବାରୁ ଦେଶର ଜନସାଧାରଣ ବଂଚିତ ହୋଇଛନ୍ତି। ସମସ୍ତଙ୍କୁ ମାଗଣାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଆଜି ଦିବା ସ୍ୱପ୍ନରେ ପରିଣତ ହୋଇଛି। ଦେଶର ରାଷ୍ଟ୍ରାୟାତ ଉଦ୍ୟୋଗଗୁଡ଼ିକୁ ଶାଗ, ମାଛ ଦରରେ ଦେଶୀବିଦେଶୀ ବହୁ ରାଷ୍ଟ୍ରୀୟ କଂପାନୀମାନଙ୍କୁ ବିକ୍ରି କରାଯାଉଛି। ଦେଶର ଅନ୍ନଦାତା କୃଷକ ସମସ୍ୟା ଜର୍ଜରିତ ଅବସ୍ଥାରେ ଆତ୍ମହତ୍ୟା କରୁଛନ୍ତି। ବେକାରୀ ଓ ସାଂପ୍ରଦାୟିକ ବିଦ୍ୱେଷ ଦିନକୁ ଦିନ ଉତ୍କଟତର ହେବାରେ ଲାଗିଛି ବୋଲି ବକ୍ତାମାନେ ଏହି କର୍ମଶାଳାରେ ନିଜ ବ୍ୟକ୍ତବ୍ୟ ରଖିବା ସହ ଆଜାଦ୍ ହିନ୍ଦ୍ ବାହିନୀର ସାଥୀମାନେ ନେତାଜୀଙ୍କ ଆଦର୍ଶରେ ଦୀକ୍ଷିତ ହୋଇ ଦେଶ ମାତୃକା ଓ ଜନଗଣଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ।

# ସମୟର ଚକ୍ର ୧୦ମ ବାର୍ଷିକ କବିତା ପାଠ ଉତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ

## ପ୍ରତିଭା ବିକାଶରେ 'ସମୟର ଚକ୍ର'ର ଭୂମିକା ଗୁରୁତ୍ୱପୂର୍ଣ୍ଣ




ବାଲେଶ୍ୱର,୨୭/୧୦ (ନି.ପ୍ର): ସମୟ ସହିତ ତାଳ ଦେଇ ସତ ସମ୍ବାଦ ପରିବେଷଣ ଏବଂ ନବ ପ୍ରତିଭାଧରମାନଙ୍କୁ ଉତ୍ସାହିତ କରିବା 'ସମୟର ଚକ୍ର'ର ଅନ୍ତର୍ନିହିତ ବିଭାଗ ପ୍ରତିଭା ବିକାଶ କ୍ଷେତ୍ରରେ ତାର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ନିଭାଇବା ସହ ବିକଶିତ କରାଇ ଆସୁଅଛି । 'ସମୟର ଚକ୍ର'ର ଦଶମ ବାର୍ଷିକ ଉତ୍ସବ ଅବସରରେ ବାଲେଶ୍ୱର ସହର କେନ୍ଦ୍ର ସ୍ଥଳିରେ ଆତିଥ୍ୟ ଭବନଠାରେ କବିତା ପାଠ ଉତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା ଦିବସ ବ୍ୟାପି ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହୋଇ ଯାଇଛି । ବିଶିଷ୍ଟ କବି କାଳିକିଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମାଜସେବୀ ସୁବାସିନୀ ଜେନା ଉତ୍ସବକୁ ଉଦ୍‌ଘାଟନ କରି ସଂପାଦକ ସର୍ବେଶ୍ୱର ଜେନା ଅତି କମ୍ ସମୟ ମଧ୍ୟର 'ସମୟର ଚକ୍ର' ସମ୍ବାଦ ଓ ସାହିତ୍ୟ ପତ୍ରିକାକୁ ରାଜ୍ୟର ଏକ ପ୍ରମୁଖ ବହୁଳ ପ୍ରସାରିତ ପତ୍ରିକା ଭାବରେ ପ୍ରଚଳିତ କରି ପାରିଥିବାରୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଫକିରୀମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଲକ୍ଷ୍ମୀକାନ୍ତ ତ୍ରିପାଠୀ ବରେଣ୍ୟ ଅତିଥି ଭାବେ ଗାଳ୍ପିକ ରାଧାରଞ୍ଜନ ପଟ୍ଟନାୟକ, କବି ଅଭୟ ଦାସସ, ସମାଜସେବି ଲକ୍ଷ୍ମୀନାରାୟଣ ମହାନ୍ତି, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ଶଙ୍କର ହେମ୍ବରମ, କବି କାଳିପଦ ପଣ୍ଡା, ଅଧ୍ୟାପକ ଅଶ୍ୱିନୀ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ପ୍ରତିଭା ବିକାଶରେ 'ସମୟର ଚକ୍ର'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିବା ସହ ପରିଚାଳନା ନିମିତ ସଂପାଦକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ସଂପାଦକ ସର୍ବେଶ୍ୱର ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ କବି ଗଙ୍ଗାଧର ଦାସ ଧନ୍ୟବାଦ ଦେଇଥିଲେ । ସଂପାଦିକା ସତ୍ୟଭାମା ଜେନା ସଂପାଦକୀୟ ବିବରଣୀ ପାଠ କରିଥିଲେ । 'ସମୟରଚକ୍ର' ବାର୍ଷିକ ବିଶେଷାଙ୍କ ଲୋକାର୍ପଣ ହୋଇଥିଲା । ପ୍ରଥମ ଅଧିବେଶନରେ ସାନ୍ତନୁ ପଟ୍ଟନାୟକଙ୍କ ପରିଚାଳନାରେ କରିବା ପାଠୋତ୍ସବ ଅବସରରେ କବି ବ୍ରଜେନ୍ଦ୍ର ନାଥ ଗିରି ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧ୍ୟାପକ ସୁକାନ୍ତ ଗିରି, କବି ଗଗନ କୁମାର ସେଠୀ, କଲ୍ୟାଣୀ ନନ୍ଦ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ, ସମାଜସେବୀ ନିକୁଞ୍ଜ କିଶୋର ମହାନ୍ତି, ସୁଶାନ୍ତ କର, ବରେଣ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ୫୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ଓଡ଼ିଶାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାରସ୍ୱତ ସାଧକ ସାଧିକା, ସାମ୍ବାଦିକ, ସମାଜସେବି ବିଭିନ୍ନ କ୍ଷେତ୍ରରୁ ପ୍ରତିଭାଧର ବିକ୍ରମ ପଣ୍ଡା, ସୁମନ୍ତ କୁମାର ଜେନା, ମନୋଜ କୁମାର ପାଢ଼ୀ, ବିଜୟ କୁମାର ଭୂୟାଁ, ଜୟନ୍ତ ପ୍ରଧାନ, ପଞ୍ଚାନନ ବେହେରା, ସ୍ନିଗ୍ଧା ସାମନ୍ତ ରାୟ, ହାସ୍ୟମୟୀ ରାଜ, ହାଡିବନ୍ଧୁ ପାତ୍ର, କାବ୍ୟଭୂଷଣ ଶିବପ୍ରସାଦ ବାହିନୀ ପତି, ଯଶୋଦା ନନ୍ଦନ ଆଶ, ପରମାନନ୍ଦ ତ୍ରିପାଠୀ, ତାପସ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ତିର୍ଥେଶ ରାୟ ମହାଶୟ, ଅଧ୍ୟାପକ ଆର୍ଯ୍ୟବ୍ରତ ଦାସ ପ୍ରମୁଖ ସହଯୋଗ କରିଥିଲେ । ସର୍ବଶେଷରେ ସଂପାଦକ ସର୍ବେଶ୍ୱର ଜେନା ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜଧାନୀରେ ମିଳୁଛି ମିଛ ....

ପୈଠ କରିଦିଆଯାଇଥିଲା । ଏହାପରେ ସୋମବାର ଅପରାହ୍ନରେ ନମୁନା ସଂଗ୍ରହ ହୋଇଥିବା ନେଇ ମୋବାଇଲକୁ ମେସେଜ ଆସିଥିଲା । ଆଉ ମଙ୍ଗଳବାର ସକାଳେ ଆରଟିପିସିଆର କୋଭିଡ ପଜିଟିଭ ରିପୋର୍ଟ ସାମ୍ବାଦିକଙ୍କ ମୋବାଇଲକୁ ପଠାଇଦେଲେ ସଂପୃକ୍ତ ଦଲାଲ । ତେବେ ଏହି କାର୍ଯ୍ୟ ପ୍ରମାଣିତ କରୁଛି କରୋନା ଭଳି ସ୍ପର୍ଶକାତର ସମୟରେ କିଭଳି କିଛି ଦଲାଲ ଓ ସଂସ୍ଥା ବେଆଇନ କାମ କରିବାକୁ ପଛାଉନାହାନ୍ତି । ତା ଠାରୁ ସାଂଘାତିକ ଦିଗ ହେଉଛି, ରାଜଧାନୀରେ ଏଭଳି ଚାଲୁଥିଲେ ବି କେହି ଜାଣିପାରୁନଥିଲେ କିଭଳି ? ଗଣମାଧ୍ୟମରେ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।

### କ୍ରୁଜ୍ ଡ୍ରଗ୍ସ କେସ୍ ମାମଲା....

ସେ କହିଛନ୍ତି, ସମୀର ୱାଙ୍ଖେଡ଼େଙ୍କ ଧର୍ମ ପ୍ରସଙ୍ଗ ଉତ୍ଥାପନ କରିବା ତାଙ୍କର ଲକ୍ଷ୍ୟ ନୁହେଁ, ଲକ୍ଷ୍ୟ ହେଉଛି ସେ ଜାଲିଆତି କରି ହାସଲ କରିଥିବା ପ୍ରମାଣପତ୍ର ପାଇଛନ୍ତି ବୋଲି ଅବଗତ କରାଇବା । 'ଆଇଅର୍‌ଏସ୍' ଚାକିରି ପାଇବା ପାଇଁ ସେ ଜାତିଗତ ପ୍ରମାଣପତ୍ର ହାସଲ କରି ଯୋଗ୍ୟ ବିବେଚିତ ହେବାକୁ ଥିବା କୌଣସି ଜଣେ ପ୍ରକୃତ 'ଅନୁସୂଚିତ ଜନଜାତି'ଙ୍କୁ ଠକିଛନ୍ତି । ବିବାଦୀୟ ପରିସ୍ଥିତି ମଧ୍ୟରେ ଆଜି ନୱାବ ମଲ୍ଲିକ, ଡକ୍ଟର ଶବନା କ୍ୟୁରେଶିଙ୍କ ସହ ହୋଇଥିବା ସମୀର ୱାଙ୍ଖେଡ଼େଙ୍କ ପ୍ରଥମ ବିବାହର 'ନିକାନାମା' ଏବଂ ସେ ସମ୍ବନ୍ଧୀୟ ଫଟୋ ଟୁଇଟର୍‌ରେ ପୋଷ୍ଟ କରିଛନ୍ତି । ଆହୁରି ମଧ୍ୟ କହିଛନ୍ତି, ସେମାନେ ଯଦି କହୁଛନ୍ତି ମୁଁ ଟୁଇଟ୍ କରିଥିବା ଜାତିଗତ ପ୍ରମାଣପତ୍ର ଜାଲ୍, ତେବେ ସେମାନେ ଅସଲି ପ୍ରମାଣପତ୍ର ଦେଖାଇବା ଉଚିତ । ପରିଚୟକୁ ପ୍ରଭାବିତ ନ କରିବା ପାଇଁ ମୁଁ ସାକ୍ଷୀମାନଙ୍କ ନାଁ ସବୁ ଅସ୍ପଷ୍ଟ କରିପକାଇଛି । ମୁଁ ପୋଷ୍ଟ କରିଥିବା ପ୍ରମାଣପତ୍ରଟି 'ବିଏମ୍‌ସି'ରୁ ମିଳିଥିବା 'ଅଫିସିଆଲ୍ ଡକ୍ୟୁମେଣ୍ଟ' । ଆଇନ ଅନୁସାରେ, ଜଣେ ବ୍ୟକ୍ତି ଅନ୍ୟ ଧର୍ମକୁ ପରିବର୍ତ୍ତିତ ହେଲେ, ସେ ଉପଲବ୍ଧ ହେଉଥିବା ଜାତିଆଣା ସୁବିଧାସୁଯୋଗରୁ ବଞ୍ଚିତ ହେବା କଥା । ସେ ମୁସଲ୍‌ମାନ ନ ଥିଲେ ଏବଂ ସିଭିଲ୍ ସର୍ଭିସ୍‌ରେ ପ୍ରବେଶ କରିବାକୁ ନକଲି ଜାତିଗତ ପ୍ରମାଣପତ୍ର ବ୍ୟବହାର କରିଥିବା କଥା ସମୀର ୱାଙ୍ଖେଡ଼େଙ୍କ ଦ୍ୱିତୀୟ ପତ୍ନୀ ମରାଠୀ ଅଭିନେତ୍ରୀ କ୍ରାନ୍ତି ରେଡକର ଅସ୍ୱୀକାର କରିବା ପରେ ଆଜି ନୱାବ ମଲ୍ଲିକଏସବୁ ପୋଷ୍ଟ କରିଛନ୍ତି ।

# ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ବିଜେପି ଯୁବ ମୋର୍ଚ୍ଚାର ବିକ୍ଷୋଭ

## ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଧସେଇ ପଶି ୬୦ଗିରଫ

ବାଲେଶ୍ୱର,୨୭/୧୦ (ନି.ପ୍ର): କଳାହାଣ୍ଡି ଜିଲା ଶିକ୍ଷୟିତ୍ରୀ ହତ୍ୟା ମାମଲାରେ ଉଚ୍ଚ ସ୍ତରୀୟ ତଦନ୍ତ ଓ ଏଥିରେ ସମ୍ପୃକ୍ତ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବାଲେଶ୍ୱର ଜିଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏସପିଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ବିଜେପି ଯୁବମୋର୍ଚ୍ଚା ଜିଲା ସଭାପତି ରାଜେଶ ମହାପାତ୍ରଙ୍କ ନେତୃତ୍ୱରେ ଯୁବକର୍ମୀଙ୍କ ସମେତ ଜିଲା ବିଜେପିର କର୍ମକର୍ତ୍ତା ଓ ସଦସ୍ୟମାନେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶିକ୍ଷୟିତ୍ରୀ ମମିତାଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ ସହ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଯୁବ ନେତାମାନେ ଦାବି କରିଥିଲେ । ବିଶେଷ କରି ମାମଲାକୁ ଚପାଇ ଦେବା ଓ ମନ୍ତ୍ରୀଙ୍କୁ ସୁରକ୍ଷା ଦେବାକୁ ଚାଲିଥିବା ଉଦ୍ୟମ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଥିଲେ । ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିବରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ । ପରେ ସ୍ମାରକପତ୍ର ପ୍ରଦାନ ପାଇଁ ଶତାଧିକ ବିଜେପି କର୍ମୀ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟକାଳୟକୁ ଧସେଇ ପଶିଥିଲେ । ଖବର ପାଇ ପୁଲିସ ଟିମ ପହଞ୍ଚି ବିକ୍ଷୋଭକାରୀ ୫୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀଙ୍କୁ ଗିରଫ କରି ସହଦେବଖୁଣ୍ଟା ଥାନାକୁ ନେଇ ଆସିଥିଲେ । ସେମାନଙ୍କୁ ମୁକୁଳାଇବା ଦାବିରେ ବିଜେପି କର୍ମୀମାନେ ଥାନା ଘେରାଉ ସହ ରାସ୍ତା ଅବରୋଧ କରିଥିଲେ । ରାତି ପ୍ରାୟ ୮ ପର୍ଯ୍ୟନ୍ତ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଚାଲିଥିଲା ।

## ଭୀମଭୋଇ ଭିନ୍ନକ୍ଷମ ଶିବିରରେ ଯୋଗଦେଲେ ୭୧୭ଜଣ ହିତାଧିକାରୀ

ଜଳେଶ୍ୱର, ୨୭/୧୦(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନୂଆବଜାର ଉଚ୍ଚ ବିଦ୍ୟାଳୟରେ ଆଜି ବୁଧବାର ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ଜଳେଶ୍ୱର ବିଡିଓ ଦିପ୍ତିରଂଜନ ସେଠୀ ଓ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅସ୍ଥିଶଲ୍ୟ ବିଭାଗର ୩୨୦ ଜଣ, ଚକ୍ଷୁ ବିଭାଗରେ ୯୧ଜଣ, ମାନସିକ ବିଭାଗରେ ୯୦ଜଣ, କର୍ଣ୍ଣ-ନାଶା-ଓ ଗଳା ବିଭାଗରେ ୨୧୬ ଜଣ ହିତାଧିକାରୀ ନାମ ପଂଜିକରଣ କରିଥିବା ଜଣାଯାଇଛି ।

# ଶମୀବୃକ୍ଷରେ ରିଂରୋଡ଼ ଓ ରୋପ ୱେ ପାଇଁ ଦାବି



ଉଦଳା,୨୭/୧୦ (ନି.ପ୍ର): କପ୍ତିପଦା ପଞ୍ଚାୟତ ସମିତି ଅନ୍ତର୍ଗତ ପୌରାଣିକ କିର୍ତ୍ତି ପୀଠ 'ଶମୀବୃକ୍ଷ'କୁ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ରିଂ ରୋଡ଼ ଓ ରୋପ ୱେର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି । କିଛିଦିନ ପୂର୍ବରୁ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳ ସମ୍ପଦ ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କ ସହିତ ଏକ କେନ୍ଦ୍ର ପର୍ଯ୍ୟଟନ ପ୍ରତିନିଧି ଦଳ ଏଠାକୁ ଗସ୍ତରେ ଆସିଥିବା ସମୟରେ ସ୍ଥାନୀୟ ଲୋକଙ୍କ ସହିତ କିଛି ସମୟ ଆଲୋଚନା କରିଥିଲେ । ସ୍ଥାନୀୟ ବବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଉପଜିଲ୍ଲାପାଳ ଭଗବାନ ବେହେରା, ତହସିଲଦାର ସମରଜିତ କର ପ୍ରମୁଖଙ୍କ ଉପସ୍ଥିତିରେ ଶମୀବୃକ୍ଷ ବାସୁଦେବ ଟ୍ରଷ୍ଟର ସଭାପତି ପ୍ରଫୁଲ୍ଲ କୁମାର ଖିଲାର, କବି ଇନ୍ଦ୍ରମଣି ବିନ୍ଧାଣୀ ଓ ସାମ୍ବାଦିକା ପ୍ରମିଳା ପଣ୍ଡା ଶମୀବୃକ୍ଷର ପୌରାଣିକ ପୃଷ୍ଠ ଭୂମି ସମ୍ପର୍କରେ ପର୍ଯ୍ୟଟନ ପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ । ଏହାପରେ ଶମୀବୃକ୍ଷକୁ ପାହାଡ଼ ଚଢ଼ାର ମଜା ନେବା ପାଇଁ ସାଧାରଣତଃ ବହୁ ଦୂର ଦୂରାନ୍ତରୁ ପର୍ଯ୍ୟଟକ ମାନେ ଏଠାକୁ ଆସିଥାନ୍ତି । ତେବେ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚାରିପଟେ ରିଂରୋଡ଼ ଓ ଉପରକୁ ଚଢ଼ିବା ପାଇଁ ରୋପ ୱେ ର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ । ତାହାଛଡ଼ା ପାନ୍ଥ ଶାଳା, କୁଶଭଦ୍ରା ନଦୀ ଆଡ଼ିବନ୍ଧ ନିର୍ମାଣ, କାଳବନ୍ଧକୁ ସଂଯୋଗ ରାସ୍ତା, ମାର୍କେଟ କମ୍ପଲେକ୍ସ, ଶୌଚାଳୟ, ହରିଣ ପାର୍କ, ଚିଲଡ୍ରେନ ପାର୍କ, ବଣଭୋଜୀ ସ୍ଥାନ, ମାଛକାନ୍ଦଣାକୁ ରାସ୍ତା, ମେଳାର ସମୃଦ୍ଧିକରଣ, ବିରଟେଶ୍ୱର ଓ ବାସୁଦେବ ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ଆଦି ସମ୍ପର୍କରେ ଲିଖିତ ଜଣାଇଥିଲେ ।

## ନଭେମ୍ବର ୧ରୁ ପଶ୍ଚିମଦ୍ୱାରଦେଇ ଯାଇପାରିବେ ସହରବାସୀ

ପୁରୀ,୨୭/୧୦ (ନି.ପ୍ର): ଏଣିକି ପୁରୀ ସହରବାସୀ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କ ଦର୍ଶନ ଲାଗି ପଶ୍ଚିମ ଦ୍ୱାରଦେଇ ଯାଇପାରିବେ । ତେବେ ଏଥିଲାଗି ସେମାନଙ୍କୁ ପୁରୀ ସହରର ବାସିନ୍ଦା ହେଇଥିବା ଫଟୋ ସଲଗ୍ନ ପରିଚୟପତ୍ର ଦେଖାଇବାକୁ ପଡ଼ିବ । ଅଧାରକାର୍ଡ଼ ଅଥବା ଭୋଟର ପରିଚୟପତ୍ର ଦେଖାଇ ପଶ୍ଚିମ ଦ୍ୱାରବାଟେ ସହରର ଦର୍ଶନାର୍ଥୀମାନେ ଯାଇପାରିବେ । କିନ୍ତୁ ଶ୍ରୀମନ୍ଦିରରେ ପ୍ରବେଶ ଲାଗି ପୂର୍ବରୁ ବାଧ୍ୟତା ମୂଳକଥିବା ଦୁଇଡ଼ୋଜ୍ ଟିକା ନେଇଥିବା ପ୍ରମାଣପତ୍ର କିମ୍ବା ୯୬ ଘଣ୍ଟା ଅବଧି ମଧ୍ୟରେ କରୋନ ସଂକ୍ରମିତ ହୋଇନଥିବା ଡ଼ାକ୍ତରୀ ପ୍ରମାଣପତ୍ର କଟକଣା ବଳବତ୍ତର ରହିବ । ସମସ୍ତ ଦର୍ଶନାର୍ଥୀ କେବଳ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବେ । ସହରର ଦର୍ଶନର୍ଥୀମାନେ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବା ସମ୍ପର୍କରେ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଏସ୍‌ପିଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ । ଏହି ନୂତନ ଏସ୍‌ଓପି ଆସନ୍ତା ନଭେମ୍ବର ପହିଲାରୁ କାର୍ଯ୍ୟକାରୀ କରାଯିବ । ଶ୍ରୀମନ୍ଦିର ମୁଖ୍ୟପ୍ରଶସକ ଡ଼କ୍ଟର କ୍ରିଷନ କୁମାରଙ୍କ ପକ୍ଷରୁ ଜାରି ନୂତନ ନିର୍ଦ୍ଦେଶନାମାରେ ଆଜି ଏହା ସ୍ପଷ୍ଟ କରାଯାଇଛି ।

## ଭୁବନେଶ୍ୱରରୁ ୧୭୫ ପଜିଟିଭ୍

ଭୁବନେଶ୍ୱର,୨୭/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ବୁଧବାର ଦିନ ଆଉ ୧୭୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୪୯ ଜଣ କ୍ୱାରେଂଟାଇନ୍‌ରୁ ଚିହ୍ନଟ ହୋଇଥିବା ବେଳେ ୧୨୬ ଜଣ ଲୋକାଲ ମାମଲା ରହିଛନ୍ତି । ସେହିପରି ଗତ ୨୪ ଘଂଟାରେ ଆଉ ୨୫୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧୭୭୬୬ରେ ପହଂଚିଛି । ସେମାନଙ୍କ ମଧ୍ୟରୁ ୧୧୩୪୭୬ ଜଣ ସୁସ୍ଥ ହୋଇଥିବା ବେଳେ ୩୨୨୦ ସକ୍ରିୟ ମାମଲା ରହିଛି । ସେହିପରି ମୃତକଙ୍କ ସଂଖ୍ୟା ୧୦୪୯ ରହିଛି ।

# ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ



ଉଦଳା,୨୭/୧୦ (ନି.ପ୍ର): ଭାରତୀୟ ଜନତାପାର୍ଟି ଉଦଳା ଶାଖା ତରଫରୁ ଏକ ମିଶ୍ରଣ ପର୍ବ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇଙ୍କ ନେତୃତ୍ୱରେ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଉଦଳା ନଗର ମଣ୍ଡଳ ସଭାପତି ଧିରେନ୍ଦ୍ର ଖଣ୍ଡେଲୱାଲଙ୍କ ଉଦ୍ୟମରେ, ଯୁବମୋର୍ଚ୍ଚାର ସଭାପତି ପ୍ରାଚ୍ୟ ସୁମନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି, ସଦସ୍ୟା ପ୍ରମିଳା ପଣ୍ଡା, ବରିଷ୍ଠ ନେତା କମଳ ଧଳ, ଉଦଳା ପଞ୍ଚାୟତ ସମିତିର ପୁର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପୁର୍ବତନ ଉପନଗରପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ସମ୍ପାଦକ ଶୁଭାଶିଷ ମହାନ୍ତି, ଜିଲ୍ଲା ଉପସଭାପତି ମମତା ସାହୁ, ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି ଦେବରାଜ ସାହୁ ପ୍ରମୁଖ ଯୋଗ ଦେଇ ୩୦ ଜଣ ଶିକ୍ଷିତ ଯୁବକ ଯୁବତୀଙ୍କୁ ଉତ୍ତରୀୟ, ଟୋପି ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଭାରତୀୟ ଜନତା ପାର୍ଟି, ତ୍ୟାଗ ଓ ତପସ୍ୟାର ପାର୍ଟି, ଭାରତର ଜଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦେଶ ପ୍ରଣତା ଏବଂ ଏକାତ୍ମ ମାନବବାଦର ଚେତନା ଭାରତୀୟ ଜନତା ପାର୍ଟିକୁ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ଭାବରେ ପ୍ରତିଷ୍ଠିତ କରିପାରିଛି ବୋଲି ବ୍ୟକ୍ତ କରିପାରିଥିଲେ । ଭାରତମାତାର ସମ୍ମାନ, ସ୍ୱାଭିମାନ ଏବଂ ଅଖଣ୍ଡତା ବଜାଇ ରଖିବା ଯୁବଗୋଷ୍ଠୀଙ୍କ କର୍ତ୍ତବ୍ୟ ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଶେଷରେ ସମସ୍ତେ ଏକ ସ୍ୱରରେ 'ବନ୍ଦେ ମାତରଂ...' ସଂଗୀତ ଗାନ କରିଥିଲେ । ପ୍ରାରମ୍ଭରେ ଉଦଳା ସଦର ମଣ୍ଡଳ ସଭାପତି ଜିତେନ ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶୁଭଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତାବ (ୱାକଥନ୍) ରାଲି ଆୟୋଜିତ




ବାରିପଦା,୨୭/୧୦ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୬ ଅକ୍ଟୋବର ରୁ୧ନଭେମ୍ବର,୨୦୨୧ ପର୍ଯ୍ୟନ୍ତ ପାଳନ ଅବସରରେ ସପ୍ତାହର ପାଳନର ଦ୍ୱିତୀୟ ଦିବସ ତା.୨୭.୧୦.୨୦୨୧ ରିଖରେ ଜିଲ୍ଲାସ୍ତରୀୟ ଏକ ସଚେତନତା (ୱାକଥନ)ରାଲି ଜିଲ୍ଲା ଦୁର୍ନିତି ନିବାରଣ ବିଭାଗ ବାରିପଦା ଶାଖା, ମୟୂରଭଞ୍ଜ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ନେହେରୁ ଯୁବ କେନ୍ଦ୍ର, ବାରିପଦା ମୟୂରଭଞ୍ଜ ମିଳିତ ସହ ଯୋଗରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା ୱାକଥନ ରାଲିକୁ ଡିଏସପି ଭିଜିଲାନ୍ସ ବାରିପଦା ଶାଖା ଶ୍ରୀ ଶରତ କୁମାର ମହାପାତ୍ର ଯୋଗ ଦେଇ ଅନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ସହରର ବିଭିନ୍ନ ଛକ ଦେଇ ଦୁର୍ନିତି ବିରୁଦ୍ଧରେ ବ୍ୟାନର, ପ୍ଲାକାର୍ଡ ଓ ସ୍ଲୋଗାନ ଓ ଡାକ ବାଜିଯନ୍ତ୍ର ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ସଚେତନତା ଶୋଭା ଯାତ୍ରାରେ ନେହେରୁ ଯୁବ କେନ୍ଦ୍ର ମୟୂରଭଞ୍ଜ ବାରିପଦା କାର୍ଯ୍ୟାଳୟ ପରିଚାଳିତ ଯୁବ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଭିଜିଲାନ୍ସ କାର୍ଯ୍ୟାଳୟ ପରିଚାଳନାରେ ଡିଆଇପିଆରଓ ରବୀନ୍ଦ୍ର କୁମାର ନାୟକ, ଏନୱାଇକେ ଆକାଉଂଟ୍ ଅଫିସର ଅଶୋକ କୁମାର ସାହୁ, ଭିଜିଲାନ୍ସ ଇନ୍ସପେକ୍ଟର ଏବଂ ସଂପୃକ୍ତ କର୍ମଚାରୀମାନେ ସହଯୋଗ କରିଥିଲେ । ଏଥିରେ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ପଣ୍ଡିତ ସତ୍ୟପଦ ପଣ୍ଡାଙ୍କ ମୃତ୍ୟୁ ରହସ୍ୟ ସନ୍ଦେହ ଘେରରେ : ହତ୍ୟା କରାଯାଇଥିବା ଆଶଙ୍କା ବଢ଼ିଲା



ବାଲିଆପାଳ,୨୭/୧୦ (ନି.ପ୍ର): ଗତ ୧୨ ତାରିଖ ମହାସପ୍ତମୀ ତିଥିର ଅପରାହ୍ନରେ ବାଲିଆପାଳ ଥାନା ଅନ୍ତର୍ଗତ ଜାଠିଆ ଗ୍ରାମର ଜୟନ୍ତ ଜେନାଙ୍କ ଘରେ ମଙ୍ଗଳାପୂଜା କରିବା ବେଳେ ଚଣ୍ଡିପାଠ କରୁଥିବା ସମୟରେ ସୁନାଚୂଇ ଗ୍ରାମର ୩୪ବର୍ଷିୟ ଯୁବକ ପଣ୍ଡିତ ସତ୍ୟପଦ ପଣ୍ଡାଙ୍କର ଆକସ୍ମିକ ମୃତ୍ୟୁ ଘଟିଥିଲା । ତେବେ ତାଙ୍କ ମୃତ୍ୟୁକୁ ୧୫ଦିନ ବିତିଥିଲେ ମଧ୍ୟ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନଥିଲା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଏହି ସନ୍ଦେହକୁ ଅଧିକ ଘନୀଭୂତ କରାଇଛି । ମିଳିଥିବା ସୂଚନା ମୁତାବକ ସତ୍ୟପଦଙ୍କ ପରିବାର ଆଜି ବାଲିଆପାଳ ଥାନାକୁ ଯାଇ ତଦନ୍ତକାରୀ ଅଫିସରଙ୍କୁ ଭେଟି ଶବ ବ୍ୟବଚ୍ଛେଦ ରିପୋର୍ଟ ସଂପର୍କରେ ଜାଣିବାକୁ ଚାହିଁଥିଲେ । ତେବେ ତଦନ୍ତକାରୀ ଅଧିକାରୀ କହିଥିଲେ ଯେ ଭୁବନେଶ୍ୱର ଫରେନ୍‌ସିକ୍ ଲେବରଟାରୀକୁ ପରୀକ୍ଷା ପାଇଁ ସଂଗୃହୀତ ବିଶ୍ରାକୁ ପଠାଯିବ ଓ ସେଠାରୁ ରିପୋର୍ଟ ଆସିଲ ହିଁ ସତ୍ୟପଦଙ୍କ ମୃତ୍ୟୁ ରହସ୍ୟର ଅସଲ କାରଣ ଉଦ୍‌ଘାଟିତ ହେବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଣ୍ଡିତ ସତ୍ୟପଦ ପଣ୍ଡାଙ୍କ ମୃତ୍ୟୁକୁ ନେଇ ବିଭିନ୍ନ କଥା ପାଖଆଖ ଗ୍ରାମରେ ଆଲୋଚିତ ହେଉଥିଲା ବେଳେ ଏଭଳି ଅସ୍ୱାଭାବିକ ମୃତ୍ୟୁର ପ୍ରକୃତ ତଥ୍ୟ ଉଦ୍‌ଘାଟନ ପାଇଁ ତାଙ୍କ ପରିବାର, ସୁନାଚୂଇ ଗ୍ରାମବାସୀଙ୍କ ସମେତ ଅଞ୍ଚଳର ଜନସାଧାରଣ ଦାବିକରୁଛନ୍ତି । ଘଟଣାକୁ ଅଧିକ ସନ୍ଦେହ ଘନୀଭୂତ କରାଇଛି ଯେ ଘଟଣାଦିନ ୧୨ଟା ସମୟରେ ସତ୍ୟପଦଙ୍କ ବଡ଼ଭାଇ ଓ ସାନଭାଇ ବାଲେଶ୍ୱରରୁ ଫୋନଯୋଗେ ସତ୍ୟପଦଙ୍କ ସହ କଥାହେଲା ବେଳେ ସେ ପୂଜାସନରେ ଥାଇ ଭଲଭାବେ କଥା ହୋଇଥିଲେ । ଦିନ ୩ଟା ୪୦ମି. କୁ ସତ୍ୟପଦଙ୍କ ବଡ଼ଭାଇ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡାଙ୍କ ମୋବାଇଲକୁ ଜୟନ୍ତ ଜେନା ଫୋନ କରି ସତ୍ୟପଦ ପୂଜା କରୁଥିବା ସମୟରେ ଅସୁସ୍ଥ ହୋଇ ସଂଜ୍ଞାହୀନ ହୋଇପଡ଼ିଛନ୍ତି କହିଥିଲେ । ତତ୍‌କ୍ଷଣାତ୍ ବଡ଼ଭାଇ କାଳୀପଦବାବୁ ଲଙ୍ଗଳେଶ୍ୱରରୁ ଆମ୍ବୁଲାନ୍ସ ଧରି ନିଜେ ଜାଠିଆ ଗ୍ରାମରେ ପହଞ୍ଚି ଭାଇକୁ ଉଦ୍‌କୋ ହସ୍‌ପିଟାଲକୁ ନେଇ ପହଞ୍ଚିବା କ୍ଷଣି ଡାକ୍ତର ସତ୍ୟପଦକୁ ମୃତ ଘୋଷଣା କଲେ । ତେବେ ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼େ ସତ୍ୟପଦଙ୍କ ହସ୍‌ପିଟାଲ ପହଞ୍ଚିବାର ପ୍ରାୟ ୨ ଘଣ୍ଟା ପୂର୍ବରୁ କୁଆଡ଼େ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏଣୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇପାରେ ବୋଲି ଅନେକେ କହୁଛନ୍ତି । ପୋଲିସ ଏହାକୁ ଗମ୍ଭୀରତାର ସହ ତଦନ୍ତ କରିବା ଜରୁରି ହୋଇପଡ଼ିଛି ।

# ଚକ୍ରଧର ସାହୁଙ୍କ ଉପନ୍ୟାସ 'ତୁମେ ମୋ ଭାଗ୍ୟ ଆକାଶର ପହିଲି କିରଣ' ଉନ୍ମୋଚିତ



ବାଲେଶ୍ୱର,୨୭/୧୦ (ନି.ପ୍ର): ବାଲେଶ୍ୱର ସହରସ୍ଥିତ ହୋଟେଲ ଫାଣ୍ଟାସି ସଭାଗୃହରେ ଔପନ୍ୟାସିକ ଚକ୍ରଧର ସାହୁଙ୍କ ଉପନ୍ୟାସ 'ତୁମେ ମୋ ଭାଗ୍ୟ ଆକାଶର ପହିଲି କିରଣ' ଉନ୍ମୋଚନ ହୋଇଯାଇଛି । 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା କବି କାଳୀପଦ ପଣ୍ଡା ସଭାପତିତ୍ୱ କରିଥିଲେ । ଏଥିରେ ବିଜୁ ଜନତା ଦଳର ମାନବ ସମ୍ବଳ ବିକାଶ କଳା ସଂସ୍କୃତି ବିଭାଗ ରାଜ୍ୟ ଯୁଗ୍ମ ସମ୍ପାଦକ ଜଗନ୍ନାଥ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଜିଲ୍ଲା କଳା ସଂସ୍କୃତି ଓ ସାହିତ୍ୟର ମାଟି ବୋଲି ଅବିହିତ କରିବା ସହ ଔପନ୍ୟାସିକ ଚକ୍ରଧର ସାହୁଙ୍କ ଉପନ୍ୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ବରେଣ୍ୟ ଅତିଥିଙ୍କ ମଧ୍ୟରେ ଇମାମୀ ପେପର ମିଲ୍ସର ପର୍ସନାଲ ମ୍ୟାନେଜର ମନୋଜ କୁମାର ପାଢ଼ୀ, ଚାନ୍ଦିପୁର ଆଇଟିଆରର ସିନିୟର ସାଇଣ୍ଟିଷ୍ଟ ପ୍ରତାପ ଚନ୍ଦ୍ର ସାହୁ, ବିଶିଷ୍ଟ ସମାଜସେବୀ ତଥା ସାହିତ୍ୟିକ ନିରଞ୍ଜନ ପ୍ରସାଦ ବାରିକ, 'କେଦାର ଭାରତୀ' ସାହିତ୍ୟ ପତ୍ରିକାର ମୁଖ୍ୟ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଔପନ୍ୟାସିକ ଶ୍ରୀ ସାହୁ ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ । ଶେଷରେ ଅଧ୍ୟାପକ ରଶ୍ମି ରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ତପନ କୁମାର ସାହୁ, ଅପୂର୍ବ ସାହୁ, ଦୀପ୍ତିମୟୀ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



# ବରିଷ୍ଠ ନାଗରିକ ମଞ୍ଚର ବୈଠକ

ବାଲେଶ୍ୱର,୨୭/୧୦ (ନି.ପ୍ର): ସରକାରଙ୍କ ନିଷ୍ପତ୍ତି କ୍ରମେ ବାଲେଶ୍ୱରରେ ପ୍ରସ୍ତାବିତ ବରିଷ୍ଠ ନାଗରିକମାନଙ୍କ ପାଇଁ ସମନ୍ୱିତ ପୁନଃର୍ବାସ ଓ ଥଇଥାନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଗତ ୨୦୧୬ ମସିହାରେ ମଞ୍ଜୁରୀପ୍ରାପ୍ତ ଯୋଜନା କାର୍ଯ୍ୟକାରୀରେ ବିଳମ୍ବକୁ ନେଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ମଞ୍ଚର ଜିଲା କାର୍ଯ୍ୟାଳୟରେ ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସ୍ଥିରୀକୃତ ୨୦ ଏକର ପରିମିତ ଜମି ହସ୍ତାନ୍ତରରେ ଅନିଶ୍ଚିତତା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ ସହ ପ୍ରସ୍ତାବିତ ପ୍ରକଳ୍ପକୁ ତୁରନ୍ତ ଆରମ୍ଭ କରିବା ପାଇଁ ମଞ୍ଚର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ସାକ୍ଷାତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗତ ଜିଲ୍ଲା ସମ୍ମିଳନୀରେ ଗୃହୀତ ପ୍ରସ୍ତାବଗୁଡ଼ିକ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବରିଷ୍ଠ ନାଗରିକମାନଙ୍କୁ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାଭୁକ୍ତ କରିବା, ବାର୍ଦ୍ଧକ୍ୟ ଭତ୍ତା ମାସିକ ଏକ ହଜାର ଟଙ୍କାକୁ ବୃଦ୍ଧି ଓ ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରି ସ୍ଥାନୀୟ ପୁଲିସ ଅସହାୟ ପରିଚୟପତ୍ର ପ୍ରଦାନ କରିବା, ଜିଲାସ୍ତରରେ ଥିବା ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମାଧାନ ପ୍ରକୋଷ୍ଠକୁ ପୁନଃ କାର୍ଯ୍ୟକ୍ଷମ କରିବା ଓ ରେଳବିଭାଗ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ରେଳଯାତ୍ରା ସମୟରେ ଦିଆଯାଉଥିବା ରିହାତି ପୁନଃ ପ୍ରଚଳନ ଆଦି ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଗିରୀଶ ଚନ୍ଦ୍ର ଦାଶ, ବିଷ୍ଣୁ ପ୍ରସାଦ ମହାନ୍ତି, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ବିପ୍ଳବ କୁମାର ମହାନ୍ତି, ଦେବେନ୍ଦ୍ର ନାଥ ଚୌଧୁରୀ, ଶ୍ୟାମସୁନ୍ଦର ଜେନା, ଅନ୍ତର୍ଯ୍ୟାମୀ ପ୍ରଧାନ, ତ୍ରୀଦିବ କୁମାର ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା ଓ ରବି କୁମାର ପାଣିଗ୍ରାହୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯଶୋଦା ନନ୍ଦନ ଆଶ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଗୋଟିଏ ଦିନରେ ୫୪୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୪୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୯୮୧୮ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୬ ହଜାର ୭୭୪ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୬୭୩ ରହିଛି । ଆଜି ଚିହ୍ନଟ ହୋଇଥିବା ୫୪୯ ଜଣଙ୍କ ମଧ୍ୟରୁ ୩୧୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୩୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୯୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨ , ବାଲେଶ୍ୱରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨, ଭଦ୍ରକରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୫୦ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଓ ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୯ ଜଣ, ଯାଜପୁରରୁ ୧୩ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଖୋର୍ଦ୍ଧାରୁ ୨୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ଦୁର୍ନୀତି ନିବାରଣ ସଚେତନତା ସୃଷ୍ଟି ପାଇଁ ମିନି ମାରାଥନ

ବାଲେଶ୍ୱର,୨୭/୧୦ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବୁଧବାର ବାଲେଶ୍ୱର ସହରରେ ଗଣଦୌଡ (ମିନି ମାରାଥନ) ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀମାନେ ଏହି ସଚେତନତା ମାରାଥନରେ ସାମିଲ ହୋଇ ରେମୁଣା ଗୋଲେଇ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ପ୍ରାୟ ୫୦ଜଣ ଛାତ୍ରଛାତ୍ରୀ ଏହି ମାରାଥନରେ ଅଂଶଗ୍ରହଣ କରିଥିଲେ । ବାଲେଶ୍ୱର ଦୁର୍ନୀତି ନିବାରଣ ବିଭାଗ ଖଣ୍ଡ ଆରକ୍ଷୀ ଅଧୀକ୍ଷକ ନରହରି ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତି ସମ୍ପର୍କରେ ସଚେତନ ହୋଇ ଏହାର ମୂଳୋତ୍ପାଟନ ପାଇଁ ସମସ୍ତେ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଭିଜିଲାନ୍ସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପରମେଶ୍ୱର କିସାନ, ଭିଜିଲାନ୍ସ ଉପ-ଆରକ୍ଷୀ ଅଧୀକ୍ଷକ ସନ୍ତୋଷ କୁମାର ସାମନ୍ତରା, ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। । ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# ବ୍ଲକ ସ୍ତରୀୟ ସମନ୍ୱୟ ମେଳା : ୬୫୮ ଏସ୍.ଏଚ୍.ଜିଙ୍କୁ ୧୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରଣ ପ୍ରଦାନ



ଭଦ୍ରକ,୨୭/୧୦ (ନି.ପ୍ର): ମିଶନ ଶକ୍ତି ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଭଦ୍ରକ ବ୍ଲକର ଓଡିଶା ଜୀବିକା ମିଶନ ଦ୍ୱାରା ଆଜି ଟାଉନ୍ ହଲ୍ ଠାରେ ଭଦ୍ରକ ବ୍ଲକ ସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇ ଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାକୁ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ୍ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ଉପଧ୍ୟକ୍ଷା ଜ୍ୟୋତ୍ସ୍ନା ମଞ୍ଜରୀ ରାଉତ, ନାବାର୍ଡ଼ର ଜିଲ୍ଲା ଉନ୍ନୟନ ପରିଚାଳକ ପ୍ରମୋଦ କୁମାର ବେହେରା, ସାଂସଦ ଭଦ୍ରକଙ୍କ ପ୍ରତିନିଧି ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ ଜେନା, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୀତାଂଶୁ ସାହୁ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଭଦ୍ରକ ସଞ୍ଜୟ କୁମାର ବାରିକ ପ୍ରମୁଖ ଏହି ଋଣ ପ୍ରଦାନ ମେଳାରେ ଯୋଗ ଦେଇଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ବ୍ୟାଙ୍କର୍ସମାନେ ଏହି ମେଳାରେ ଅଂଶ ଗ୍ରହଣ କରିଥିଲେ । ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନା ମାଧ୍ୟମରେ ମହିଳାମାନେ ଆଜି ନିଜ ଗୋଡ଼ରେ ଛିଡ଼ା ହୋଇ ପାରିଛନ୍ତି। ସେମାନଙ୍କର ଆର୍ଥିକ ବିକାଶ ହେଲେ ପରିବାର ଓ ଦେଶର ବିକାଶ ହୋଇ ପାରିବ । ବ୍ୟାଙ୍କ ଜରିଆରେ ଋଣ ପ୍ରଦାନ ଦ୍ୱାରା ସେମାନେ ଅଧିକରୁ ଅଧିକ ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିବା ସହ ମିଶନ୍ ଶକ୍ତି କାର୍ଯ୍ୟାଳୟ ପାଇଁ ପୃଥକ୍ ଭାବେ ଭଦ୍ରକରେ ଖୁବ୍ ନିକଟରେ ଶୁଭ ଦିଆଯାଇ ମିଶନ ଶକ୍ତି ଭବନ ନିର୍ମାଣ ଆରମ୍ଭ କରାଯିବା ନେଇ ସୂଚନା ପ୍ରଦାନ କରିଥିଲେ । ଆଜି ର ଏହି ଋଣ ମେଳାରେ ୬୫୮ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୬ କୋଟି ୯ଲକ୍ଷ ୪୮ ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଓଡ଼ିଶା ଜୀବିକା ମିଶନ୍ ର ଭଦ୍ରକ ବ୍ଲକ୍ ପ୍ରକଳ୍ପ ପରିଚାଳକ ରଶ୍ମିତା ନାୟକ, ମିଶନ ଶକ୍ତିର ଭଦ୍ରକ ବ୍ଲକ୍ ପ୍ରକଳ୍ପ ସଂଯୋଜକ ସୁବ୍ରତ ନାୟକ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଜଳ ନିଷ୍କାସନ ଦାବିରେ ଆମରଣ ଅନଶନ ୩ୟ ଦିନରେ



ଜଳେଶ୍ୱର, ୨୭/୧୦(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନାମ୍ପୋ ଫାଣ୍ଡି ନିକଟରେ ପାଣି ରାସ୍ତା ଅବରୋଧ ହୋଇଥିବାରୁ ହଜାର ହଜାର ଏକର ଚାଷଜମି ନଷ୍ଟ ହୋଇଯାଇଛି । ଚଳିତବର୍ଷ ଲଗାଣ ବର୍ଷା ଫଳରେ ପାଣି ନିଷ୍କାସନ ହୋଇନପାରିବାରୁ ମାସ ମାସ ଧରି ବର୍ଷାପାଣି ଚାଷଜମିରେ ଲହଡି ଭାଂଗୁଛି । ଗ୍ରାମର କେତେକ ଲୋକଙ୍କ ଘରେ ପାଣି ପଶିଥିବା ବେଳେ ଚାଷୀମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ଅଦ୍ୟାବଧି ସମସ୍ୟାର ସମାଧାନ ହୋଇ ନ ପାରିବାରୁ ଚାଷୀମାନେ ପ୍ରଶାସନକୁ ଜଣାଇ ଜଳେଶ୍ୱର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ମଧ୍ୟାହ୍ନରୁ ଆମରଣ ଅନଶନରେ ବସିଛନ୍ତି । ମଂଗଳବାର ନିର୍ବାହୀଯନ୍ତ୍ରୀ ଆସି ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରୁ ନଥିବାରୁ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ସୂଚନାଯୋଗ୍ୟ ଆନ୍ଦୋଳନକାରୀ ଚାଷୀ ସୁଧିର ଭୂୟାଁ ମଂଗଳବାର ହଠାତ୍ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ତୁରନ୍ତ ଚିକିତ୍ସିତ କରାଯାଇଥିଲା । ଆନ୍ଦୋଳନକାରୀମାନେ ଉପଜିଲାପାଳ ଆଶିଷ ପାଟିଲ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନଯୋଗେ ଆଲୋଚନା କରିଥିଲେ ମଧ୍ୟ ତାହା ସୁଫଳ ମିଳିନାହିଁ । ଏହି ଆନ୍ଦୋଳନକୁ ବିଜେପି ପକ୍ଷରୁ ସମର୍ଥନ କରାଯାଇ ବହୁ କର୍ମୀ ଓ ନେତା ସାମିଲ ଥିବା ଜଣାଯାଇଛି । ଜଗଦିଶ ପ୍ରଧାନ, ବିଜୟ କୁମାର ପାତ୍ର, ଜ୍ୟୋତିବ୍ରହ୍ମ ଦେ, ସୁଧିର କୁମାର ଭୂୟାଁ, ପ୍ରଣବ ବାରିକ, ରବିନ୍ଦ୍ର ଜେନାଙ୍କ ସହିତ ବହୁ ଚାଷୀ ଅନଶନରେ ବସିଥିବା ଜଣାଯାଇଛି । ଏ ସମ୍ପର୍କରେ ସହକାରୀଯନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ପଚାରିବାରୁ ବଡ ପୋଲ ଠାରୁ କଟିପୋଲ ପର୍ଯ୍ୟନ୍ତ ଏକ କଂକ୍ରିଟ ନାଳ ନିର୍ମାଣ କରାଯିବା ସଂପର୍କରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ ।

# କଂଗ୍ରେସ ଭବନରେ ଏସ୍.ଏନ୍ ସୁବାରାଓଙ୍କ ପାଇଁ ଶୋକ ସଭା

ଭୁବନେଶ୍ୱର,୨୭/୧୦ (ନି.ପ୍ର): ଭାରତ ବର୍ଷର ଅନନ୍ୟ ପ୍ରତିଭା ଯୁବକ ମାନଙ୍କ ପ୍ରେରଣାର ପ୍ରତୀକ ରାଷ୍ଟ୍ରୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ତଥା ବିଶିଷ୍ଟ ଗାନ୍ଧୀବାଦୀ ନେତା ଡଃ ଏସ୍.ଏନ୍ ସୁବାରାଓଙ୍କ ବିୟୋଗରେ ରାଜ୍ୟ କଂଗ୍ରେସ ସେବାଦଳ ପକ୍ଷରୁ କଂଗ୍ରେସ ଭବନ ଠାରେ ଏକ ଶୋକ ସଭା ରାଜ୍ୟ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭିକ ସୂଚନାରେ ପ୍ରଦେଶ କଂଗ୍ରେସ ଉପସଭାପତି ଯଜ୍ଞେଶ୍ୱର ବାବୁ ସୁବାରାଓ ଜୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ଯୁବକମାନଙ୍କ ପାଇଁ ସୁବାରାଓଜୀଙ୍କ ବାର୍ତ୍ତା ଥିଲା ଏକ ଘଂଟା ଦେହ ପାଇଁ ଓ ଏକ ଘଂଟା ଦେଶ ପାଇଁ। ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ, ସଂପାଦକ ପଦ୍ମାକରୁ ଗୁରୁ, କଂଗ୍ରେସ ନେତା ଆଲୋକ ମହାନ୍ତି, ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରକାଶ ମିଶ୍ର, ଏମଡି ଶାହାଦୁଲ୍ଲା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇ ସୁବାରାଓଜୀଙ୍କୁ ଜଣେ ଗାନ୍ଧୀ ବାଦର ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ ବୋଲି କହିଥିଲେ। ଶେଷରେ ପରଲୋକଗତ ଆତ୍ମାର ଶାନ୍ତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୧୮ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦୁଝର ଓ ଅନୁଗୁଳ ଜିଲ୍ଲାରେ ୧-୧ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ଦକ୍ଷତା ତାଲିମ ଅନୁଷ୍ଠାନ ପରିଦର୍ଶନ କଲେ ସୁବ୍ରତ ବାଗ୍‌ଚୀ

ଭୁବନେଶ୍ୱର,୨୭/୧୦ (ନି.ପ୍ର): ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଭୁବନେଶ୍ୱରସ୍ଥିତ ଟେକ୍‌ସ୍ୱର ମାନେଜମେଂଟ ସରଭିସେସ ପ୍ରାଇଭେଟ୍ ଲିମିଟେଡ୍ ସ୍କିଲ ପ୍ରଶିକ୍ଷଣ ସଂସ୍ଥା ପରିଦର୍ଶନରେ ଯାଇଥିଲେ। ଏଠାରେ ସଂକଳ୍ପ ଯୋଜନାରେ ଦକ୍ଷତା ତାଲିମ ନେଉଥିବା ଯୁବକଯୁବତୀଙ୍କ ସହ ସେ ଆଲୋଚନା କରିଥିଲେ । ଶ୍ରୀ ବାଗ୍‌ଚୀ ତାଲିମ ଅନୁଷ୍ଠାନର ଭିତିଭୂମି ଦେଖିବା ସହ ପ୍ରଦାନ କରାଯାଉଥିବା ତାଲିମ ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ, ପିନାକୀ ପଟ୍ଟନାୟକ ଏବଂ ଟେକ୍‌ସ୍ୱର ମାନେଜମେଂଟ ସରଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଅଜିତ ନାରାୟଣ ମହାପାତ୍ର ଉପସ୍ଥିତ ଥିଲେ। ସୂଚନା ଥାଉ କି ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧୀନରେ ଢେଙ୍କାନାଳ ଜିଲ୍ଲାର ୩୭ ଜଣ ଯୁବକଯୁବତୀ "ସଂକଳ୍ପ" ଯୋଜନାରେ ଏଠାରେ ସୁରକ୍ଷା ସେବା ପ୍ରଦାନ ତାଲିମ ନେଉଛନ୍ତି । ସଂକଳ୍ପ ଯୋଜନା ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରାଳୟର ଜୀବିକା ପ୍ରୋତ୍ସାହନ ପାଇଁ ଦକ୍ଷତା ହାସଲ ଏବଂ ଜ୍ଞାନ ସଚେତନତା ପ୍ରଦାନ ଭିତିକ ଏକ କାର୍ଯ୍ୟକ୍ରମ ଅଟେ।

# ଗାଁରେ ବୁଲୁଥିଲା କରତକଳ ବନବିଭାଗର ଚଢ଼ାଉ : ମାଲିକ ଫେରାର



ରୂପସା,୨୭/୧୦ (ନି.ପ୍ର): ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବସ୍ତା ଥାନା ଅର୍ନ୍ତଗତ ବାସୁଚକୁରାଇ ଗ୍ରାମରେ ବେଆଇନ କରତକଳ ଠାବକରାଯାଇଛି କ୍ଷ ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା ଙ୍କ ନେତୃତ୍ୱ ରେ ବାଲେଶ୍ୱର ଓ ଲଙ୍ଗଳେଶ୍ୱର ଫରେଷ୍ଟର ଓ ବସ୍ତା ଥାନା ପୋଲିସ ସହାୟତା ରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କା ର ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ ହୋଇଛି । ସୂଚନା ରୁ ପ୍ରକାଶ ବସ୍ତା ଥାନା ବାସୁଚକୁରାଇ ଗ୍ରାମର ଅଭିନ୍ଦ୍ର ସେନାପତି ଦିର୍ଘ ଦିନ ଧରି ଗାଁ ଗାଁରେ ବୁଲି ଟ୍ରଲି ରେ ଇଂଞ୍ଜୀନ ଚାଳିତ କରତକଳ ଫିଟିଙ୍ଗ କରି ଚଲାଇ ଆସୁଥିଲେ । ଯୋଉଠୁ ଦରକାର ପଡୁଥିଲା ସେଠି ପହଞ୍ଚୁଥିଲା ଏହି ଟ୍ରଲି ରେ ପ୍ରସ୍ତୁତ ଇଂଞ୍ଜୀନ କରତକଳ କ୍ଷ ବନବିଭାଗକୁ ଚକମା ଦେଇ ଅଭିନବ ଉପାୟରେ ଇଂଜିନ ଚାଳିତ ଟଲି ରେ କରତକଳ ପ୍ରସ୍ତୁତ କରି ବେଆଇନ ଭାବେ ବେଧଡ଼କ କରତକଳ ଚାଲୁଥିଲା କ୍ଷ ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗର ୧୩ ଜଣିଆ ଟିମ୍ ସହ ବସ୍ତା ପୋଲିସ ବାସୁଚକୁରାଇ ଗ୍ରାମର ଅଭିନ୍ଦ୍ର ସେନାପତିଙ୍କ ନିଜ ଶଶୁର ଶ୍ରୀକାନ୍ତ ରଣା ଙ୍କ ଘରେ ଚଢ଼ାଉ କରିଥିଲା । ଲକ୍ଷାଧିକ ଟଙ୍କା ର ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ କରିଛି । ଘଟଣା ସ୍ଥଳ ରୁ ମାଲିକ ଫେରାର ହୋଇଯାଇଥିବା ଜଣାପଡିଛି କ୍ଷ ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ।

# 'ଉତ୍ତର ଓଡ଼ିଶା ସହୋଦୟ ସ୍କୁଲ ସଂଘ' କର୍ମଶାଳା

ବାଲେଶ୍ୱର,୨୭/୧୦ (ନି.ପ୍ର): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ଶିକ୍ଷାନୀତିରେ ପରିଚାଳିତ ବିଦ୍ୟାଳୟଗୁଡ଼ିକୁ ନେଇ ଗଠିତ 'ଉତ୍ତର ଓଡ଼ିଶା ସହୋଦୟ ସ୍କୁଲ ସଂଘ'ର ଏକ କର୍ମଶାଳା ସ୍ଥାନୀୟ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ପ୍ରଭୃତି ଜିଲାରୁ ୨୫ ଗୋଟି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଏଥିରେ ଯୋଗଦେଇଥିଲେ। ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ବାତବରଣ ସୃଷ୍ଟି ସାଙ୍ଗକୁ ସାମୂହିକ ଭବେ ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ସମସ୍ତେ ସହମତି ପ୍ରକାଶ କରିଥିଲେ। ବିଶେଷ ପରସ୍ପର ମଧ୍ୟରେ ପ୍ରତିଯୋଗୀ ମନୋଭାବ ଦୂରେଇ ସହଯୋଗ ଭିତ୍ତିରେ ଶୈକ୍ଷିକ ପରିବେଶ ସୃଷ୍ଟି ଓ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ଉପରେ ଉପସ୍ଥିତ ବିଭିନ୍ନ ସ୍କୁଲର ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ। ଉତ୍ତର ଓଡ଼ିଶା ସହୋଦୟ ସ୍କୁଲ ସଂଘର ସଭାପତି ତଥା ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଶିକ୍ଷାବିତ ସୁଧାଂଶୁ ଶେଖର ପଣ୍ଡା ଏହି କର୍ମଶାଳାରେ ଅଧ୍ୟକ୍ଷତା କରିବା ସହିତ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସଂଘର ସମ୍ପାଦିକା ବରିପଦା ବିବେକାନନ୍ଦ ବିଦ୍ୟାଳୟର ଅଧ୍ୟକ୍ଷା ବୀଣା ଦାସ ସଂଗଠନର ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ ସନ୍ୟାସୀ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଉଁଝରରୁ କିରଣବାଳା ସାହୁ, ଜୟନ୍ତୀ ହୋତା, ରଞ୍ଜନ କୁମାର କର, ହିମାଂଶୁ ଶେଖର ଘଡ଼େଇ, ମୟୂରଭଞ୍ଜରୁ ଫାଦର ରାଜେଶ ଚାକୋ, କୃତୀବାସ ଦସ, ଫାଦର ବିର୍ଘେଷ, ବିଷ୍ଣୁ ଅଗ୍ରୱାଲ, ଭଦ୍ରକରୁ ଜିନି ଜୋଶେଫ, ସୁଧିଷ୍ଠିର ଦେବତା, ପିସି ମାଲି ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାଲେଶ୍ୱରରେ ଋଣ ସମ୍ପ୍ରସାରଣ ଶିବିର
# ୪୦୯୯ଜଣଙ୍କୁ ୧୦୬.୧୭ କୋଟିର ଋଣ ପ୍ରଦାନ




ବାଲେଶ୍ୱର,୨୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅଗ୍ରଣୀ ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟାଙ୍କ ସମୂହଙ୍କ ପକ୍ଷରୁ ଋଣ ସମ୍ପ୍ରସାରଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହାକୁ ଉଦଘାଟନ କରଥିଲେ। ଜନସାଧାରଣଙ୍କ ନିକଟରେ ବ୍ୟାଙ୍କ ସେବା ଉପଲବ୍ଧ ସାଙ୍ଗକୁ ସହଜ ଋଣପ୍ରଦାନ କ୍ଷେତ୍ରରେ ବ୍ୟାଙ୍କ ସମୂହଙ୍କ ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ମହାମାରୀ କରୋନାରେ ପ୍ରଭାବିତ ଅର୍ଥନୀତିକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବାରେ ସରକାରଙ୍କ ଏହି କାର୍ଯ୍ୟକ୍ରମ ବେଶ ସ୍ୱାଗତଯୋଗ୍ୟ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ତେବେ ବ୍ୟାଙ୍କରୁ ନେଉଥିବା ଋଣଅର୍ଥକୁ ହିତାଧିକାରୀମାନେ ଉଚିତ ମାର୍ଗରେ ବିନିଯୋଗ ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଅଞ୍ଚଳ ପ୍ରବନ୍ଧକ ନିଶିକାନ୍ତ ସିଂ, ନାବାର୍ଡ଼ ଜିଲା ଉନ୍ନୟନ ଅଧିକାରୀ ତାପସ ପ୍ରଧାନ, ୟୁନିୟନ ବ୍ୟାଙ୍କ କ୍ଷେତ୍ରୀୟ ପ୍ରବନ୍ଧକଶଙ୍କର ହେମ୍ବ୍ରମ, ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ସୁଦୀପ ଡାକୁଆ ପ୍ରମୁଖ ଶିବିର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଋଣ ସମ୍ପ୍ରସାରଣ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତ ସରକାରଙ୍କ ଅର୍ଥନୈତିକ ସେବା ବିଭାଗ ନିର୍ଦ୍ଦେଶ କ୍ରମେ ଏହି ଋଣ ସମ୍ପ୍ରସାରଣ ଶିବିର ଆୟୋଜିତ ହୋଇଥିବା ବେଳେ ସର୍ବସାଧାରଣ ସହଜରେ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବ୍ୟାଙ୍କ ଅଧିକାରୀମାନେ କହିଥିଲେ । ଏହି ଶିବିରରେ ପିଏମଇଜିପି, ମୁଦ୍ରା ଋଣ, ପିଏମ ଷ୍ଟ୍ରିଟ୍ ଭେଣ୍ଡର, ପିଏମ ଖାଦ୍ୟ ପ୍ରକ୍ରିୟାକରଣ, ପିଏମ କିଶାନ ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆବେଦନକାରୀଙ୍କୁ ଋଣ ମଞ୍ଜୁରି କରାଯାଇଥିଲା। ଏହି ଶିବିରରେ ୪୦୯୯ ଜଣ ହିତାଧିକାରୀଙ୍କୁ ବିଭିନ୍ନ ବ୍ୟାଙ୍କ ତରଫରୁ ୧୦୬.୧୭କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।

# ସୁରେଶ ସମାବେଶ ୨୦୨୧ ଅନୁଷ୍ଠିତ




ଭୁବନେଶ୍ୱର,୨୭/୧୦ (ନି.ପ୍ର): ସୁରେଶ ବଳବନ୍ତରାୟ ଫାଉଣ୍ଡେସନ ଆନୁକୂଲ୍ୟରେ ଗାଳ୍ପିକ, କଵି, ନାଟ୍ୟକାର ସଂସ୍କୃତି ଗବେଷକ ସ୍ୱର୍ଗତଃ ସୁରେଶ ବଳବନ୍ତ ରାୟଙ୍କର ୬୭ତମ ଜୟନ୍ତୀ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ହରେକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଓ ଡ. ଅଜୟ କୁମାର ମିଶ୍ର ପ୍ରମୁଖ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସଂସ୍କୃତି, ସାହିତ୍ୟ ଏବଂ ସ୍ୱର୍ଗତଃ ବଳବନ୍ତ ରାୟଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ଚଳିତବର୍ଷର ସୁରେଶ ସୃଜନ ସମ୍ମାନ ବିଶିଷ୍ଟ ଚଳଚ୍ଚିତ୍ର ସମୀକ୍ଷକ ଓ ଗବେଷକ ସୂର୍ଯ୍ୟଦେଓଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସଂପାଦିକା ଡ. ଅନ୍ୟାଅନନ୍ୟା ସ୍ୱାଗତଭାଷଣ ପ୍ରଦାନ କରିଥିଲାବେଳେ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ ଭାଷାବିତ୍ ଡକ୍ଟର ଦେବାଶିଷ ମହାପାତ୍ର। ଏହି ସଭାରେ ବହୁ କବି, ଲେଖକ, ସଂସ୍କୃତି ବିଶେଷଜ୍ଞ ଯୋଗ ଦେଇଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo